ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୬
ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟ

ବ୍ଲକ୍

## ୪ ଆଧୁନିକ ଓଡ଼ିଆ କବିତା

ପ୍ରଥମ ଏକକ : (କ) ବାଜିରାଉତ - ସଚ୍ଚି ରାଉତରାୟ
(ଖ) ଆସିଛି ମୁଁ ଆସିଚି - ଅନନ୍ତ ପଟ୍ଟନାୟକ

ଦ୍ୱିତୀୟ ଏକକ :(କ) ଅକ୍ରୁର ଉବାଚ - ଗୁରୁ ପ୍ରସାଦ ମହାନ୍ତି
(ଖ) ନଈ ଆରପାରି - ଭାନୁଜୀ ରାଓ

ତୃତୀୟ ଏକକ : (କ) ଶ୍ରୀରାଧା - ରମାକାନ୍ତ ରଥ
(ଖ) ଭାରତ ବର୍ଷ - ସୀତାକାନ୍ତ ମହାପାତ୍ର

ଚତୁର୍ଥ ଏକକ : (କ) ତନ୍ମୟ ଧୂଳି - ପ୍ରତିଭା ଶତପଥୀ
(ଖ) ଆକାଶ ପରି ନିବିଡ଼ - ସୌରୀନ୍ଦ୍ର ବାରିକ

## ବିଶେଷଜ୍ଞ ପରିଷଦ


| | |
|---|---|
| **ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**<br>ଅଧ୍ୟକ୍ଷ | ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର। |
| **ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| **ଡକ୍ଟର ବିଜୟ କୁମାର ମହାନ୍ତି**<br>ସଦସ୍ୟ | ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ବସନ୍ତ କୁମାର ପଣ୍ଡା**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର। |
| **ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର,ବୁର୍ଲା। |
| **ଡକ୍ଟର ଅନାଦି ଚରଣ ଗାଁଣ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର। |
| **ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**<br>ସଦସ୍ୟ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର। |
| **ଡକ୍ଟର ଦିଲ୍ଲୀପ କୁମାର ନାୟକ**<br>ଆବାହକ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା। |


### ଲେଖକ


ଡକ୍ଟର ବିଜୟଲକ୍ଷ୍ମୀ ଦାଶ

ଆସିଷ୍ଟାଣ୍ଟ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ, ଓଡ଼ିଶା



## *ପ୍ରକାଶକ*

**ଡକ୍ଟର ଜୟନ୍ତ କରଶର୍ମା**

କୁଳସଚିବ

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2019. **Adhunik Odia Kabya Sahitya** is made available under Creative Commons Attribution-ShareAlike 4.0http : creative commons.org/ licences/by-sa/4.0

# ପ୍ରଥମ ଏକକ : (କ)
# 'ବାଜିରାଉତ' (ପ୍ରଥମାଂଶ) - ସଚ୍ଚି ରାଉତରାୟ

**ବିଷୟ ଗଠନ :**

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପ୍ରବେଶ
୧.୪ କବି ସଚ୍ଚିଦାନନ୍ଦ ରାଉତରାୟ
୧.୫ ବାଜିରାଉତ ଆଲୋଚନା
୧.୬ ବାଜିରାଉତ ଖଣ୍ଡକାବ୍ୟର ଆଙ୍ଗିକ ବୈଶିଷ୍ଟ୍ୟ
୧.୭ ବାଜିରାଉତ (ପାଠ)
୧.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୧.୯ ସହାୟକ ଗ୍ରନ୍ଥସୂଚୀ

## ୧.୧ ପଠନର ଉଦ୍ଦେଶ୍ୟ

ଆଧୁନିକ କବିତା କ୍ଷେତ୍ରରେ କବି ସଚ୍ଚିଦାନନ୍ଦ ରାଉତରାୟ ଜଣେ ବିଶିଷ୍ଟ କାବ୍ୟ ପ୍ରତିଭା। ଜଣେ ସମାଜ ସଚେତନଶୀଳ ପ୍ରଗତୀବାଦୀ କବି ଭାବରେ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। 'ବାଜିରାଉତ', କବି ସଚ୍ଚିଦାନନ୍ଦଙ୍କର ଏକ ଉଲ୍ଲେଖନୀୟ ସୃଷ୍ଟି। 'ବାଜିରାଉତ' ପାଠକଲେ ୧୯୩୮ ମସିହାର ଢେଙ୍କାନାଳର ପ୍ରଜା ଆନ୍ଦୋଳନରେ ସ୍ମୃତି ଜାଗ୍ରତ ହୋଇଉଠେ। ଏଇ ଆନ୍ଦୋଳନରେ ନାୟକଥିଲା ବାଜିରାଉତ। ବ୍ରିଟିଶ ସେନାଙ୍କ ଗୁଳିରେ ହସିହସି ମୃତ୍ୟୁବରଣ କରିଥିଲା। ବାଜିରାଉତ ବାରବର୍ଷର ବାଳକ। ଅଥଚ ସେ ବ୍ୟକ୍ତି ବିଶେଷ ନୁହେଁ। ସେ ଏକ ଚେତନା ଇତିହାସର ଏହି ସ୍ମୃତିକୁ ପୁନଃ ଜାଗ୍ରତ କରିବା ସହିତ ବିଦ୍ୟାର୍ଥୀମାନଙ୍କୁ ଆମ ଓଡ଼ିଶାର ସଂଗ୍ରାମୀ ପୁରୁଷମାନଙ୍କ ସମ୍ପର୍କରେ ଅବଗତ କରାଇ ଦେବା ପଠନର ଉଦ୍ଦେଶ୍ୟ।

## ୧.୨ ଶିକ୍ଷଣୀୟ ବିଷୟ

(କ) ଏହି ଏକକଟି ପାଠ କଲା ପରେ -

- କବି ସଚ୍ଚିଦାନନ୍ଦ ରାଉତରାୟଙ୍କ କବି ପ୍ରତୀଭାର ପରିଚୟ ପାଇପାରିବା।
- ସବୁଜ ପ୍ରଭାବିତ ରୋମାଣ୍ଟିକ ଚେତନା ସମ୍ପର୍କରେ ଜାଣିପାରିବା।
- ପ୍ରଗତିଶୀଳ ଚିନ୍ତନଧର୍ମୀ ଓ ପ୍ରୟୋଗଧର୍ମୀ କବିତା ସମ୍ପର୍କରେ ଜ୍ଞାନଲାଭ କରିପାରିବା।

## ୧.୩ ବିଷୟ ପ୍ରବେଶ

'ବାଜିରାଉତ' ଏକ ଆବେଗଧର୍ମୀ ଜାତୀୟତା ମୂଳକ ବୈପ୍ଳବିକ କବିତା। ଏହାର ଆବେଗ ପ୍ରବଣତା କବିତାଟିକୁ ରସସିକ୍ତ କରିଛି। ଢେଙ୍କାନାଳର ରାଜାଶାସନରେ ପ୍ରଜାମାନେ ନିର୍ଯ୍ୟାତିତ ହେଉଥିଲେ। ଏହି ନିର୍ଯ୍ୟାତନା ବିରୋଧରେ ଗଡ଼ଜାତ ଅଞ୍ଚଳରେ ଦେଖାଦେଲା ଜନଜାଗରଣ ବିପ୍ଳବୀ ଜନସାଧାରଣ ମୃତ୍ୟୁକୁ ଭୟ ନକରି ସଂଗ୍ରାମରେ ଝାସ ଦେଲେ। ଏହିସମୟରେ ବ୍ରିଟିଶ୍ ଉଜ ମଧ୍ୟ ଢେଙ୍କାନାଳ ଆସିବା ପାଇଁ ଯୋଜନା ଚଳାଇଥାନ୍ତି। ପ୍ରଜା ଆନ୍ଦୋଳନର ଆଦେଶମାନି ବାଜିରାଉତ ବ୍ରିଟିଶ ଫଉଜକୁ ନଦୀପାର କରାଇ ଦେଲାନାହିଁ। ଶେଷକୁ ବନ୍ଧୁକ ଗୁଳିରେ ନିଜେଟଳି ପଡ଼ିଲା।

କବିତାଟି କବି ସଚ୍ଚିଦାନନ୍ଦଙ୍କର କବିତ୍ୱର ଯଥାର୍ଥ ନିଦର୍ଶନ। ଏଥିରୁ ତାଙ୍କର ଜାତୀୟତାବାଦୀ ଦୃଷ୍ଟିକୋଣ ବୈପ୍ଳବିକ ଓ ମାନବିକ ଆବେଦନ, ନୂତନ ଛନ୍ଦ ପ୍ରୟୋଗ, ଚିତ୍ରକଳ୍ପ, ପ୍ରତୀକ ଓ ଭାଷା ପ୍ରୟୋଗ ବିଧି ସଂପର୍କରେ ଆଲୋଚନା କରାଯିବ।

## ୧.୪ କବି ସଚ୍ଚିଦାନନ୍ଦନ ରାଉତରାୟ

କବି ସଚ୍ଚିଦାନନ୍ଦ ରାଉତରାୟ ୧୯୧୬ ମସିହା ମେ ମାସ ୧୩ ତାରିଖ ଦିନ ଖୋର୍ଦ୍ଧା ଜିଲ୍ଲାର ଗୁରୁବଂଗ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ସେ ଥିଲେ ଏକାଧାରରେ ଏକ ନୂତନ ସମୟଖଣ୍ଡର ପୁରୋଧା, କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ। କବିଙ୍କର ସାହିତ୍ୟ ସର୍ଜନାର ପୃଷ୍ଠପଟରେ ଥିଲା ତତ୍‌କାଳୀନ ସମୟରେ ଦେଖାଦେଇଥିବା ଆନ୍ଦୋଳନର ଚିତ୍ର, କିଶୋର ଅବସ୍ଥାରୁ ସ୍ୱାଧୀନତା ସଂଗ୍ରାମରେ ସେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାର ଗଡ଼ଜାତ ଅଂଚଳରେ ରାଜା, ଜମିଦାର ମାନଙ୍କ ଅତ୍ୟାଚାରୀ ଶାସନ ବିରୋଧରେ ଆନ୍ଦୋଳନ ଅରମ୍ଭ କରିଥିଲେ। ୧୯୩୨ ମସିହାରେ କବି କଲିକତାରେ ଥିବା ସମୟରେ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇ ବନ୍ଦୀ ହୁଅନ୍ତି। ଏହାପରେ ସେ କଟକ ଚାଲିଆସନ୍ତି। ରେଭେନ୍‌ସା କଲେଜରେ ନାମ ଲେଖାନ୍ତି। ଓଡ଼ିଶାରେ ରହଣି ତାଙ୍କୁ ଗଡ଼ଜାତ ଆନ୍ଦୋଳନ ଓ ଛାତ୍ର ଆନ୍ଦୋଳନ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହେବାର ସୁଯୋଗ ପ୍ରଦାନ କରେ। ଏହାପରେ ସେ ନିଖିଳ ଭାରତୀୟ କୃଷକ ସଂଘ ଓଡ଼ିଶା ଶାଖାର ସଂପାଦକ ଭାବରେ ନିଯୁକ୍ତ ହୁଅନ୍ତି। ଏହି ସମୟ ମଧ୍ୟରେ ଓଡ଼ିଶାରେ (୧୯୩୫) 'ନବଯୁଗ ସାହିତ୍ୟ ସଂସଦ', ୧୯୩୬ ମେ' ମାସରେ ପ୍ରକାଶ ପାଉଥିବା 'ଆଧୁନିକ' ପତ୍ରିକାର ନିବିଡ଼ ସଂସ୍ପର୍ଶରେ ଆସି ସାରିଥିଲେ। କବି ରାଉତରାୟ ମଧ୍ୟ ଏହାର ପ୍ରତିନିଧିତ୍ୱ କରିଥିଲେ।

୧୯୨୯ ମସିହାରୁ କବି କବିତା ରଚନା କ୍ଷେତ୍ରରେ ମନୋନିବେଶ କରନ୍ତି। ସେ ସମୟରେ ତାଙ୍କର କବିତା ଗୁଡିକ 'ନବୀନ', 'ସହକାର', 'ଉତ୍କଳ ସାହିତ୍ୟ', ଆଦି ପତ୍ରିକାରେ ଆତ୍ମପ୍ରକାଶ କରିଥିଲା। ପ୍ରାଥମିକ ପର୍ଯ୍ୟାୟର କବିତାରେ ସବୁଜ ଯୁଗୀୟ କାବ୍ୟ କବିତାର ପ୍ରଭାବ ସ୍ପଷ୍ଟ ଜାଣିହୁଏ। ୧୯୩୧ ମସିହାରେ କିଶୋର ସୁଲଭ ତାରୁଣ୍ୟର ଉଚ୍ଛ୍ୱାସ, ଆବେଗ, ଅନୁଭୂତିକୁ ନେଇ 'ପାଥେୟ' ସଙ୍କଳନ ପ୍ରକାଶ ପାଏ। ସବୁଜ ଯୁଗୀୟ ରୋମାଣ୍ଟିକ୍ ଭାବାବେଗ ସହିତ ରବୀନ୍ଦ୍ର କାବ୍ୟ ମାନସର ପ୍ରତିଫଳନ ଏବଂ ଉଦାର ନୈତିକ ମାନବତାବାଦର

ଏକ ମିଶ୍ରିତ ରୂପ ଦେଖିବାକୁ ମିଳେ। ୧୯୩୫ ମସିହାବେଳକୁ କବିଙ୍କ କାବ୍ୟସ୍ୱରରେ ପରିବର୍ତ୍ତନ ଦେଖାଯାଏ। ଏହାର ସୂଚନା ସେହି ବର୍ଷ ପ୍ରକାଶ ପାଇଥିବା ଦୁଇଟି କବିତା 'ଶ୍ରମିକର ଶ୍ରୀପଞ୍ଚମୀ' ଓ 'ଶ୍ରମିକ କବି'ରୁ ପ୍ରମାଣ ମିଳେ। ୧୯୩୬ ମସିହାରେ ରଚିତ 'ବାର୍ତ୍ତା' 'ସହର ତଳିର ଉଷା' ଇତ୍ୟାଦି କବିତା ମଧ୍ୟ ଅନୁରୂପ ବାର୍ତ୍ତା ବହନକାରୀ। ଏଇ କବିତାରେ କବି ଶୋଷିତ ପୀଡ଼ିତ ପ୍ରାଣର ବ୍ୟଥାକୁ ହୃଦୟଙ୍ଗମ କରିବା ସହିତ ସମାଜରେ ଶୋଷକ ଓ ଶୋଷିତ ମଧ୍ୟରେ ଥିବା ତାରତମ୍ୟର ପ୍ରାଚୀରକୁ ଭଙ୍ଗ କରିବାର ପ୍ରତିଶ୍ରୁତି ଉପଲବ୍ଧ। ଏହାପରେ ୧୯୩୮ ମସିହାରେ 'ଅଭିଯାନ' ସଂକଳନ ପ୍ରକାଶ ପାଏ। ସଂକଳନସ୍ଥ କବିତାରେ କବି, ଭାଗ୍ୟବାଦର ଦ୍ୱାହିଦେଇ ଧର୍ମୀୟ ଖୋଳପା ପରିହିତ ଧନୀ ସମାଜପତି ଗୋଷ୍ଠୀଙ୍କର କୁତ୍ସିତ କାର୍ଯ୍ୟକଳାପ ବିରୋଧରେ ବିଦ୍ରୋହର ଆହ୍ୱାନ ଦେଇଛନ୍ତି।

୧୯୩୨-୧୯୩୪ ମସିହା ମଧ୍ୟରେ ପଲ୍ଲୀ ଜୀବନର ବିବିଧ ଦୃଶ୍ୟ ଓ ଘଟଣାବଳୀକୁ ନେଇ ରଚିତ କବିତା ଗୁଡ଼ିକ '୧୯୪୨' ମସିହାରେ 'ପଲ୍ଲିଶ୍ରୀ' ସଙ୍କଳନରେ ସଙ୍କଳିତ। ୧୯୩୫ ମସିହାରେ ପଲ୍ଲୀ ଜୀବନର ଚିତ୍ରକୁ ନେଇ 'ଚିତ୍ରଗ୍ରୀବ' ଉପନ୍ୟାସ ରଚିତ ୧୯୩୮ ମସିହାରେ 'ବାଜିରାଉତ' କବିତା ପୁସ୍ତକ ପ୍ରକାଶ ପାଇଲା। ୧୯୪୦ -୧୯୪୨ ମସିହା ମଧ୍ୟରେ ଗଳ୍ପ ସଙ୍କଳନ:- 'ମଶାଣିର ଫୁଲ', 'ମାଟିର ପଦ', 'ଅନ୍ଧାରୁଆ', 'ଆଙ୍ଗୁଠି, 'ରାଜାପୁଅ', 'ମଲାକଇ' ଇତ୍ୟାଦି ପ୍ରକାଶ ପାଇଲା।

୧୯୪୭-୧୯୫୧ ମସିହା ମଧ୍ୟରେ କବି ସଚ୍ଚିଦାନନ୍ଦ ଓଡ଼ିଆ କବିତାରେ ନୂତନତାର ଆବାହନ କରିଛନ୍ତି। ବାକ୍‌ରୀତି ସଂଗେ କାବ୍ୟରୀତିର ସମନ୍ୱୟ ତାଙ୍କ କବିତାରେ ବୈଶିଷ୍ଟ୍ୟ। ମୁକ୍ତଛନ୍ଦ ଓ ଗଦ୍ୟଛନ୍ଦର ପ୍ରବର୍ତ୍ତନ ସାଙ୍ଗକୁ ଉପମା, ଚିତ୍ରକଳ୍ପର ପ୍ରୟୋଗ ସଚ୍ଚିରାଉତରାୟଙ୍କ କବିତାକୁ ସ୍ୱାତନ୍ତ୍ର ପ୍ରଦାନ କରିଛି।

## ୧.୫ 'ବାଜିରାଉତ' ଆଲୋଚନା

୧୯୩୮ ମସିହାରେ 'ବାଜିରାଉତ' ସଙ୍କଳନଟି ପ୍ରକାଶିତ। 'The boatman boy and other poems' ନମରେ ଏହାର ଇଂରାଜୀ ଅନୁବାଦ କରାଯାଇଛି। ଶ୍ରୀ ରବୀନ୍ଦ୍ରନାଥ ଚଟ୍ଟୋପାଧ୍ୟୟଙ୍କ ଦ୍ୱାରା ଏହା ଅନୁବାଦ କାର୍ଯ୍ୟ ସଂପନ୍ନ କରାଯାଇଥିଲା। କବି ରାଉତରାୟଙ୍କ ଦୃଷ୍ଟିରେ ବାଜିରାଉତ ଏକ ସାଧାରଣ ଯୁବକ ମାତ୍ର ନୁହେଁ। ସେ ଏ ଦେଶର,ଏଜାତିର ଏକ ବୃହତ୍ତମ ଅନୁଷ୍ଠାନ। 'ବାଜିରାଉତ' ହିଁ କବିତାର ଆରମ୍ଭ ଓ ଶେଷ। ଢେଙ୍କାନାଳର ନୀଳକଣ୍ଠପୁର ଗାଁ ର ଏକ ଗରୀବ ଖଣ୍ଡାୟତ ପରିବାରରେ ତା'ର ଜନ୍ମ। ୧୯୩୮ ମସିହାରେ ଢେଙ୍କାନାଳର ପ୍ରଜା ଆନ୍ଦୋଳନ ଆରମ୍ଭ ହୁଏ। ଅତ୍ୟାଚାର, ଅନ୍ୟାୟ ଅଂଧାରୀ ଶାଶନରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ସାଧାରଣ ଜନତା ଶପଥ ନିଅନ୍ତି। ଅଧରାତିରେ ପୁଲିସ ଫୌଜ ଭୁବନ ଗାଁରୁ ଫେରିଥାଆନ୍ତି। ଆଗରେ ବ୍ରାହ୍ମଣୀ ନଈ। ନଈ ପାର କରିବା ପାଇଁ ଘାଟ ଜଗିଥିବା ବାଜିରାଉତକୁ ଡଙ୍ଗା ମାଗନ୍ତି। ନିର୍ଭୀକ ୧୨ ବର୍ଷର ବାଳକ ଜବାବ୍ ଦିଏ ପ୍ରଜାମଣ୍ଡଳର ବିନା ଅନୁମତିରେ ଡଙ୍ଗା ଛାଡ଼ିବା ନାହିଁ। ସଙ୍ଗେ ସଙ୍ଗେ ଫଉଜ ଗୁଳିର ଶିକାର ହୁଏ ବାଜିରାଉତ। ପ୍ରଜାମଣ୍ଡଳର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଆସି ପହଞ୍ଚିଯାଆନ୍ତି। ନଟ,ଫଗୁ,ହୁରୁଷୀ,ଗୁରି, ରଘୁ,ଲକ୍ଷ୍ମଣ। ସମସ୍ତେ ଏକ ଏକ ଟାଣୁଆ ଗଛପରି ଡଙ୍ଗା ଦଉଡିକୁ ଧରି ଠିଆ ହୋଇ ରହନ୍ତି। ପୋଲିସ୍ ହୟଡଙ୍ଗା ଦଉଡ଼ିକୁ ଛୁରିରେ କାଟିବାକୁ ସକ୍ଷମ ହୁଏ। ତା'ପରେ ଡଙ୍ଗା ନେଇ ମଝି ନଈରେ ଆସି ପୟଞ୍ଚିଯାଆନ୍ତି ଫଉଜମାନେ।

ଏହାପରେ ମଝି ନଈରେ ଭାସିଆସେ ଫଉଜ ମାନଙ୍କର ଅବିଶ୍ରାନ୍ତ ବନ୍ଧୁକ ଗୁଳିର ଶବ୍ଦ। ଟଳି ପଡ଼ନ୍ତି ଗୋଟିକ ପରେ ଗୋଟିଏ ଘାଟ ଜଗିଥିବା ପ୍ରଜାମଣ୍ଡଳର ସିପାହୀଗଣ। ବ୍ରାହ୍ମଣୀ ନଦୀର ନୀଳ ଜଳ ଏମାନଙ୍କ ରକ୍ତରେ ଲାଲ୍‌ବର୍ଣ୍ଣ ଧାରଣ କରେ। ଏହାପରେ ଏମାନଙ୍କର ଶବକୁ କଟକ ଅଣାଯାଏ। ଏମାନଙ୍କ ସମ୍ମାନାର୍ଥେ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହୁଏ। ଏହି ଶୋଭାଯାତ୍ରାରେ ବିପ୍ଳବୀ କବି ଅନନ୍ତ ପଟ୍ଟନାୟକ,ରବି ଘୋଷ,ମୋତିଲାଲ୍ ତ୍ରିପାଠୀ, ଗୋବିନ୍ଦ ମହାନ୍ତି ପ୍ରମୁଖ ଯୋଗ ଦିଅନ୍ତି। ସାତୋଟିଯାକ ଶବକୁ ଲକ୍ଷାଧିକ ଜନସାଧାରଣ ବିରାଟ ଶୋଭାଯାତ୍ରାରେ ନେଇ କଟକର କାଠଯୋଡ଼ି ନଦୀକୂଳ ଖାନନଗର ମଶାଣିରେ ଦାହ କରିଦେଇ ଆସନ୍ତି। ଅଗ୍ନିର ସର୍ବଗ୍ରାସୀ କ୍ଷୁଧାରେ ଲୀନ ହୋଇଯାଏ ସାତୋଟିଯାକ ଶରୀର। ଏଇ ଆମର ଶହୀଦ ମାନଙ୍କର ସ୍ମୃତିରେ କବିଙ୍କର 'ବାଜିରାଉତ'ର ପରିକଳ୍ପନା। ୯.୩.୧୯୪୧ ମସିହାରେ କଟକରୁ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ବିଖ୍ୟାତ କଳାକାର ଓ ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ସାନଭାଇ ସାଥୀ ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଏହାକୁ ଇଂରାଜୀରେ ଅନୁବାଦ କରିଥିଲେ। 'The boatman boy and other poems' ନାମରେ କଲିକତାରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇ ଏହା ବେଶ୍ ଆଦୃତି ଲାଭ କରିପାରିଥିଲା।

ସବୁଜ ଯୁଗୀୟ ରେମାଣ୍ଟିକ୍ କଳ୍ପନା ବିଳାସତାକୁ ପରିହାର କରି ସବୁଜ ଯୁଗୀୟ ଧୀରେ ଧୀ;ର ବାସ୍ତବାଭିମୁଖୀ ହେଉଥିଲେ। ଅତ୍ୟାଚାରୀ ଶାସନ ବିରୋଧରେ ଜନ ଅସନ୍ତୋଷମାନ ମୁଣ୍ଡଟେକୁଥିଲା। ଗଡ଼ଜାତ ଅଞ୍ଚଳରେ ପ୍ରଜା ଆନ୍ଦୋଳନ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ ଥିଲା। ଏହି ସମୟରେ ଦେଖାଗଲା ସାହିତ୍ୟରେ ଜନ ଆନ୍ଦୋଳନରେ ନିଛକ ବାସ୍ତବ ଚିତ୍ରର ରୂପାୟନ ଘଟୁଛି। ଗାଁ ଗାଁରେ ସ୍ୱାଧୀନ ଚିନ୍ତାଧାରାର ପ୍ରଚାର ଓ ପ୍ରସାର ନିମିତ୍ତ ବିବିଧ ଉଦ୍ୟମମାନ ମଧ୍ୟ ଆରମ୍ଭ ହେଉଥାଏ। ସ୍ୱରଚିତ କବିତା 'ଚାରଣ ଗୀତି' ଆବୃତ୍ତି କରି ଜନସାଧାରଣଙ୍କ ମନରେ ବିପ୍ଳବୀ ଭାବନାର ପୁନଃଉଦ୍ରେକ କରିବା ପାଇଁ ପ୍ରୟାସ ମଧ୍ୟ ଆରମ୍ଭ ହୋଇଥାଏ। କନିକା ପ୍ରଜାମେଳି ଦ୍ୱାରା ଅନୁପ୍ରାଣିତ ହେବା ପରେ ବିଭିନ୍ନ ଗଡ଼ଜାତ ଅଂଚଳରେ ଧୀରେ ଧୀରେ ପ୍ରଜାଆନ୍ଦୋଳନ ବ୍ୟାପକ ହେଉଥାଏ। ଏହି ଆନ୍ଦୋଳନର ଅନ୍ତିମ ପରିଣତି ଥିଲା ବାଜିରାଉତର ନିଧନ। ସେଇ ଜଘନ୍ୟ ଘଟଣାର ପ୍ରତିବାଦ ସ୍ୱରୂପ ସୃଷ୍ଟି ହୋଇଥିଲା 'ବାଜିରାଉତ' ଖଣ୍ଡକାବ୍ୟ। ଫିରିଙ୍ଗ ପୁଲିସ ଫଉଜକୁ ସାହସର ସହ ସାମନା କରିଥିଲା। 'ପ୍ରଜାମଣ୍ଡଳ ଆଦେଶ' ବିନା ଡ଼ଙ୍ଗାନେଇ ଯିବନାହିଁ। ଏହି ସ୍ୱଷ୍ଟୋକ୍ତି ଭିତରେ ଲୁଚି ରହିଥିଲା ବାଜିରାଉତର ଅଦମ୍ୟ ସାହସ ଓ ଜାତିପ୍ରୀତି। ଶେଷରେ ପୋଲିସ ଗୁଳିରେ ଜୀବନ ହାରିଦେବା ଓ ବାଜିରାଉତର ମୃତ୍ୟୁ ପରେ ପ୍ରଜାମଣ୍ଡଳର ନଟ, ଫଗୁ, ହୁରୁଷୀ, ଗୁରି, ରଘୁଙ୍କର ଜୀବନ ବଳିଦାନ କବିଙ୍କ ହୃଦୟରେ ବୈପ୍ଳବିକ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଏହାକୁ ଆଧାର କରି ୧୯୩୮ ମସିହାରେ ସଚ୍ଚିଦାନନ୍ଦ ସହକାରରେ ଏକ କବିତା ପ୍ରକାଶ କରିଥିଲେ। ୧୯୪୧ ମସିହାରେଏହି କବିତାକୁ ଖଣ୍ଡକାବ୍ୟ ଆକାରରେ ପ୍ରକାଶ କରିଥିଲେ। ୧୯୪୩ ମସିହାରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଥିଲା।

'ବାଜିରାଉତ' କବି ସଚ୍ଚିଦାନନ୍ଦଙ୍କର ଅନ୍ୟତମ ସଫଳସୃଷ୍ଟି। ଏଥିରେ କବିଙ୍କର ଜାତୀୟତାବାଦୀ ଚିନ୍ତାଧାରାର ପରିଚ୍ଛନ୍ନ ରୂପକୁ ଅବଲୋକନ କରାଯାଇପାରେ। ୧୯୩୮ ମସିହାରେ ଦେଖା ଦେଇଥିବା ପ୍ରଜା ଆନ୍ଦୋଳନକୁ ଯେ କୌଣସି ଉପାୟରେ ଦମନ କରିବା ପାଇଁ ଗୋରା ସରକାର ଉଦ୍ୟମ ଚଳାଇଥାଆନ୍ତି। ଢେଙ୍କାନାଳର ଭୁବନ ଗ୍ରାମରେ ଗୁଳି ଚାଳନାକରି ରକ୍ତମୁଖା ପୋଲିସ୍ ବାହିନୀ ବ୍ରାହ୍ମଣୀ ନଦୀ କୂଳରେ

ପହଞ୍ଚାଇଥିଲେ। ଅପର ପାର୍ଶ୍ୱରେ ବାଜିରାଉତ ଘାଟ ଜଗିଥାଏ। ପୋଲିସ ବାହିନୀ ଘାଟରୁ ଡଙ୍ଗା ଧରି କୂଳକୁ ଆଣିବାପାଇଁ ଆଦେଶ ଦିଅନ୍ତି। କିନ୍ତୁ ବାଜିରାଉତର ବିବେକ ତାକୁ ବାଧାଦିଏ। କବିଙ୍କ ବର୍ଣ୍ଣନାରେ ଏହାର ଚମତ୍କାର ପ୍ରତିଫଳନ ଘଟିଛି।

"ପଛୁ କିଏ ଡାକୁଛି ତୁହାଇ
ରହରହ ଆରେ ଶିଶୁ, ଛିଡାହୁଅ ବାରେ, ଯା ଆ ନାଇ।
ଅଛି ଝଡ଼, ଅଛି ରାଜା,
ଅଛି ପୁଣି ରାଜାର ସଇନ,
ଗରଜୁଚି କଳାମେଘ, ଝଡରାତି,
ହେଇ ନାଇ ଦିନ।
ଫୁଲି ଫୁଲି ନାଚେ ନଈପାଣି
ଅନ୍ଧାରରେ ଖାଲ, ବିଲ କିଛିଇ ତ
ହେଉ ନାଇ ଜାଣି।
ଶାଳବନ୍ତୁ ମହାବଳ ରଡ଼ି
ଭାସି ଆସେ ବଣ ବିଲେ ଖେଳାଇ ଯେ
ଭୟର ନହଡି।
ଏଡ଼ିକି ସେ 'ଅମାନିଆ ପିଲା'
ଫଉଜର ଗୁଳି, ଗୋଳା, ରଜା, ଝଡ଼ କିଛି ନ ମାନିଲା।
ଧୂଳି ଖେଳ ଛାଡି
ଗୁଳି ଆଗେ ଜୀବନକୁ ହସି ହସି ଦେଲାସିନା ବାଢି।।" (ବାଜିରାଉତ -ପୃ-୩)

କବିତାଂଶରେ କବିଙ୍କର ଭାବୋଚ୍ଛ୍ୱାସ ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛି। ବାଜିରାଉତ ଏକ ସାଧାରଣ ବାରବର୍ଷର ବାଳକ ନୁହେଁ; ତା ଭିତରେ ଏକ ସାମାଜିକ ମହତ୍ତ୍ୱାକାଂକ୍ଷା ସୃଷ୍ଟି ହୋଇପାରିଛି। ସିଏ ନିଜକୁ ନିୟତି ପାଖରେ ସମର୍ପଣ କରିନାହିଁ କି ମୃତ୍ୟୁକୁ ଭୟ କରି ତାର ଦାସତ୍ୱ ଗ୍ରହଣ କରିନାହିଁ। ସବୁ ଶକ୍ତିର ଉର୍ଦ୍ଧ୍ୱରେ ସେ। କବିଙ୍କ ଭାଷାରେ :-

"ଝଡ଼ଠାରୁ ସେ ଯେ ବଡ଼
ମେଘ ଠାରୁ ଆଉରି ସେ କଳା,
ସାନ ଦେହେ ଖେଳେ ତାର
ଜୀବନର ଅଲିଭା ଚପଳା।
ରାତି ପରି ହୁଏ ବାଟବଣା

ପଥଭୁଲି ଏଣେ ତେଣେ ବୋହିଯାଏ
ସେ ପରା ଝରଣା"
ଛୋଟ ପୁଣି ଏଡ଼େ ସେ ବିରାଟ !
ଜୀବନ ପାରିଲା ନାଇ ରଖି ତାକୁ
ମୃତ୍ୟୁ ତାରେ ଛାଡିଦେଲା ବାଟ
ଲୁହାର ଫଉଜ ଗଲେ ଫାଟି,
ମାଟିର କଂକାଳ ସେ ଯେ କାହିଁ ଗଲା
ମାଟି ଖାଲି ମାଟି ।। (ପୃ -୩/୪)

କବି ବାଜିରାଉତଙ୍କୁ 'କ୍ରାନ୍ତିର ସାରଥି' ଭାବେ ଅଭିହିତ କରିଛନ୍ତି । ବାଜିରାଉତ ଆତ୍ମତ୍ୟାଗକୁ ଗୌରବଦୀପ୍ତ କରିଛନ୍ତି । ବାଜିରାଉତ ହିଁ ପ୍ରକୃତ ବୀର, ଯିଏ ମୃତ୍ୟୁକୁ ଭୟକରି ପଛଘୁଞ୍ଚା ଦେଇନାହିଁ । ଓଡ଼ିଆ ଜାତି ପାଖରେ ଏ ପ୍ରକାର କଥା ବହିବାରେ ସଚ୍ଚିରାଉତରାୟ ପ୍ରଥମ କବି ନୁହନ୍ତି । କବିବର ରାଧାନାଥ ଓ ଗୋପବନ୍ଧୁ ମଧ୍ୟ ଓଡ଼ିଆ ବୀର ମାନଙ୍କୁ ନେଇ ଗର୍ବ ଅନୁଭବ କରିଛନ୍ତି ।

"ଏହିକି ସେ ଆର୍ଯ୍ୟଭୂମି ଏ ଭୂମିର ସୁତ
ତୁମ୍ଭେ ଟିକି ଆର୍ଯ୍ୟନାମ ଦାୟାଦ ଜଗତେ
ବିନା ଯୁଦ୍ଧେ ନ ଦେବାର ସୂଚୀଗ୍ର ମେଦିନୀ
ପଣ ଯେଉଁ ଆର୍ଯ୍ୟଙ୍କର ତାଙ୍କରି ଶୋଣିତ ।।"

"ପଛ ଘୁଞ୍ଚା ନାହିଁ ବୀରର ଜାତକେ
ନ ଡ଼ରେ ସେ କେବେ ପରାଣ ଆତଙ୍କେ ।"

ବାଜିରାଉତରେ କବି ଉଲ୍ଲେଖ କଲେ :-

"ଏ ମାଟିର ସ୍ତନ୍ୟ ପିଇ ଗାଇଲା ସେ
ଏ ମାଟିର ଜୟ
ବିଶ୍ୱର ଦୁରନ୍ତ ଶିଶୁ
ମୃତ୍ତିକାର ଚିର ସ୍ତନଂଧୟ !
ଚଂପକ ସମ ସେ ଯେ
ସଉରଭ ରଖି ଗଲା ମରି
ମରଣ ପାରିଲା ନାଇ କଦାପି ତ
ଛୋଟ ତାକୁ କରି ।
ପଦଚିହ୍ନ ତାର ଶମଶାନେ କଲା ତୀର୍ଥ, ଦେବାଳୟ
ହେଲା ଶବାଗାର ।। ।" (ପୃ -୮)

ବାଜିରାଉତର ମୃତ୍ୟୁ କବିପ୍ରାଣରେ ଆଲୋଡନ ସୃଷ୍ଟି କରେ। ତାର ଚିତାଗ୍ନି ଦେଖିବାପରେ କବି ହୃଦୟର ପ୍ରତିକ୍ରିୟାରୁ ସମ୍ଭୂତ ହୁଏ 'ବାଜିରାଉତ' ଖଣ୍ଡକାବ୍ୟ। କବି ବାଜିରାଉତକୁ ଜଣେ ବ୍ୟକ୍ତିଭାବରେ ଚିତ୍ରଣ ନକରି ଏକ ବିରାଟ ଜାତିର ନାୟକ ଭାବରେ ପ୍ରତିପାଦନ କରିଛନ୍ତି। ବାଜିରାଉତ ଜାତିର ତ୍ୟାଗର ପ୍ରତୀକ। ଜଳୁଥିବା ଚିତାନଳ ପରାଧୀନତା ଓ ଅତ୍ୟାଚାର ରୂପକ ଅନ୍ଧକାରର ବିଲୋପ ଘଟାଇ ତାହା ଏକ ଅଲିଭା ମୁକ୍ତିର ସଳିତାରେ ପରିଣତ ହୋଇଛି। ସତେଯେମିତି ନିଜେ ଜଳିପୋଡି ଦଗ୍‌ଧ ହୋଇ ଚତୁର୍ଦ୍ଦିଗକୁ ଆଲୋକିତ କରିବାରେ ସକ୍ଷମ। ବାଜିରାଉତର ତ୍ୟାଗ ଓ ଆଦର୍ଶମୟ ଜୀବନର ଆଲେଖ୍ୟ ଅଙ୍କନ କରିବାକୁ ଯାଇ ଜାତୀୟବାଦୀ ଚିନ୍ତାଧାରାର ଚିତ୍ରଣ କରିଛନ୍ତି। ସମାଜ ସଚେତନଶୀଳ ମାନବବାଦୀ କବି ସଚ୍ଚିରାଉତରାୟଙ୍କ ଦୃଷ୍ଟିଭଙ୍ଗୀ ସଂପ୍ରସାରିତ ହୋଇଛି। କବିଙ୍କ ଭାଷାରେ :

"ନିରନ୍ନ ଏ ଜନତାକୁ ଦେଇଚି ଏ
ତାହାର ଚାଳକ
କ୍ଷୁଦ୍ର ଏକ ନାଉରି ବାଳକ
ବାଇବାକୁ ଏ ଦେଶର ତରୀ
ଭିଡି ନାଇ ଘଟେ ନାଆ
ନାଉରିଆ ପାରେ କିରେ ମରି ? (ପୃ-୨)

କବିତାରେ ପ୍ରତିଫଳିତ ଜାତୀୟତାବାଦୀ ଚିନ୍ତାଧାରା କବିତ୍ୱପୂର୍ଣ୍ଣ ଭାଷା ମାଧ୍ୟମରେ ଅତି ସୁନ୍ଦର ଭାବରେ ପ୍ରକାଶ ପାଇଛି।

## ୧.୬ ବାଜିରାଉତ ଖଣ୍ଡକାବ୍ୟର ଆଙ୍ଗିକ ବୈଶିଷ୍ଟ୍ୟ

ଛନ୍ଦକୁ ନେଇ ପରୀକ୍ଷା ନିରୀକ୍ଷା ଓ ଛନ୍ଦଗତ ବୈଚିତ୍ର୍ୟ ସୃଷ୍ଟି କ୍ଷେତ୍ରରେ ସଚ୍ଚିଦାନନ୍ଦ ଆଧୁନିକ କବିତାର ପରିବର୍ତ୍ତିତ ଆଧୁନିକ କବିତାର ପରିବର୍ତ୍ତିତ ଶିଳ୍ପ ପ୍ରକରଣ ସଂପର୍କରେ ସଚ୍ଚିଦାନନ୍ଦ ସଚେତନ ଥିଲେ। ଛନ୍ଦର ସ୍ୱାଚ୍ଛନ୍ଦ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ ସଂସ୍କୃତର ଆଧିପତ୍ୟ ମଧ୍ୟରୁ ଛନ୍ଦକୁ ମୁକୁଳେଇବାର ପ୍ରୟାସ କରିଛନ୍ତି। ଏହାଦ୍ୱାରା ଉପଧାମିଳନରେ ପରିସର ସଙ୍କୁଚିତ ହେବା ସଙ୍ଗେ ସଙ୍ଗେ କବିତା ମୁକ୍ତ, ଗତିଶୀଳ ହୋଇଉଠିଛି। ଭାଷା ଓ ଛନ୍ଦ କ୍ଷେତ୍ରରେ ସ୍ୱାଚ୍ଛନ୍ଦ୍ୟ ହିଁ କବିତାକୁ ପଦ୍ୟଧର୍ମୀ କରିବାରେ ସହାୟକ ହୋଇଛି। ନିମ୍ନୋକ୍ତ ପଂକ୍ତିରୁ ଏହା ଲକ୍ଷ୍ୟ କରାଯାଇପାରେ।

"ଶୀତଳ ଧମନୀ ତଳେ ପଠାଇଚି ଅପୂର୍ବ ଆହ୍ୱାନୀ
ଜ୍ୱଳନ୍ତ ଏ ଲେଲିହାନ, ସ୍ୱାଭାହୀନ ଶିଖାର ଅନଳେ
ଜୀବନର ମାଲ୍ୟ ଥରେ, ମରଣର ଗଳୁ ସ୍ୱୟଂବରେ
ରଚିବାକୁ ସୃଷ୍ଟିର ଭୂମିକା।" (ପୃ-୨)

ଉପଧାମିଳନ ଉପରେ ଗୁରୁତ୍ୱ ଦେଇଥିବା ଏକ ପଂକ୍ତି :

"ଅନାଗତ ସୃଷ୍ଟିର ଗୌରବେ
'ସୁନ୍ଦର'ର ନବ ଜନ୍ମୋତ୍ସବେ।" (ପୃ -୮)

'ବାଜିରାଉତ' ଖଣ୍ଡକାବ୍ୟକୁ ପାଠ କରିବା ସମୟରେ ଅନେକ ନୂତନ ଶବ୍ଦ କବି ବ୍ୟବହାର କରିଛନ୍ତି। ଜ୍ୱଳନ୍ତ ଅଗ୍ନି ଶିଖା, 'ଜ୍ୱଳନ୍ତ ବହ୍ନି' ଇତ୍ୟାଦି ଶବ୍ଦ ଜାଗ୍ରତ ଅର୍ଥରେ ପ୍ରାୟତଃ ବ୍ୟବହୃତ ହୋଇଥାଏ। କିନ୍ତୁ କବି ନିଜର ଏହି ସ୍ୱର୍ଦ୍ଧିତ ଚିନ୍ତା ଧାରାକୁ ଏହିପରି ବ୍ୟକ୍ତ କଲେ।

"ଜ୍ୱଳନ୍ତ ଏ ଲେଲିହାନ, ସ୍ୱାଭାହୀନ ଶିଖା (ପୃ-୨)

ସାମ୍ୟବାଦୀ ଚେତନାର ସର୍ବ ସମର୍ଥିତ ରଙ୍ଗ 'ଲାଲ' ମଧ ବିପ୍ଳବର ପ୍ରତୀକ। କବି ରାଉତରାୟ ମଧ ଏହି ଲାଲରଙ୍ଗ ପ୍ରତି ଥିବା ଅହେତୁକ ଆକର୍ଷଣକୁ ଛାଡି ପାରି ନାହାନ୍ତି। 'ରକ୍ତ କରବୀ' (ପୃ-୪), 'ରକ୍ତର ରାଗ' (ପୃ-୭) 'ରକ୍ତପଥ (ପୃ-୭) ଶବ୍ଦର ପ୍ରୟୋଗ କରିଛନ୍ତି ବାଜିରାଉତର ପ୍ରଥମାଂଶରେ। ଅନେକ ନୂଆ ଶବ୍ଦର ପ୍ରୟୋଗ ବାଜିରାଉତର ଗୁରୁତ୍ୱ ବଢାଇ ଦେଉଛି। 'ଶତାବ୍ଦୀର ଶ୍ରେଷ୍ଠ ଫୁଲ', 'ଝଡ ଠାରୁ ସେ ଯେ ବଡ', 'ମେଘଠାରୁ ଆଉରି ସେ କଳା', 'ସେ ରକ୍ତ କରବୀ', ବିଶ୍ୱର ଦୁରନ୍ତ ଶିଶୁ, 'ସେ ରୂପକାର', ଏ ପତିତ ଧଗ୍‌ଧ ମୃତ୍ତିକାର, 'ସୃଜନର ନୂଆ ଭାଗିରଥୀ', 'କାନ୍ତିର ସାରଥି', 'ରକ୍ତ ପରା' ଇତ୍ୟାଦି।

## ୧.୭ ବାଜିରାଉତ ପାଠ

ନୁହେ ବନ୍ଧୁ, ନୁହେ ଏହା ଚିତା,
ଏ ଦେଶ ତିମିର ତଳେ
ଏ ଅଲିଭା ମୁକତି ସଳିତା।
ନୁହେ ଏହା ଜଳିଯିବା ପାଇଁ
ଏହାର ଜନମ ଏଥି ଜାଳି ପୋଡି
ଦବାକୁ ଧସାଇ।।
ଉଆଁସ ପାଚିରି ଘେରା
ଏ ଅନ୍ଧାରି ଅମୁହାଁ ଦେଉଳେ
ପ୍ରେତାୟିତ ଅଂଧ ରାତି
ମଥା ପିଟେ ଯାର ବେଦୀ ମୂଳେ
ଏ ତାହାର ଶେଷ ଦୀପାୟନ;
ସଞ୍ଜର ତୁଳସୀ ମୂଳେ
ପ୍ରଦୀପର ନିରୁକ୍ତ ବେଦନ,
ଜଳି ଉଠେ କ୍ଷଣକ ସକାଶେ
ସାର୍ଥକ କରଇ ଯଥା 'ଚିରନ୍ତନେ'
ମନ୍ଦ ଉପହାସେ,
ସେହିପରି ତାହା
ସଂକ୍ଷିପ୍ତ ଜୀବନ ଦେଇ ଜୀବନର ଅତିରିକ୍ତ ଯାହା
ଗର୍ଭେ ତାର ହେଇଚି ଜନମ,
ତାହାରି ବନ୍ଦନା କରେ ଆୟୁଷ୍ମାନ
ଶିଖା ପ୍ରିୟତମ।।
ଏ ଶିଖା ଦେଇଚି ଆଜି
ଇତିହାସେ ହାତ ଟେକି ଦାନ
ଶତାବ୍ଦୀର ଶ୍ରେଷ୍ଠ ଫୁଲ,
ମୁକୁଳିତ 'ମୃତ୍ୟୁହୀନ' ପ୍ରାଣ।।
ନିରନ୍ନ ଏ ଜନତାକୁ ଦେଇଚି ଏ
ତାହାର ଚାଳକ
କ୍ଷୁଦ୍ର ଏକ ନାଉରି ବାଳକ
ଭିଡ଼ି ନାଇ ଘାଟେ ନାଆ
ନାଉରିଆ ପାରେ କିରେ ମରି ?
ଆଜି ତାର ବାଣୀ
ଶୀତଳ ଧମନୀ ତଳେ ପଠାଇଚି ଅପୂର୍ବ ଆହ୍ୱାନୀ।
ଜ୍ୱଳନ୍ତ ଏ ଲେଲିହାନ, ସ୍ୱାହାହୀନ ଶିଖାର ଅନଳେ
ଜୀବନର ମାଲ୍ୟ ଥରେ, ମରଣର ଗଳୁ ସ୍ୱୟଂବର

ରଚିବାକୁ ସୃଷ୍ଟିର ଭୂମିକା:
ଉଷାର ଗୋପନ ଅର୍ଥ ରଜନୀର ଲୁପ୍ତ ପାଦଟୀକା
ରଖେ ଯଥା ଧରି,
ଆପଣା ମୃତ୍ୟୁରେ ଫୁଟେ ଆଜି ସେ ତ ଝରି ସେଇପରି ।।
ପଛୁ କିଏ ଡାକୁଛି ତୁହାଇ
ରହ ରହ ଆରେ ଶିଶୁ,
ଛିଡା ହୁଅ ବାରେ, ଯାଆ ନାଇ ।
ଅଛି ଝଡ, ଅଛି ରାଜା,
ଅଛି ପୁଣି ରାଜାର ସଇନ,
ଗରଜୁଚି କଳା ମେଘ, ଝଡ ରାତି,
ହେଇ ନାଇ ଦିନ ।
ଫୁଲି ଫୁଲି ନାଚେ ନଈ ପାଣି
ଅନ୍ଧାରରେ ଖାଲ, ବିଲ କିଛିଇ ତ
ହେଉ ନାଇ ଜାଣି ।
ଶାଳବନୁ ମହାବଳ ରଡି
ଭାସି ଆସେ ବଣ ବିଲେ ଖେଳାଇ ଯେ
ଭୟର ନହଡି ।।
ଉଲୁକର ଆରଣ୍ୟ ନିଃଶ୍ୱାସ
ଆର୍ଦ୍ରକରେ ପାହାଡର ଶିଳାମୟ ଆଗ୍ନେୟ ବିଶ୍ୱାସ ।
ଛିଡା ହୁଅ, ଅଛି ଆରେ ରାଣ,
ସମ୍ମୁଖର ଯାତ୍ରା-ପଥେ ଶୁଣ ପଛୁ କରୁଣ ଆହ୍ୱାନ ।
ଏତିକି ସେ 'ଅମାନିଆ ପିଲା'
ଫଉଜର ଗୁଳି, ଗୁଳା, ରଜା, ଝଡ କିଛି ନ ମାନିଲା,
ଧୂଳିଖେଳ ଛାଡି
ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଢି ।।
ଝଡ ଠାରୁ ସେ ଯେ ବଡ଼
ମେଘ ଠାରୁ ଆଉରି ସେ କଳା,
ସାନ ଦେହେ ଖେଳେ ତାର
ଜୀବନର ଅଲିଭା ଚପଳା ।

ରାତି ପରି ହୁଏ ବାଟବଣା
ପଥ ଭୁଲି ଏଣେ ତେଣେ ବୋହିଯାଏ
ସେ ପରା ଝରଣା ।।
ଛୋଟ ପୁଣି ଏତେ ସେ ବିରାଟ !
ଜିବନ ପାରିଲା ନାଇ ରଖି ତାକୁ
ମୃତ୍ୟୁ ତାରେ ଛାଡିଦେଲା ବାଟ ।
ଲୁହାର ଫଉଜ ଗଲେ ଫାଟି,
ମାଟିର କଂକାଳ ସେ ଯେ କାହିଁ ଗଲା ?
ମାଟି ଖାଲି ମାଟି ।।
ଏ ଦେଶର ମାଟି
ତାହାକୁ ସେ ଭଲପାଏ,
ତାହା ଲାଗି ନୂଆ ବାରବାଟି
ଗଢ଼ିଲା ସେ ହାଡ ମାଂସେ,
ନିଶ୍ୱାସରେ ଦେଲା ଜୀବନ୍ୟାସ
ହଳଦିଘାଟରୁ ବଡ଼ ଗଢିଗଲା
ଦେଶ ଇତିହାସ ।
ଲହୁ ଢ଼ାଳି ତହିଁ ପରେ ଲେଖିଲା ସେ
ମୁକତିର ଛବି
ଛବି ନୁହେ, ତୁଳି ନୁହେ, ନୁହେ ରଂଗ
ସେ ରକ୍ତ କରବୀ ।।
ଏ ମାଟିର ସ୍ତନ୍ୟ ପିଇ ଗାଇଲା ସେ
ଏ ମାଟିର ଜୟ
ବିଶ୍ୱର ଦୁରଂତ ଶିଶୁ
ମୃତ୍ତିକାର ଚିର ସ୍ତନଂଧୟ !
ଚମ୍ପକ ସମ ସେ ଯେ
ସଉରଭ ରଖି ଗଲା ମରି
ମରଣ ପାରିଲା ନାଇ କଦାପି ତ
ଛୋଟ ତାକୁ କରି ।
ପଦଚିହ୍ନ ତାର ଶମଶାନେ କଲା ତୀର୍ଥ,

ଦେବାଳୟ ହେଲା ଶବାଗାର ।
ସେତ ରୂପକାର
ଏ ପିଡ଼ିତ ଦଗ୍‌ଧ ମୃତ୍ତିକାର
ନିଗାଡି ଆପଣା ତନୁ, ନିଃଶୋଷି ସେ ନିଜ ରକ୍ତ ଜଳ
ଧରଣୀରେ କରିଚି ଉର୍ବର ।
ଯାହା କିଛି ଅସୁଂଦର, ଯା ବିକଟ ଅଭଦ୍ର ମଳିନ
ଜୀବନର ସମାରୋହେ ଯାହା କରେ କ୍ଲୀବ,କ୍ଲାଂତ, ଦୀନ,
ସବୁ ଦଳି ସେ ରକ୍ତ ଯୌବନ
ସଜାଇଚି ଏଥି ଆଜି 'ସୁନ୍ଦର'ର ଚାରୁ ସିଂହାସନ ।।
ଯା କିଛି କୁତ୍ସିତ ଏଥି, ଅଶୋଭନ, ଅଶ୍ଳୀଳ, ଆବିଳ,
ଜୀବନର ଛନ୍ଦ ସାଥେ ନାହିଁ ଯାର ଏତେ ମେଳ,
ପ୍ରତିବାଦ କରଇ ଯା' ଚିର
ସକଳ ସ୍ୱପ୍ନର ଏଥି ମଣିଷରେ କରଇ ସ୍ଥବିର,
ଦୂର କରି ତାର କଳା ଛାଇ
ଲୋଡ଼ିଚି ସେ ଏ ଧରାରେ ଆଣିବାକୁ ଅଚକିତେ ବାହି
ସୃଜନର ନୂଆ ଭାଗୀରଥୀ
କ୍ରାନ୍ତିର ସାରଥି ।
ଜନତାର ସେ ଯେ ମୂକ କବି
ତାହାରି ବନ୍ଦନା ଗାଏ ମେଘମୁକ୍ତ ଅନାଗତ ରବି ।
ପୂର୍ଣ୍ଣିମାର ସୁଦୀର୍ଘ ଗୌରବ
ଆଜି ଏଥି ତମିସ୍ରାରେ
ଗାଏ ବନ୍ଧୁ ତାର ମୁଗ୍‌ଧ ସ୍ତବ ।।
ମାଳଞ୍ଚର ନବୀନ ଅଙ୍କୁର
ତାହାରି ଶୋଣିତପୁଷ୍ଟ ମୃତ୍ତିକାର
ଗନ୍ଧେ ଲଭେ ସୁର ।
ଆଗନ୍ତୁକ ଘାସର ସଭାରେ
ତାହାରି ରଞ୍ଜର ପୀତ ଫୁଟି ଉଠେ
ନୂତନ ଆଭାରେ ।
ଯେତେ ପତ୍ର ଫୁଲ
ଫୁଟିବ ଏ ଧରଣୀରେ,
ମୃତ୍ତିକାର ଶାଖାରେ ମୁକୁଳ,
ତୁମକୁ ତା' କରିବ ସ୍ମରଣ ।
ଅଧୁନା-କ୍ଷୟିଷ୍ଣୁ ତବ ତନୁ ତୀରେ
ତାହାର ତୋରଣ
ଚୁମିବ ଆକଶ,
ତବ ପଚମାନ ଦେହେ ଖୋଜେ ତାହା
ଜନ୍ମ ଅବକାଶ ।।
ପଳାଶ-ପିଚ୍ଛିଳ ବନେ
ବସନ୍ତର ପୁଷ୍ପିତ ବିଳାସେ
ତୁମରି ରକ୍ତର ରାଗ
ଅବିରର ରଙ୍ଗ ଅଧିବାସେ
ଉଠିବ ଉକୁଟି,
ବିଧବା ବନର ପଥ ସୀମଂତେ ତା'
ଉଠିବ ଫୁଟି
ସିନ୍ଦୁରର ପରି
ରକ୍ତ-ତାରା ! ତୁମ ନାମ ସ୍ମରି ।
ତୁମ ଦୀର୍ଘଶ୍ୱାସ
ନିର୍ଝରର କଂପ୍ର ବୁକେ ଆଣିଦେବ ତରଙ୍ଗର ପ୍ରାସ ।
ଅଜଣା ସେ ପ୍ରତ୍ୟୁଷର ତୀରେ
କେଉଁ ଅନାଗତ କବି ଫୁଟାଇବ ତାହାକୁ ବାଣୀରେ ?
କେଉଁ ଚିତ୍ରକର
ତବ ତନୁପୁଷ୍ଟ ଏଇ ସୌନ୍ଦର୍ଯ୍ୟରେ କରିବ ମୁଖର ?
ଆଜି ଏଥି 'ସୁନ୍ଦର'ର ପଥ
ମଳିନର ହ୍ରେଷା ରବେ ହୋଇଅଛି ରୁଦ୍ଧ, ପ୍ରତିହତ ।
ଶୋଷଣର ନିର୍ମମ ସ୍ୟନ୍ଦନ
ପିଷ୍ଟକରେ ଜୀବନର ଲତାୟିତ ଚାରୁ ପଦ୍ମବନ ।
ଅନଶନେ, ଅନଟନେ ଶତ
ମଣିଷ ପାସୋରି ଅଛି ସତ୍ୟ ଶିବ ସୁନ୍ଦରର ପଥ ।
ମ୍ଳାନ ତାର କ୍ଷୀଣ ଦୃଷ୍ଟି ପଥେ
କ୍ଷୀୟମାନ ଲାବଣ୍ୟର ଦଗ୍‌ଧ କ୍ଷେତେ ଖର ଘୂର୍ଣ୍ଣି ରଥେ

କେଉଁ ପ୍ରେତ ମେଳେ ଧୁମ୍ର-ପୁଚ୍ଛ ?
ଫୁଲର ଫସଲ ତାର ନଷ୍ଟ କରେ ପଙ୍ଗପାଳ ତୁଚ୍ଛ ।
'ସୁନ୍ଦର'ର ଛିନ୍ନ ଧ୍ୱଜା ତଳୁ
ତେଣୁ ତୁମେ ନେଲ ଟେକି ନିଜ ହାତେ ପୀଡ଼ନ କବଳୁ ।।
ଅନାଗତ ସୃଷ୍ଟିର ଗୌରବେ
'ସୁନ୍ଦର'ର ନବ ଜନ୍ମୋତ୍ସବେ
ଝରା ବକୁଳର କବି ! ବାଜୁଅଛି ତୁମରି ସ୍ୱାଗତ
ଉଚ୍ଚାରେ ଆଗାମୀ କାଳ ସେଇ ମନ୍ତ୍ର ଆଜି ଯେ ସ୍ୱଗତ ।।
ତେଣୁ ତ ଫାଲଗୁନି !
ବୃଷ-ସ୍କନ୍ଧେ ତବ ଅଗ୍ନି-ତୂଣୀ
ଟଙ୍କାରଇ ରାତ୍ରିର ପ୍ରାଚୀରେ,
ଜୟର ସ୍ୱର୍ଦ୍ଧିତ ଶଙ୍ଖ ବାଜେ ଦୂରେ
ଉଷାର ଶିବିରେ ।।
ଭାଙ୍ଗିବାର କବି !
ଗଢ଼ିବାର ପର୍ବ ଶେଷେ ଗାଇଲ କି
ମରଣ-ଭୈରବୀ ?
ନିଜର ଶୋଣିତ ରାଗେ ଲେଖିଗଲ ଏ ଯେଉଁ କବିତା
ସଂଧ୍ୟାରେ ତୋରଣେ ଥରେ ତାହା ଦେଖି ଭୟରେ ସବିତା ।
ହେ ଅମର ମୃତ୍ୟୁର ଶିଳପି !
କରୁଣ ସ୍ୱଗତେ ଥିଲ ରଚି ଯେଉଁ କ୍ଷୀଣ ପାଣ୍ଡୁଲିପି,
ମରଣର କଣ୍ଠେ ଆଜି ଲଭିଚି ତା ଅମରଣ ରୂପ,
ପଶ୍ଚାତେ ରହୁ ଗୋ ପଡି ଦଗ୍ଧ ଶବ; ବ୍ୟର୍ଥ ଭସ୍ମସ୍ତୂପ ।
ଶୂନ୍ୟଚାରୀ ବଳାକାର ସମ
ମେଘର ନିଥର ହ୍ରଦେ ହାଣ ଢେଉ, ଉର୍ମିର ବଲ୍ଲମ ।।
................................
ହସି ଉଠେ କଳା ରାତି
ଫିଟି ପଡେ ଝଡ଼ର କବରୀ,
ଆଗାମୀ କାଲିର ବାର୍ତ୍ତା
ଜନ୍ମ ଲଭେ ଭ୍ରୁଣ ସମ ଥରି ।
ଯା ଆସିବ ତାହା ଲାଗି
ଚାରିଦିଗେ ଲାଗେ ଅଭିସାର;
ତବ ନ୍ୟାୟ-ଅନୁଷ୍ଠାନେ ଅତୀତର ନିଷ୍ଠୁର ବିଚାର
ହୋଇଲାଣି ଶେଷ,
ଶାସ୍ତି ତାର ମୃତ୍ୟୁର ଆଦେଶ ।
ତୁମରି କବିତା ଆଜି ବୋହି ଆଣେ
ଅବା ସେ ଘୋଷଣା,
ମୃତ୍ୟୁର ବଧିର ହାସ୍ୟ ତହିଁ ବାଜେ
ଯେସନ ବାଜଣା ।
ଆହେ ବିଚାରକ !
ଅତୀତର ମୃତ ଦେହେ ରଖ ତବ
ସ୍ୱାକ୍ଷର ସ୍ମାରକ ।।
ଅତୀତର ବାରୋଟି ଫାଲଗୁନ
ପୋଡି ଯଦି ଯିବ ଯାଉ ଏ ଚିତାରେ
ଯଥା ଶୁଷ୍କ ତୃଣ ।
ନାହିଁ କ୍ଷତି, ନାହିଁ ଆରେ ଭୟ,
ହବ, ହବ ପୁଣି ଦିନେ ବସନ୍ତର ଚିର ଅଭ୍ୟୁଦୟ ।
କୁସୁମର ରାଜଧାନୀଠାରୁ
ଆସିଅଛି ଆଜି ଦୂତ ଆଣିଅଛି ବାର୍ତ୍ତା
ଅତି ଚାରୁ ।।
ଏ ଚିତାରେ ତାର ନିମନ୍ତ୍ରଣ,
ଡାକି ଯାଏ ଜନେ,
ଧନ୍ୟ ହେଲା ମୃତ୍ୟୁର ଲଗନ ।
ଡ଼ାକେ ଦୂରେ ଉଦାର ଅନ୍ଧାର,
କଥା କହେ କାଠଯୋଡି
କଥା କହ ଆଜି ହେ ମୁର୍ଦ୍ଦାର !
ନୁହେ ବନ୍ଧୁ, ନୁହେ ଏ ଯେ ଚିତା,
ସେ ତୁମର କ୍ଷମାହୀନ ମୃତ୍ୟୁମିଶା
ଅମର କବିତା ।।

## ଶବ୍ଦାର୍ଥ

| | |
|---|---|
| ତିମିର - ଅନ୍ଧକାର | ତରୀ- ଡ଼ଙ୍ଗା |
| ଅଲିଭା - ଯାହା ଲିଭେ ନାହିଁ। | ଚପଳା - ବିଜୁଳି |
| ନିରନ୍ନ - ଦରିଦ୍ର | କ୍ରାନ୍ତ - ବିପ୍ଳବ |
| ଆଭା - ସୌନ୍ଦର୍ଯ୍ୟ | ଅଧୁନା - ବର୍ତ୍ତମାନ |
| ତମିସ୍ରା - ଅନ୍ଧକାର | ସ୍ମାରକ - ସ୍ମୃତି |

## ୧.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ**

(କ) ଶତାବ୍ଦୀର ଶ୍ରେଷ୍ଠ ଫୁଲ ଭାବେ କବି କାହାକୁ ଓ କେଉଁ ପ୍ରସଙ୍ଗରେ କହିଛନ୍ତି।

(ଖ) ଜୀବନର ଅଲିଭା ଚପଳା କବି କେଉଁ ପ୍ରସଙ୍ଗରେ ଉଲ୍ଲେଖ କରିଛନ୍ତି।

(ଗ) 'ଏଡିକି ସେ ଅମାନିଆ ପିଲା' ଉକ୍ତିର ଯଥାର୍ଥତା ନିରୂପଣ କର।

**୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

(କ) ପ୍ରତିକ୍ରିୟାଶୀଳ କବି ପ୍ରାଣରେ 'ବାଜିରାଉତ'.ଏକ ନୂଆ ଉନ୍ମାଦନ ଆଲୋଚନା କର।

(ଖ) କବି ହୃଦୟର ବୈପ୍ଳବିକ ଆହ୍ୱାନ କିପରି 'ବାଜିରାଉତ' ରେ ପ୍ରତିଧ୍ୱନିତ ଆଲୋଚନା କର।

(ଗ) ବାଜିରାଉତ ଖଣ୍ଡକାବ୍ୟରେ (ପଠିତାଂଶ ଭିତ୍ତିରେ) କବିଙ୍କ ଭାବାଦର୍ଶ ସମ୍ପର୍କରେ ଆଲୋକପାତ କର।

(ଘ) ଶହୀଦ୍ ବାଜିରାଉତର ଚିତା - ଚିତା ନୁହେଁ, ତାହା ଅଲିଭା ମୁକ୍ତିର ସଳିତା - ଆଲୋଚନା କର।

(ଙ) ଜାତୀୟତାବାଦୀ ଉଦ୍‌ବୋଧନମୂଳକ କାବ୍ୟିକ ଦୃଷ୍ଟିଭଙ୍ଗୀ ଦୃଷ୍ଟିରୁ 'ବାଜିରାଉତ'ର ମୂଲ୍ୟାୟନ କର।

(ଚ) ବାଜିରାଉତ ଖଣ୍ଡକାବ୍ୟରେ କବିଙ୍କର ଜାତୀୟବାଦୀ ଚିନ୍ତାଧାରାର ପରିଚୟ ପ୍ରଦାନ କର।

(ଛ) କବି ଦୃଷ୍ଟିରେ ବାଜିରାଉତର ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ କର।

(ଜ) ବାଜିରାଉତର ତ୍ୟାଗମୟ ଆଦର୍ଶ ଜୀବନର ଚିତ୍ର କିପରି ପ୍ରତିଫଳିତ ହୋଇଛି ପଠିତାଂଶ ଭିତ୍ତିରେ ଆଲୋଚନା କର।

## ୧.୯ ସହାୟକ ଗ୍ରନ୍ଥସୂଚୀ


- 'ବାଜିରାଉତ' - ସଚ୍ଚିଦାନନ୍ଦ ରାଉତରାୟ, ଗ୍ରନ୍ଥ ମନ୍ଦିର, କଟକ
- ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଧାରା - ବିଜୟ କୁମାର ଶତପଥୀ
- ଆଧୁନିକ ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା -ବିଜୟଲକ୍ଷ୍ମୀ ଦାଶ
- ସବୁଜରୁ ସାଂପ୍ରତିକ - ନିତ୍ୟାନନ୍ଦ ଶତପଥୀ
- କାବ୍ୟିକ ସୌନ୍ଦର୍ଯ୍ୟ - ଗିରିବାଳା ମହାନ୍ତି

# ପ୍ରଥମ ଏକକ : (ଖ)
# 'ଆସିଛି ମୁଁ ଆସିଚି' - ଅନନ୍ତ ପଟ୍ଟନାୟକ

## ବିଷୟ ଗଠନ

୧.୧ ପଠନର ଉଦ୍ଦେଶ୍ୟ
୧.୨ ଶିକ୍ଷଣୀୟ ବିଷୟ
୧.୩ ବିଷୟ ପରିଚୟ
୧.୪ କବି ଅନନ୍ତ ପଟ୍ଟନାୟକ
୧.୫ ଆସିଛି ମୁଁ ଆସିଚି କବିତାର ଆଲୋଚନା
୧.୬ ଆସିଛି ମୁଁ ଆସିଚି (ପାଠ)
୧.୭ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ
୧.୮ ସହାୟକ ଗ୍ରନ୍ଥାବଳୀ

## ୧.୧ ପଠନର ଉଦ୍ଦେଶ୍ୟ

କବି ଅନନ୍ତ ପଟ୍ଟନାୟକଙ୍କର କବିତା ଓ ସାହିତ୍ୟ, ଅର୍ଦ୍ଧଶତାବ୍ଦୀ ଠାରୁ ଊର୍ଦ୍ଧ୍ୱ ସମୟ କାଳର ଓଡ଼ିଆ ସାହିତ୍ୟର କାବ୍ୟିକ ଇତିହାସ। ତାଙ୍କ ସର୍ଜନାତ୍ମକ ସୃଷ୍ଟି ସେହି ସମୟର ସାମାଜିକ, ରାଜନୀତିକ, ଆର୍ଥନୀତିକ, ମନସ୍ତାତ୍ତ୍ୱିକ, ବୈଜ୍ଞାନିକ କ୍ରିୟା-ପ୍ରକ୍ରିୟା ଓ ଘଟଣାବଳୀ ଦ୍ୱାରା ପ୍ରଭାବିତ। ଭାଷା ସଂଯୋଜନା କ୍ଷେତ୍ରରେ କବି ଅନନ୍ତଙ୍କର ସ୍ୱାତନ୍ତ୍ର୍ୟ ରହିଛି। ଆନ୍ତର୍ଜାତିକ ଚିନ୍ତା ଚେତନାକୁ ରୂପ ଦେବାପାଇଁ ସେ ସାଧାରଣ ଗ୍ରାମୀଣ ଭାଷାର ପ୍ରୟୋଗ କରନ୍ତି। ଏସବୁ ଦୃଷ୍ଟିକୋଣରୁ କବିଙ୍କର 'ଆସିଛି ମୁଁ ଆସିଚି' ସଂପର୍କରେ ସ୍ୱତନ୍ତ୍ର ଚର୍ଚ୍ଚା ବା ଅଧ୍ୟୟନର ଆବଶ୍ୟକତା ରହିଛି।

## ୧.୨ ଶିକ୍ଷଣୀୟ ବିଷୟ

ଉକ୍ତ ଏକକଟିକୁ ଅଧ୍ୟୟନ କରିପାରିବା ପରେ -

- କବି ଅନନ୍ତ ପଟ୍ଟନାୟକ କବିତାର ଆଭିମୁଖ୍ୟ ବିଷୟରେ ଅବଗତ ହୋଇପାରିବା।
- କବିଙ୍କର ସାମାଜିକ ଅଙ୍ଗୀକାର ବଦ୍ଧତା ସମ୍ପର୍କରେ ଜ୍ଞାନଲାଭ କରିପାରିବା।
- କବିଙ୍କର ଶବ୍ଦ ପ୍ରୟୋଗର ଚାତୁର୍ଯ୍ୟ ବିଷୟରେ ଜାଣିପାରିବା।

## ୧.୩ ବିଷୟ ପରିଚୟ

'ନବଯୁଗ ସାହିତ୍ୟ'ର ପ୍ରତିଷ୍ଠାତା କବି ଭଗବତୀ ଚରଣ ପାଣିଗ୍ରାହୀଙ୍କ ଦାର୍ଶନିକ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ। ପ୍ରଚଳିତ ପ୍ରଭାବରେ ପ୍ରଭାବିତ ନହୋଇ ନୂତନ ଶୈଳୀ, ନୂତନ ଆଙ୍ଗିକ ଓ ଆତ୍ମିକର ପ୍ରୟୋଗରେ ନିଜ ରଚନାକୁ ରସୋତ୍ତୀର୍ଣ୍ଣ କରି ଓଡ଼ିଆ କାବ୍ୟ ସାହିତ୍ୟକୁ ପରିମାର୍ଜିତ କରିଥିଲେ। ବିଦ୍ରୋହ, ସ୍ୱପ୍ନ ଓ ପ୍ରତିଶ୍ରୁତିର ସାର୍ଥକ ସମନ୍ୱୟ 'ଆସିଛି ମୁଁ ଆସିଚି' କବିତା ତାଙ୍କର ସଂଗ୍ରାମୀ କବିପ୍ରାଣ ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହର ସ୍ୱର ତୋଳିଛି। ସ୍ୱପ୍ନ ଦେଖିଛି ଆଗାମୀ ସ୍ୱର୍ଣ୍ଣାଭ ସକାଳର। ସତେଯେମିତି କବିଙ୍କର ଆଗମନ ନୂତନ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ। ନବଜୀବନରେ ଛନ୍ଦ ତୋଳିବା ପାଇଁ କବି ଉଦ୍‌ଘୋଷଣା କରନ୍ତି 'ଆସିଛି ମୁଁ ଆସିଚି'

## ୧.୪ କବି ଅନନ୍ତ ପଟ୍ଟନାୟକ

ବିପ୍ଳବୀ କବି ଅନନ୍ତ ପଟ୍ଟନାୟକ ୧୯୧୨ ମସିହା ଜୁନ୍ ମାସ ୧୨ ତାରିଖରେ ଅବିଭକ୍ତ ପୁରୀ ଜିଲ୍ଲାର ଚଣାଭାଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଅନନ୍ତଙ୍କ ପରିବାର ସେ ସମୟର ସମ୍ଭ୍ରାନ୍ତ ଜମିଦାର ପରିବାର ଥିଲେ। ଅନନ୍ତଙ୍କ ପିତା ହେଉଛନ୍ତି ଜୟକୃଷ୍ଣ ପଟ୍ଟନାୟକ ଓ ମାତା ମହାଦେଇ। ମାତ୍ର ୪ ବର୍ଷ ବୟସରେ ବାପା ମା' ମୃତ୍ୟୁ ବରଣ କଲେ। ପିଉସା ସତ୍ୟବାଦୀ ଓ ପିଉସୀ ବସନ୍ତ କୁମାରୀ ଅନନ୍ତଙ୍କର ସମସ୍ତ ଦାୟିତ୍ୱ ବହନ କଲେ। ଖ୍ୟାତନାମା ଜମିଦାର ପରିବାର ହୋଇଥିଲେ ମଧ୍ୟ ଏହି ପରିବାର ସ୍ୱଦେଶୀ ଆନ୍ଦୋଳନର ଥିଲେ ପ୍ରଧାନ ସମର୍ଥକ। ୧୯୦୫ ମସିହାରେ ମଧୁସୁଦନ ଦାସଙ୍କ ପ୍ରେରଣାରେ ଚଣାଭାଟ ଗ୍ରାମରେ ଯେଉଁ ସ୍ୱଦେଶୀ ଆନ୍ଦୋଳନର ଆୟୋଜନ କରାଯାଇଥିଲା। ଅନନ୍ତଙ୍କର ଜେଜେ ଚୌଧୁରୀ ଗୌରାଙ୍ଗ ଚରଣ ପଟ୍ଟନାୟକ ସେହି ସଭାରେ ସଭାପତିତ୍ୱ କରିଥିଲେ। ଅନନ୍ତଙ୍କ ଦାଦା ହେଉଛନ୍ତି ପ୍ରସିଦ୍ଧ ଜାତୀୟବାଦୀ କବି କୃଷ୍ଣ ମୋହନ ପଟ୍ଟନାୟକ।

ଅନନ୍ତ ପୁରୀ ଜିଲ୍ଲା ସ୍କୁଲରେ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ସେ ସମୟରେ ପୁରୀରେ ମୁରାରୀ ତ୍ରିପାଠୀ 'ପୁରୀ' ସେବା ସମିତି' ନାମକ ଏକ ଅନୁଷ୍ଠାନ ଗଢ଼ି ଥାନ୍ତି। ଛାତ୍ରଥିବା ସମୟରେ ମୁରାରୀ ତ୍ରିପାଠୀଙ୍କ ପ୍ରେରଣାରେ ଅନନ୍ତ ପ୍ରସିଦ୍ଧ ରଥଯାତ୍ରାରେ ସେବା କାର୍ଯ୍ୟ କରୁଥିଲେ। ଏହାପରେ ପୁରୀ ଛାଡ଼ି ଅନନ୍ତ କଟକ ଚାଲିଆସନ୍ତି। ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ନବମ ଶ୍ରେଣୀରେ ନାମ ଲେଖାନ୍ତି। ଏହି ସମୟରେ ତାଙ୍କର କବିତା 'ସହକାର'ରେ ପ୍ରକାଶ ପାଇଥିଲା। କେବଳ ସେତିକି ନୁହେଁ, ଅନନ୍ତଙ୍କର ଉଦ୍ୟମରେ କଲିଜିଏଟ୍ ସ୍କୁଲର ମୁଖପତ୍ର ଭାବେ ଏକ ହାତଲେଖା ପତ୍ରିକା 'ଛାତ୍ରବନ୍ଧୁ' ପ୍ରକାଶ ପାଇଲା। ଅନନ୍ତ ଥିଲେ ଏହାର ପ୍ରଥମ ସଂପାଦକ। ୧୯୩୦ ମସିହାରେ କଲିଜିଏଟ୍ ସ୍କୁଲରୁ ମାଟ୍ରିକ୍ ପାସ କରନ୍ତି। ଏହାପରେ ଗାନ୍ଧିଜୀଙ୍କ ଆହ୍ୱାନରେ ଲବଣ ସତ୍ୟାଗ୍ରହରେ ଯୋଗଦିଅନ୍ତି। ୧୯୩୧ ମସିହାରେ ରେଭେନ୍‌ସା କଲେଜରେ ଉଚ୍ଚଶିକ୍ଷା ପାଇଁ ନାମ ଲେଖାନ୍ତି। ଛାତ୍ର ଅନ୍ଦୋଳନର ନେତୃତ୍ୱ ନେଇ କର୍ତ୍ତୃପକ୍ଷଙ୍କର କୋପଦୃଷ୍ଟିର ଶିକାର ହୁଅନ୍ତି। ଦିଲ୍ଲୀରେ କଂଗ୍ରେସ ଅଧିବେଶନରେ ଯୋଗ ଦେବାକୁ ଯିବା ସମୟରେ ହାବଡା ଷ୍ଟେସନ୍‌ରେ ଗିରଫ ହୋଇ ଆଲିପୁର ଜେଲରେ ବନ୍ଦୀ ହୁଅନ୍ତି। କିଛିଦିନ ପାଇଁ ରେଭେନ୍‌ସା କଲେଜରୁ ବହିଷ୍କାର ହୁଅନ୍ତି। ମାତ୍ର ଜେଲ୍‌ରୁ ଫେରିବା ପରେ ପୁଣି ଥରେ କଲେଜରେ ଭର୍ତ୍ତି ହୁଅନ୍ତି। ଏହି ସମୟରେ ଋଷ ବିପ୍ଳବର ପ୍ରଭାବ ଧୀରେ ଧୀରେ ସମାଜ ଓ ସାହିତ୍ୟ

କ୍ଷେତ୍ରରେ ଅନୁଭୂତ ହେଉଥାଏ। ଅନନ୍ତ ମଧ୍ୟ ଋଷ ବିପ୍ଳବ ପ୍ରଭାବିତ ସାମ୍ୟବାଦୀ ଆଦର୍ଶ ପ୍ରତି ଅନନ୍ତ ମଧ୍ୟ ଆକୃଷ୍ଟ ହେଉଥାଆନ୍ତି। ସେ ସମୟରେ ଏହି ଆଦର୍ଶର ପ୍ରଚାର ପାଇଁ 'ସାରଥୀ' ପତ୍ରିକା ପ୍ରକାଶ ପାଉଥାଏ। ଅନନ୍ତଙ୍କ କବିତା ମଧ୍ୟ ଏହି ପତ୍ରିକାରେ ପ୍ରକାଶ ପାଉଥାଏ। ଏତଦ୍‌ବ୍ୟତୀତ ନୀଳକଣ୍ଠଙ୍କ ସଂପାଦନାରେ ପ୍ରକାଶିତ 'ନବଭାରତ' ପତ୍ରିକାରେ ମଧ୍ୟ ଅନନ୍ତଙ୍କ କବିତା ସ୍ଥାନ ପାଇଥିଲା। ୧୯୩୫ ମସିହାରେ ବି.ଏ. ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଆଇନ୍ ମହାବିଦ୍ୟାଳୟରେ ସେ ନାମ ଲେଖାଇଲେ। ପାଠପଢ଼ା ସାଙ୍ଗକୁ ଛାତ୍ର ଆନ୍ଦୋଳନରେ ମଧ୍ୟ ନେତୃତ୍ୱ ସେ ନେଉଥାଆନ୍ତି।

ଏହି ସମୟରେ ଢ଼େଙ୍କାନାଳରେ ପ୍ରଜା ଆନ୍ଦୋଳନ ଆରମ୍ଭ ହୋଇଥାଏ। ବନ୍ଧୁମାନଙ୍କ ସହ ଅନନ୍ତ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ। ଏହି ଆନ୍ଦୋଳନକୁ ଉତ୍ସାହିତ କରିବା ପାଇଁ ଅନନ୍ତଙ୍କ ଉଦ୍ୟମରେ 'ରଣଭେରୀ' ପ୍ରକାଶ ପାଉଥିଲା। ପ୍ରଜା ଆନ୍ଦୋଳନକାରୀ ମନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅନନ୍ତ ପଟ୍ଟନାୟକ ବହୁ କବିତା ରଚନା କରୁଥାଆନ୍ତି। ତେଣୁ ଏଥିରୁ ସ୍ପଷ୍ଟ ହୁଏଯେ ଅନନ୍ତ ଛାତ୍ର ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ସହ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏହା ବ୍ୟତୀତ ବହୁଦିନ ଧରି ସଂପାଦନା କ୍ଷେତ୍ରରେ ମଧ୍ୟ ଜଡ଼ିତ ଥିଷଲ। 'ସମାଜ'ର ସହକାରୀ ସଂପାଦକ ଭାବରେ ପାକ୍ଷିକ ପତ୍ରିକା 'ସତ୍ୟବାଦୀ'ର ସଂପାଦନା କରିଥିଲେ। 'ଝିଟପିଟି କହେ' ପ୍ରସଙ୍ଗରେ ଲେଖକ 'ଅଣାକାର' ଛଦ୍ମନାମରେ ବିଭିନ୍ନ ଆଲେଖ୍ୟ ପ୍ରକାଶ ପାଇ ପାଠକୀୟ ଆଦୃତିଲାଭ କରିଥିଲା।

ବିଂଶ ଶତାବ୍ଦୀର ଦ୍ୱିତୀୟ ଓ ତୃତୀୟ ଦଶକ ପୃଥିବୀର ସାହିତ୍ୟ ଓ ରାଜନୀତି ପାଇଁ ଏକ ଉଲ୍ଲେଖନୀୟ ସମୟ। ମାତ୍ର ଓଡ଼ିଆ ସାହିତ୍ୟରେ ଏହି ପରିବର୍ତ୍ତନରେ ପ୍ରଭାବ ମନ୍ଥର ଥିଲା। ରକ୍ଷଣଶୀଳତା ରାଜପଣ କରୁଥିଲା। ଏହି ସମୟରେ ଅନନ୍ତ ପଟ୍ଟନାୟକଙ୍କ ଭଳି କେତେଜଣ ଯୁବକବି ଚିରାଚରିତ ସାହିତ୍ୟିକ ଧାରା ଓ ବିଧିବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହି ଅଗ୍ରଗାମୀ ଗୋଷ୍ଠୀଙ୍କର ମିଳିତ ସହଯୋଗରେ 'ନବଯୁଗ ସାହିତ୍ୟ ସଂସଦ' ଗଠନ କରାଗଲା। ୧୯୩୫ ମସିହା ନଭେମ୍ବର ୨୯ ତାରିଖ ଠାରୁ ୧୯୩୫ ମସିହା ଡିସେମ୍ବର ମାସ ୪ତାରିଖ ପର୍ଯ୍ୟନ୍ତ ଛଅଦିନ ବ୍ୟାପି ଶ୍ରୀରାମଚନ୍ଦ୍ର ଭବନଠାରେ ନବଯୁଗ ସାହିତ୍ୟ ସଂସଦର ପ୍ରଥମ ଅଧିବେଶନ ଆରମ୍ଭ ହେଲା। ଏହି ଉତ୍ସବର ଉଦ୍‌ବୋଧନ ସଂଗୀତ ତରୁଣ କବି ଅନନ୍ତ ରଚନା କରିଥିଲେ। ଏହା ମାଳତୀ ଚୌଧୁରୀଙ୍କ କଣ୍ଠରେ ଗାନ କରାଯାଇଥିଲା। ଏହି ସଂଗୀତ ରୁ ହିଁ ନବଯୁଗ ସାହିତ୍ୟ ସଂସଦର ଆଭିମୁଖ୍ୟ ସ୍ପଷ୍ଟ ହୋଇ ଉଠିଲା।

"ନବୀନ ଯୁଗର ତରୁଣ ଜାଗରେ
ଜାଗ ବଂଧନ ହରା
ବକ୍ଷ ଶୋଣିତେ ଲକ୍ଷ ଜୀବନେ
ଖେଳାଅ ଆଲୋକ ଧାରା।
ଛିନ୍ନକରରେ ବନ୍ଧନରାଜି
କ୍ରନ୍ଦନ ହେଉ ଶେଷ,
ଲୁପ୍ତ ହେଉରେ ଜାତି ଉପଜାତି

ଖଣ୍ଡିତ ଶତ ଦେଶ,
ମହାମାନବର ଶଙ୍ଖ ଶବଦେ
ଶମୁରେ ଦୁଃଖ ଜ୍ୱାଳା
ଜାଗ ବନ୍ଧନ ହରା ।

ନବଯୁଗ ସାହିତ୍ୟ ସଂସଦର ମୁଖପତ୍ର ଭାବେ 'ଆଧୁନିକ' ପତ୍ରିକା ପ୍ରକାଶ ପାଏ । ଏହାର ସଂପାଦକ ଥାଆନ୍ତି 'ଭଗବତୀ ଚରଣ ପାଣିଗ୍ରାହୀ' । କବି ଅନନ୍ତ ଥାଆନ୍ତି ତାଙ୍କର ପ୍ରମୁଖ ସହଯୋଗୀ । ୧୯୩୬ ମସିହା ଅକ୍ଟୋବର ମାସରେ ପୁରୀର ଶରଧାବାଲି ଠାରେ ରାଜ୍ୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହୁଏ । ଏହି ସମ୍ମିଳନୀରେ ମଧ୍ୟ ଅନନ୍ତଙ୍କ 'ସର୍ବହରା' କବିତା ଉଦ୍‌ବୋଧନ ସଂଗୀତ ରୂପେ ଗାନ କରାଯାଏ ।

"ଜୀବନ ଧରି ହେ ଢ଼ାଳିଲୁ ରକ୍ତ
ତୋଳିଲୁ ସଉଧମାଳା
ଆମରି ଲାଗିରେ ଶାସନ ଶକ୍ତ
ଆମେଇ ସର୍ବହରା
...................
ପ୍ରାପ୍ୟ ଆମର ନେବୁରେ ମୁକର
ଆମେ ଶ୍ରମକରି ଜାତି
ଫୁଟାଇବୁ ଆଜି ରକ୍ତ ପ୍ରଭାତ ଚିରି ଅନ୍ଧାର ରାତି ।"

ଅନନ୍ତ ପଟ୍ଟନାୟକଙ୍କ ସଂଗ୍ରାମୀ ଜୀବନକୁ ଅନୁଧ୍ୟାନ କଲେ ମନେହୁଏ, ସେ ଥିଲେ ଜଣେ ବିପ୍ଳବୀ କବି । ସାମ୍ୟବାଦୀ ଆନ୍ଦୋଳନର ବୈପ୍ଳବିକ ଆହ୍ୱାନରେ ସେ ଅନୁପ୍ରାଣିତ ହୋଇଥିଲେ । ତାଙ୍କ ରଚିତ କବିତା ପୁସ୍ତକ ହେଉଛି: 'ରକ୍ତଶିଖା', 'ଶାନ୍ତିଶିଖା', 'କିଞ୍ଚିତ', 'ଅଲୋଡ଼ାଲୋଡ଼ା', 'ଛାଇରଛିଟା', 'ଅରୁତୁରୁତୁ', 'ଅବାନ୍ତର', 'ତର୍ପଣ କରେ ଆଜି', 'ସୂତାଟିଏ ସୁକୃତିର' । କବି ଅନନ୍ତ 'ଶିଶୁ ସାହିତ୍ୟ ପ୍ରକାଶକ ସମିତି' ସହ ଅନେକଦିନ ପର୍ଯ୍ୟନ୍ତ ସଂଯୁକ୍ତ ଥିଲେ ଓ 'ଶିଶୁ ଲେଖା'ର ସଂପାଦନା ଦାୟିତ୍ୱରେ ମଧ୍ୟ ଥିଲେ । ଶିଶୁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ସୁନାମ ଅର୍ଜନ କରିଛନ୍ତି । 'ଅଗଡ଼ବଗଡ', 'ଛବିଟିଏ ଗପଟିଏ' 'ଗପୁଡ଼ି ମାଇଁ' 'ଧପୁଡ଼ି ଧାଇଁ', 'କୁନି କୁନି ଭଲପଣ', 'ଲଢ଼େଇ କରନା ପୁଣି' ଲାଲ ଟକଟକ, 'ସୂରୁଜଟିଏ ମୋ ପଢାଭାଇ' ଇତ୍ୟାଦି ଗପ ଓ କବିତା ଶିଶୁ ମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶ ପାଇଥିଲା । 'ଚଢ଼ାଉତରା' ଓ 'କସରାଘୋଡା' ନାମକ ଦୁଇଟି ଗଳ୍ପ ସଂକଳନରେ ମଧ୍ୟ ସେ ସ୍ରଷ୍ଟା । 'ମା', 'ଭାଗ୍ୟରୁ ଖିଏ', 'ଶିକ୍ଷାନବୀଶ', 'ସତ୍ୟହେଲା ମଣିଷର ସ୍ୱପ୍ନ' ଇତ୍ୟାଦି ତାଙ୍କ ରଚିତ ଅନୁବାଦ ପୁସ୍ତକ । ୧୯୮୭ ମସିହା ଜୁନ୍ ମାସ ୨୫ ତାରିଖରେ ସେ ମୃତ୍ୟୁ ବରଣ କରିଥିଲେ ।

କବି ଅନନ୍ତଙ୍କ ସାରସ୍ୱତ ସାଧନାର ଆଭିମୁଖ୍ୟ ସଂପର୍କରେ ଆଲୋଚନା କଲାବେଳେ, ଏହା ସ୍ପଷ୍ଟହୁଏ ଯେ; କବିଙ୍କର ସଂଗ୍ରାମୀ ଜୀବନାଦର୍ଶ ଓ ତାଙ୍କର ସାରସ୍ୱତ ସାଧନା ଓତଃପ୍ରୋତ ଭାବେ ଜଡିତ ଥିଲା । ତାଙ୍କ କବିତାରେ ଶୋଷିତ ଓ ଅତ୍ୟାଚାରିତଙ୍କ ଉଦ୍ଦେଶ୍ୟରେ ସମବେଦନା ପ୍ରକାଶିତ ।

ସର୍ବହରା, କୃଷକ ଶ୍ରମିକ, ଶୋଷିତ ଜନଗଣଙ୍କ ଉଦ୍ଦେଶ୍ୟରେ ତାଙ୍କ ଲେଖନୀ ଜାଗ୍ରତ । କବି ସର୍ବଦା ଏକ ସୁସ୍ଥ, ସୁନ୍ଦର, ସମାଜ ବ୍ୟବସ୍ଥାର ସ୍ୱପ୍ନ ଦେଖନ୍ତି । ଯେଉଁ ସମାଜରେ ଧର୍ମାନ୍ଧତାର ସ୍ଥାନ ନଥିବ । ସାଧାରଣ ଜନତା ଶୋଷିତ, ଅତ୍ୟାଚାରିତ ହେଉନଥିବେ । ଦେଶର ସାଂପ୍ରତିକ ସ୍ଥିତିକୁ ନେଇ କବିଙ୍କର ବ୍ୟାକୁଳତା ପ୍ରକାଶ ପାଇଛି ।

"ଆଜିତ ମଣିଷ ଢଳିପଡ଼େ ଭୋକେ
ଆଜିତ ଶିଶୁର ଛାତିରେ ମୁଥ
ମୁହେଁ ମୁହେଁ ଖାଲି ସାମ୍ୟବାଦ ହେ
ହାତୁଁ ହାତେ ଛୁରୀ ଯାଉଛି ବୁଲି ।" (ରକ୍ତ ସାଗରେ -ମର୍ମ ଫୁଟେ)

ପ୍ରଗତି ସାହିତ୍ୟ ବାସ୍ତବ ଜୀବନର ପ୍ରତିଛବି । ଏହା କଳ୍ପନାର ବିଳାସ ନୁହେଁ । ଏ ସାହିତ୍ୟ ପରିବର୍ତ୍ତନଶୀଳ । ଜୀବନର ବିବିଧ ସମସ୍ୟାରେ ଜର୍ଜରିତ । କବି ଅନନ୍ତଙ୍କ ସାହିତ୍ୟିକ ଆଭିମୁଖ୍ୟ ଏହି ଆଦର୍ଶରେ ପ୍ରଭାବିତ ହୋଇଥିବା ଜଣାଯାଏ । ନିମ୍ନୋକ୍ତ ପଂକ୍ତିରୁ ଏହା ସୂଚିତ ।

* "ସର୍ବହରାର ଦଳ !
ଚାଲ ଚାଲ ଖରତର
ଚୂର ଚୂର, ଜଂଜିର, କାରାରେ;
କଣ୍ଠେ ଖେଳୁ ହେ ତବ
ବିଦ୍ୟୁତ - ଦ୍ୟୁତି ଦଳ
ବକ୍ଷେ ବିକଶୁ ପ୍ରୀତି ଧାରାରେ ।" (ପ୍ରଳୟର ଆବାହନ)

* "ବୃଦ୍ଧ ହେ, ତୁମ ଦିବସ ଯାଇଛି ଚାଲି
ନବ ଜୀବରେ ଆହ୍ୱାନ ଆସେ ଖରେ,
ଛାଡିଦିଅ ପଥ, ନବୀନ ଆଲୋକ ଜାଳି
ତରୁଣ ବାହିନୀ ଛୁଟୁରେ ଦର୍ପଭରେ ।"

* "କାହିଁ ଉପବନ, କାହିଁ ବା ସ୍ୱର୍ଗ କହ,
କାହାପାଇଁ ବସି ଗଡାଅ କାଷ୍ଠମାଳି ?
ପୃଥିବୀ କାପାଇଁ କରିଲ ଦେଉଳ ମୟ ?
ଶ୍ରମିକ ମରେ ଯେ ଶରୀରୁ ରକ୍ତ ଢ଼ାଳି ?
..........................................
ସମାଜପତି ହେ ! ଧର୍ମର ବାନା ଟେକି

ନର ଦେବତାର ମସ୍ତକ ପଦେ ଚାପ,
ଶତ ସଂହିତା ପୁରାଣ ତନୁ ଲେଖି
ନିଦଭୋଗ ଲାଗି ମନ୍ଦିରେ ଦେବ ଥାପି।" (ବୃଦ୍ଧ ହେ ତୁମ ଦିବସ ଯାଇଛି ଚାଲି)

ପଂକ୍ତି ଦ୍ୱୟରୁ ସୂଚିତ ହୁଏ :-

* ସର୍ବହରାର ଦୁଃଖରେ କବି ବିଚଳିତ।
ପ୍ରାଚୀନ ସମାଜ ବ୍ୟବସ୍ଥାର ରକ୍ଷଣଶୀଳ ପନ୍ଥୀମାନଙ୍କ ପ୍ରତି ପିରୋଧାଭାସ
ଇଶ୍ୱରୀୟ ବିଶ୍ୱାସ ବୋଧ ପ୍ରତି ଅନାସ୍ଥାଭାବ
ସାଂପ୍ରତିକ ଅବକ୍ଷୟୀ ସମାଜ ବ୍ୟବସ୍ଥାର ଚିତ୍ର

ଅନନ୍ତଙ୍କ କବିତା ଉପରୋକ୍ତ ଆଭିମୁଖ୍ୟ ଉପରେ ପର୍ଯ୍ୟବେସିତ ଥିଲା। ଭାଷା ପ୍ରୟୋଗ, କାବ୍ୟିକ ଶୃଙ୍ଖଳା, ଛନ୍ଦବଦ୍ଧତା, ଶବ୍ଦ ଚୟନ, ଅଭିନବ ରୂପକ ଓ ଚିତ୍ରକଳ୍ପର ବ୍ୟବହାର ଅନନ୍ତଙ୍କୁ ପଞ୍ଚମ ଓ ଷଷ୍ଠ ଶତକର ଜଣେ ସଫଳ କବିର ମାନ୍ୟତା ପ୍ରଦାନ କରିଛି।

## ୧.୫ ଆସିଛି ମୁଁ ଆସିଚି କବିତାର ଆଲୋଚନା

କବି ଅନନ୍ତ ପଟ୍ଟନାୟକ ପ୍ରଗତିଶୀଳ ସାହିତ୍ୟ ତତ୍ତ୍ୱର ଅନ୍ୟତମ ପୁରୋଧା। କବିତାରେ ପ୍ରଗତିଶୀଳ କବି ନିଜକୁ ଜନସମାଜର ପ୍ରତିନିଧି ଭାବରେ ବର୍ଣ୍ଣନା କରିଛନ୍ତି। କବି ଅନନ୍ତ ସ୍ୱପ୍ନ ବିଳାସୀ କବି ନୁହଁନ୍ତି। ବିପ୍ଳବର ସାରଥି ସାଜି ସାମାଜିକ ସଂସ୍କାରର ପ୍ରୟାସ କରନ୍ତି। ଶୋଷଣ, କଷଣର ପରିସମାପ୍ତି ପାଇଁ ସେ ଆଗେଇ ଆସନ୍ତି। ଶ୍ରମିକ, କୃଷକ ଦୁଃଖ ମୋଚନ ତାଙ୍କ କବିତାର ମୁଖ୍ୟଲକ୍ଷ୍ୟ। କବି ଦୃଷ୍ଟିରେ ଚାଷୀ ମୂଲିଆ ହେଉଛି ସଂସାରର ରକ୍ଷକ। ତେଣୁ ସମାଜରେ ତାକୁ ସମ୍ମାନ ମିଳିବା ଉଚିତ। ସମସ୍ତ ସ୍ୱାଧୀନତାର ହକ୍‌ଦାର କୃଷକ ଓ ଶ୍ରମିକ। ତା'ର ଚାଷକାର୍ଯ୍ୟ ଓ ଲଙ୍ଗଳ ଚାଳନାରେ କଷ୍ଟଲବ୍‌ଧ ଶସ୍ୟକୁ ନଷ୍ଟ କରିବା ଉଦ୍ୟମ ବନ୍ଦ ହେଉ। କୃଷକର କଣ୍ଠରୋଧ କରାନଯାଉ। ସାମାଜିକ ବିକାଶଧାରାର ସେ ଅନ୍ୟତମ ପ୍ରମୁଖ ଅଂଶ ହୋଇ ଉଦ୍‌ଭାସିତ ହେଉ। ମାର୍କସ୍ ବାଦୀର ଆଦର୍ଶରେ ସମାଜ ଗଠନର ସ୍ୱପ୍ନ ସାକାର ହେଉ। ଶୋଷଣହୀନ ସାମ୍ୟବାଦୀ ସମାଜ ଗଠନ ହେଉ। ଦଳିତ ଅବହେଳିତ ବର୍ଗର ପ୍ରାଣର ଭାଷା ବୁଝିବାକୁ ଉଚ୍ଚବର୍ଗର ଜନସାଧାରଣ ସମର୍ଥ ହୁଅନ୍ତୁ। ତେଣୁ ପ୍ରଗତିଶୀଳ ଚିନ୍ତା ଚେତନାରେ ଦୀକ୍ଷିତ କବି ପୀଡ଼ିତ ପ୍ରାଣର ଅଶ୍ରୁ ପୋଛିବାକୁ ଯାଇ କହନ୍ତି :-

"ଲଙ୍ଗଳର ପଥ ରୋଧକର କିଏ ? - ପ୍ରସ୍ତର
ଶସ୍ୟର ସ୍ଥିତି ରୋଧକର କିଏ ? - ପଂଗପାଳ
ଆତ୍ମାର କଣ୍ଠରୋଧ କର କିଏ ? - ଆତତାୟୀ

........................................
ପ୍ରାଣର ପ୍ରଣବରେ ଦୂରହୁଅ
କାତରାଶ୍ରୁର ପ୍ରେତ,

ମାତୃଘାତୀର ପ୍ରୀତି
ଆସିଚି ମୁଁ ଆସିଚି
ହୃତକମ୍ପର ଜ୍ୱଳଦର୍ଶ ବର୍ତ୍ତି।" (ଆସିଚି ମୁଁ ଆସିଚି)

ପ୍ରଗତିଶୀଳ ଚିନ୍ତାନାୟକ ଫ୍ରେଡେରିକ୍ ଏଙ୍ଗେଲସ୍ ଶ୍ରମଜୀବି, କୃଷକମାନଙ୍କ ଉପରେ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ଦୃଷ୍ଟିରେ ସେମାନେ ଦେଶର,ଜାତିର ମେରୁଦଣ୍ଡ। ତେଣୁ ସେମାନେ କୂପ-ମଣ୍ଡୁକତା ପରିହାର କରି ସାମ୍ନାକୁ ଆସିବା ଦରକାର। କୃଷକ ମାନଙ୍କୁ ସ୍ୱାଧୀନତା ଦିଆଗଲେ,ସେମାନେ ପୁଂଜିପତି,ଜମିଦାର,ବୁର୍ଜୋୟା ଜଗତଠାରୁ ଦୂରରେ ରହିବେ। ଏହି ଚିନ୍ତାଧାରା ସମଗ୍ର ବିଶ୍ୱପାଇଁ ମଙ୍ଗଳମୟ। ଏହି ମଙ୍ଗଳମୟ ଉଦ୍‌ଘୋଷଣା ନିମିତ୍ତ ସାମ୍ୟବାଦୀ ବିପ୍ଳବର ଉଦ୍‌ଗାତା ସାଜିଛନ୍ତି କବି। ନିମ୍ନୋକ୍ତ ପଂକ୍ତିରୁ କବିଙ୍କର ନିର୍ଭୀକତା, ଆତ୍ମପ୍ରତ୍ୟୟ ବା ଉଦ୍‌ବୋଧନ ପ୍ରକାଶିତ।

"ଆସିଛି ମୁଁ ଆସିଚି !

ଦୁଃଖର ଦୁର୍ଭେଦ୍ୟ ପ୍ରାଚୀର ଭାଙ୍ଗି
ମୁଁ ଆସିଛି,
ରକ୍ତର ଦୁସ୍ତର ପାରାବାର ଲଂଘି
ମୁଁ ଆସିଚି,
କୃମୀ କୀଟର ଉତ୍ତଙ୍ଗ ଉଲ୍ଲାସ ଚିରି
ମୁଁ ଆସିଚି,
ଲଲାଟରେ ଭବିଷ୍ୟର ଉତ୍କୀର୍ଣ୍ଣ ଲିପିଘେନି
ସ୍ଫୁଲିଙ୍ଗର ଚଳୋର୍ମି
ମୁଁ ଆସିଚି,
ପ୍ରାଣର ଅଧିପ ମୁଁ ସୂର୍ଯ୍ୟ
ସ୍ନେହର ପ୍ରତିଭୂ ମୁଁ ଚନ୍ଦ୍ର,
ପର୍ବତର ସ୍ରୋତ ଦି'ଭାଗ କରି ଆସିଚି !

କବି ଅନନ୍ତ ପଟ୍ଟନାୟକ ଜଣେ ସାମାଜିକ ଅଙ୍ଗୀକାର ବଦ୍ଧ କବି। ସାମାଜିକ ଅବ୍ୟବସ୍ଥା, ଶୋଷଣ, ଶାସକର ଅତ୍ୟାଚାର ବିରୋଧରେ କବି କବିତା ମାଧ୍ୟମରେ ସାଧାରଣ ମାନବ ସମାଜକୁ ଦମ୍ଭ ଦେଉଛି। ପ୍ରତିପକ୍ଷକୁ ଚେତାବନୀ ଶୁଣାଉଛି। 'ଆସିଚି ମୁଁ ଆସିଚି'। ଶାସକ ଓ ପ୍ରଭୁର ବନ୍ଦନା ନକରି ନିଜ ବନ୍ଦନା ପଢୁଛି। ନର୍କ ଡେଇଁ: କୃମି କୀଟର ଉଲ୍ଲଂଘ ଉଲ୍ଲାସ ଚିରି, କବି ଆସି ଠିଆ ହେଉଛନ୍ତି ଦଳିତ ମଣିଷ ପାଖରେ ଏବଂ କହୁଛନ୍ତି, 'ମୁଁ ଆସିଛି।' ଦଳିତ ମଣିଷ ପାଖରେ ପହଞ୍ଚିଯାଇ ନିଜର କାମ ସରିଗଲା ବୋଲି କବି ଭାବି ନାହାନ୍ତି। ଯିଏ ପର୍ବତର ସ୍ରୋତକୁ ଦିଭାଗ କରି, ଲୌହଗର୍ଭା ଧରିତ୍ରୀର ନାଭିପଦ୍ମକୁ ଓଟାରି ଆସିଛନ୍ତି, ସେ କ'ଣ ଏତେ ସହଜରେ ହାର୍ ମାନିବେ। ତେଣୁ କବି ମୁକ୍ତ କଣ୍ଠରେ ଘୋଷଣା କରନ୍ତି। -

"ପର୍ବତର ସ୍ରୋତ ଦି'ଭାଗ କରି ଆସିଚି !
ମୁଁ ଧ୍ୱଂସ କରିବି
ବସ୍ତ୍ରହରା ନାରୀର ଦଗ୍ଧ ଚକ୍ଷୁର ଜ୍ୱାଳା -
ମୁଁ ବର୍ଷିବି
ସହସ୍ରଧାରା ଅଶ୍ରୁର ଏକ ବିନ୍ଦୁ
ଲୌହଗର୍ଭା ଧରିତ୍ରୀର ନାଭିପଦ୍ମ ଓଟାରି
ମୁଁ ଆସିଚି,
ତାର ଆତ୍ମା ଶୋଷଣ କରି ମୁଁ ଆଣିଚି ସ୍ତନ୍ୟ,
ନାରୀ, ତୁମର ସ୍ତନାଗ୍ର ଚୂଡାରେ ଟଳମଳ କରୁ
କ୍ଷୀରବ୍ଧିର ବୀଚି। .......+++

ସମସ୍ୟା ଓ ବିପ୍ଳବକୁ କବିତାର ମୁଖ୍ୟ ଉପାଦନଭାବେ ଗ୍ରହଣ କରିଥିଲେ ମଧ କବିଙ୍କର ଶଦ ପ୍ରୟୋଗ ବାଣୀ ରସଗର୍ଭା। କବିତାରେ ବାକ୍‌ଛଳ ସହିତ ଭାଷାର ଅନୁରଣନକୁ ଧରିରଖିବା ପାଇଁ ସେ ପ୍ରୟାସ କରିଛନ୍ତି। କବିତାରେ କବି ପ୍ରାଣର ବ୍ୟକୁଳତା ସହିତ ବୈପ୍ଳବିକ ଦୀପ୍ତି ମଧ ମ୍ଳାନ ହେଉନାହିଁ।

## ୧.୬ ଆସିଛି ମୁଁ ଆସିଚି (ପାଠ)

"ଆସିଛି ମୁଁ ଆସିଚି !
ଦୁଃଖର ଦୁର୍ଭେଦ୍ୟ ପ୍ରାଚୀର ଭାଙ୍ଗି
ମୁଁ ଆସିଚି,
ରକ୍ତର ଦୁସ୍ତର ପାରାବାର ଲଙ୍ଘି
ମୁଁ ଆସିଚି,
କୃମିକୀଟର ଉଲ୍ଲଙ୍ଘ ଉଲ୍ଲାସ ଚିରି
ମୁଁ ଆସିଚି,
ଲଲାଟରେ ଭବିଷ୍ୟର ଉତ୍‌କୀର୍ଣ୍ଣ ଲିପି ଘେନି
ସ୍ଫୁଲିଙ୍ଗର ଚଳୋର୍ମି
ମୁଁ ଆସିଚି,
ପ୍ରାଣର ଅଧିପ ମୁଁ ସୂର୍ଯ୍ୟ,
ସ୍ନେହର ପ୍ରତିଭୂ ମୁଁ ଚନ୍ଦ୍ର,
ପର୍ବତର ସ୍ରୋତ ଦି'ଭାଗ କରି ଆସିଚି !
ମୁଁ ଧ୍ୱଂସ କରିବି

ବସ୍ତ୍ରହରା ନାରୀର ଦଗ୍‌ଧ ଚକ୍ଷୁର ଜ୍ୱାଳା
ମୁଁ ବର୍ଷିବି,
ସହସ୍ରଧାରା ଅଶ୍ରୁର ଏକ ବିନ୍ଦୁ !
ଲୌହଗର୍ଭା ଧରିତ୍ରୀର ନାଭିପଦ୍ମ ଓଟାରି
ମୁଁ ଆସିଚି,
ତାର ଆତ୍ମା ଶୋଷଣ କରି ମୁଁ ଆଣିଚି ସ୍ତନ୍ୟ,
ନାରୀ ! ତୁମର ସ୍ତନାଗ୍ରଚୂଡ଼ାରେ ଟଳମଳ କରୁ
କ୍ଷୀରବ୍‌ଧିର ବୀଚି !
ଶିଶୁ ! ତୁମର ସ୍ଫୁର୍ତ୍ତି ମୁଁ ଆସିଚି !
ପ୍ରୀତିର କନ୍ଦୁକ ମୁଁ ଚନ୍ଦ୍ର,
ଜ୍ୟୋତିର ମନ୍ଦାର ମୁଁ ସୂର୍ଯ୍ୟ !
ଆସିଚି ମୁଁ ଆସିଚି !
କବନ୍ଧର ନୃତ୍ୟ ରଚନା କର କିଏ ? - ବନ୍ଦ କର !
ବିକୃତିର ବିଗ୍ରହ ରଚନା କର କିଏ ? - ତଫାତ୍ ହୁଅ !
ବନ୍ଧୁକର ବର୍ତ୍ତୁ ରୋଧ କରି ମୁଁ ଆସିଚି ।
ବେକାର ପ୍ରତ୍ୟୁଷର ଚିତ୍କାର ଆଜି ପୋଛ,
କିରାନି ରାତ୍ରିର ପ୍ରଳାପ ଆଜି ପୋଛ
ପଶୁତ୍ୱର ବିବରମୁଖୀ ବନ୍ଧ୍ୟା ପ୍ରୀତିର ଭ୍ରୂଣ
ମୁଁ ଆସିଚି !
ପିଙ୍ଗଳ ଆକାଶରେ ତୁମର ଛିନ୍ନ ନଥିର ପତ୍ର
ଏଇ ଉଡ଼େ,
ଶରତର ଶୁଭ୍ର ବାଦଲ
ଆଜି ସ୍ତବ୍‌ଧ !
ଆପଣାକୁ ଆପେ ଉଜାଡ଼ କରି
ଜଳଧିର ମନ୍ଦ୍ର ନିନାଦ ଭଳି
ଭଲ ପାଅ, ମତେ ଭଲପାଅ
ମୁଁ ଆସିଚି
ଶସ୍ୟର ଶାଶ୍ୱତୀ ବାଣୀ, ମୁଁ ପ୍ରଜ୍ଞା !
ଚିମ୍‌ନିର ଆଲିମ୍ପନ ଲେଖି
କାର୍ପାସ୍‌ର ଚୂର୍ଣ୍ଣ କଥାରେ
କାଶ କିଏ ? କାଶ !
କାଶହାସରେ ଲୌହ - ଲାବଣ୍ୟ ଆଣି
କାଶ କିଏ ? କାଶ !
ତୁମର ପିଷ୍ଟ ପେଶୀରେ ବଜ୍ରର ବିଳାପ
ବାଜୁ !
ଅକାଳ ପକ୍ୱ କେଶରାଶିରେ ଚୀନାଂଶୁକର ସ୍ପର୍ଶ
ଲାଗୁ !
ଯୁଗର ବକ୍ଷରେ ମୁଁ ଅକାଳ ବସନ୍ତର ତିତିକ୍ଷା ।
ମୁଁ ପୁରୁ !
କପାଳର ଘର୍ମ ତୁମର ଓଷ୍ଠପୁଟରେ ନଇଁ
ମୁଁ ଆସିଚି, ମୁଁ ଆସିଚି !
ଯନ୍ତ୍ର - ମୁଖର ଦିବାକୁ ନିର୍ନିମେଷ ନୀରବତାରେ
ଦୀର୍ଣ୍ଣ କରି
ଆସିଚି, ମୁଁ ଆସିଚି !
ଆଣବିକ ଖଡ୍‌ଗ ଧର କିଏ ? - ଦୂର ହୁଅ !
ବୈଦ୍ୟୁତିକ ବାତ୍ୟା ଆଣ କିଏ ? ଦୂର ହୁଅ !
ଆସିଚି, ମୁଁ ଆସିଚି !
ଯାଚ୍‌ଞାର ଅର୍ଜି - ସ୍ତୂପ ଠେଲି ମୁଁ ଆସିଚି !
ସ୍ଥବିରତାର ମର୍ମ ଭେଦ କରି
ମୁଁ ଆସିଚି,
ତାରୁଣ୍ୟର ଅଭିମାନ ମୁଁ !
ଲଙ୍ଗଳର ପଥ ରୋଧ କର କିଏ ? - ପ୍ରସ୍ତର
ଶସ୍ୟର ସ୍ମିତ ରୋଧ କର କିଏ ? - ପଙ୍ଗପାଳ !
ଆତ୍ମାର କଣ୍ଠ ରୋଧ କର କିଏ ? - ଆତତାୟି !
ଅନିରୁଦ୍ଧ ସ୍ମିତ ମୋର ଛୁଟେ
ଦିକ୍ - ଦିଗନ୍ତ ଛୁଟେ;
ପ୍ରାଣର ପ୍ରଣବରେ ଦୂର ହୁଅ
କାତରାଶ୍ରୁର ପ୍ରେତ,
ମାତୃଘାତୀର ପ୍ରୀତି !
ଆସିଚି ମୁଁ ! ଆସିଚି
ହୃତ୍‌କମ୍ପର ଜ୍ୱଳଦର୍ଜି ବର୍ତ୍ତି !

**ଶବ୍ଦାର୍ଥ**

କନ୍ଦୁକ - ସୁଖଦାୟକ, ଖେଳ ବିଷୟକ, ବଲ, ଲଲାଟ - କପାଳ

ସ୍ଥବିରତା - ବାର୍ଦ୍ଧକ୍ୟ / ଆଳସ୍ୟ

ଦୁର୍ଜୟ - ଯାହାକୁ ଜୟ କରିବା କଷ୍ଟ।

ପଥରୋଧ - ପ୍ରତିବନ୍ଧକ

ପ୍ରସ୍ତର - ପଥର

ଫଂଗପାଳ - ଫସଲ ନଷ୍ଟକାରୀ ଏକ ପ୍ରକାର ପତଙ୍ଗ

କବଂଧ - ଦଳ / କଂବଧନାମକ ଅସୁର / ରାହୁ / ଧୂମକେତୁ

ଦୁର୍ଭେଦ୍ୟ - କଷ୍ଟସାଧ୍ୟ

ଦୁସ୍ତର - ଦୁଃଖକୁ ଅତିକ୍ରମ କରିବା

ପାରାବାର - ସମୁଦ୍ର

ଲଲାଟ - କପାଳ

ଅଧିପ - ରାଜା / ପ୍ରଭୁ

ପ୍ରତିଭୂ - ଅନ୍ୟର ପ୍ରତିନିଧି ହୋଇ ଯେ କାମ କରେ

କ୍ଷୀରାବ୍ଧି - କ୍ଷୀର ସମୁଦ୍ର

ବୀଚି - ଲହରୀ

## ୧.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

(କ) ଅନନ୍ତ ପଟ୍ଟନାୟକଙ୍କ କାବ୍ୟିକ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କର?

(୧.୪ ଅଂଶରେ ଉତ୍ତର ପ୍ରଦତ୍ତ)

(ଖ) ଆସିଚି ମୁଁ ଆସିଚି କବିତାରୁ କବିଙ୍କର ବୈପ୍ଲବିକ ଆଭିମୁଖ୍ୟ ସଂପର୍କରେ ଆଲୋଚନା କର।

(୧.୫ ଅଂଶରେ ଉତ୍ତର ପ୍ରଦତ୍ତ)

### (୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

(କ) ପ୍ରଗତିଶୀଳ ଆଭିମୁଖ୍ୟର ଦୃଢ ଉଦ୍‌ଘୋଷଣାର ସ୍ୱାକ୍ଷର ବହନ କରେ, 'ଆସିଚି ମୁଁ ଆସିଚି' କବିତା, 'ପ୍ରସଙ୍ଗ ଅନୁଯାୟୀ ଆଲୋ ଚନା କର।

(ଖ) ସମସ୍ୟା ଓ ବିପ୍ଳବର ରୂପ କବିତାରେ କିପରି ପ୍ରକାଶ ପାଇଛି ଆଲୋଚନା କର।

(ଗ) କବି ଅନନ୍ତ ପଟ୍ଟନାୟକ ଜଣେ ସାମାଜିକ ଅଂଗୀକାରବଦ୍ଧ କବି। ଆଲୋଚ୍ୟ କବିତା ଭିତ୍ତିରେ ବିଶ୍ଳେଷଣ କର।

(ଘ) ପଠିତ କବିତାରୁ କବିଙ୍କର ଶବ୍ଦ ପ୍ରୟୋଗ ବିଧି ଉପରେ ଆଲୋଚନା କର।

## ୧.୮ ସହାୟକ ଗ୍ରନ୍ଥସୂଚୀ


- ଆସିଚି ମୁଁ ଆସିଚି - ଅନନ୍ତ ପଟ୍ଟନାୟକ
- କାବ୍ୟିକ ସୌନ୍ଦର୍ଯ୍ୟ - ଗିରିବାଳା ମହାନ୍ତି
- 'କୋଣାର୍କ' ଅନନ୍ତ ପଟ୍ଟନାୟକଙ୍କ ବିଶେଷାଙ୍କ - ଓଡ଼ିଶା ସାହିତ୍ୟ ଏକାଡେମୀ
- ଓଡ଼ିଆ ସାହିତ୍ୟରେ ପ୍ରଗତୀଧାରା - ବିଜୟ କୁମାର ଶତପଥୀ
- ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା - ବିଜୟଲକ୍ଷ୍ମୀ ଦାଶ

# ଦ୍ୱିତୀୟ ଏକକ : (କ)
# 'ଅକ୍ରୂର ଉବାଚ' - ଗୁରୁ ପ୍ରସାଦ ମହାନ୍ତି

## ବିଷୟ ଗଠନ

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପରିଚୟ
୨.୪ କବି ଗୁରୁ ପ୍ରସାଦ ମହାନ୍ତି
୨.୫ ଅକ୍ରୂର ଉବାଚ କବିତାର ଆଲୋଚନା
୨.୬ ଅକ୍ରୂର ଉବାଚ (ପାଠ)
୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୮ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

୧୯୫୦ ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ ଗୁରୁପ୍ରସାଦ ମହାନ୍ତି ଜଣେ ବହୁ ଚର୍ଚ୍ଚିତ କବି। ସଂଖ୍ୟା ଦୃଷ୍ଟିରୁ ଅଳ୍ପ କବିତା ଲେଖି ଓଡ଼ିଆ ସାହିତ୍ୟରେ ଖ୍ୟାତି ଅର୍ଜନ କରିଥିବା କବି ମାନଙ୍କ ମଧ୍ୟରେ ଗୁରୁ ପ୍ରସାଦ ଅନ୍ୟତମ। ଅନ୍ୟ ପୂର୍ବ ସୂରୀ ମାନଙ୍କ କବିତା ଠାରୁ ତାଙ୍କ କବିତାର ପାର୍ଥକ୍ୟ ସହଜରେ ଅନୁଭବ କରିହୁଏ। ଆଧୁନିକ ଯନ୍ତ୍ରଣାକ୍ତ ଜୀବନର ଅନୁଭବର ରୂପାୟନ ହିଁ ତାଙ୍କର ମୌଳିକତା। ଗୁରୁ ପ୍ରସାଦଙ୍କ କବିତା ପାଠକ ମାନଙ୍କ ମନରେ ନୂଆ ଉନ୍ମାଦନା ସୃଷ୍ଟି କରିବା ସହିତ ସ୍ୱାଧୀନତା ପରବର୍ତ୍ତୀ କାଳୀନ ନୂତନ ଓଡ଼ିଆ କବିତାକୁ ନିଜସ୍ୱ ମୂଲ୍ୟବୋଧରେ ପ୍ରତିଷ୍ଠିତ କଲା। 'ଅକ୍ରୂର ଉବାଚ' ପାଠ କରିବା ସହିତ ଗୁରୁପ୍ରସାଦ ମହାନ୍ତିଙ୍କର ସାର୍ବକାଳୀକ ମୂଲ୍ୟବୋଧ ସଂପର୍କରେ ଅବଗତ ହେବା ପଠନର ମୁଖ୍ୟ ଉଦ୍ଦେଶ୍ୟ।

## ୨.୨ ଶିକ୍ଷଣୀୟ ବିଷୟ

- ଅନ୍ୟ ପୂର୍ବସୂରୀ ମାନଙ୍କଠାରୁ ଗୁରୁପ୍ରସାଦ ମହାନ୍ତିଙ୍କର କବିତାର ପାର୍ଥକ୍ୟ ଅନୁଭବ କରିପାରିବା।
- 'ଅକ୍ରୂର ଉବାଚ' କବିତା ପାଠ କରି କବିଙ୍କର ସାର୍ବକାଳୀନ ମୂଲ୍ୟବୋଧ ସମ୍ପର୍କରେ ଅବଗତ ହୋଇପାରିବା।
- ଉକ୍ତ କବିତାରେ କାବ୍ୟ ପୁରୁଷର ଆଧିଭୌତିକ ଉତ୍ତରଣ ପିପାସା ସମ୍ପର୍କରେ ସବିଶେଷଜ୍ଞାନ ଲାଭ କରିପାରିବା।

## ୨.୩ ବିଷୟ ପରିଚୟ

'ଅକ୍ରୂର ଉବାଚ' କବିତାଟି ପୌରାଣିକ ମିଥ୍ ଉପରେ ପର୍ଯ୍ୟବେସିତ। ମଣିଷର ଶାରୀରିକ, ମାନସିକ, ବିଷର୍ଣ୍ଣତା ବୋଧ, ଜରାମୃତ୍ୟୁ ଓ ଜନ୍ମ ଜନ୍ମାନ୍ତରର ରହସ୍ୟ ମଧ୍ୟରେ ମାନବ ସଦାସର୍ବଦା ପୀଡ଼ିତ। ଏସବୁରୁ ମୁକ୍ତି ପାଇବା ନିମିତ୍ତ ପ୍ରଚେଷ୍ଟା ଓ ଅମୃତ ଅଭୀପ୍ସା କବିତାର ମୁଖ୍ୟ ଭାବସତ୍ତା।

## ୨.୪ କବି ଗୁରୁପ୍ରସାଦ ମହାନ୍ତି

କବି ଗୁରୁପ୍ରସାଦ ମହାନ୍ତି ୧୯୨୪ ମସିହାରେ କଟକ ଜିଲ୍ଲାର 'ବାଗଲପୁର' ଠାରେ ଜନ୍ମ ଗ୍ରହଣ କରିଥିଲେ। ୧୯୩୯-୪୦ ମସିହାରୁ ଲେଖାଲେଖି ଆରମ୍ଭ କରିଥିଲେ। ତାଙ୍କ ରଚିତ ଅନ୍ୟତମ କବିତା ଗୁଡିକରେ ସବୁଜ ଯୁଗର ପ୍ରଭାବ ପଡ଼ିଥିବା ଭଳି ମନେହୁଏ। 'ପ୍ରକୃତି ଓ ପ୍ରଣୟ' ଏ ସମୟର କବିତାର ମୁଖ୍ୟ ଭାବସତ୍ତାଭାବେ ଉଭା ହୋଇଛନ୍ତି।

ପ୍ରକୃତିର ରୂପ ସମ୍ଭାର ସହିତ କବି ପ୍ରାଣର ବିଭୋର ଭାବାବେଗର ନିବିଡ଼ ସମନ୍ୱୟ ଗୁରୁପ୍ରସାଦଙ୍କ କବିତାରେ ଦେଖିବାକୁ ମିଳିଛି। 'ସେଦିନ' 'ସପନତରୀ','ଅପରାଜିତା','ଅସ୍ତରାଗ' ଇତ୍ୟାଦି କବିତା ଏହାର ଦୃଷ୍ଟାନ୍ତ। ନିମ୍ନୋକ୍ତ ଦୁଇଟି ପଂକ୍ତିରୁ ଏହା ସୂଚିତ।

"ସେଦିନ ଏମିତି କଳା ବଉଦର ଫାଙ୍କେ
ଝରିପଡ଼ିଥିଲା ଜୋଛନା ରାଣୀର ହସ କିଆବଣ କୋଲୁ
ଭାସି ଆସୁଥିଲା କିଆ କୁସୁମର ବାସ।"

"ତୁମରି ଆଖିକୋଣେ ଲୁହ ଯେ ଆସେ ଭରି
ଅପରାଜିତା ସେ ମୋ ଶିଶିର ଟୋପା ସରି
ରକତ ଓଠକୋଣେ ସେ ଦରହାସ ଉଠେ
ହେମନ୍ତ ପାହାନ୍ତିରେ ଗୋଲାପ ସେ କି ଫୁଟେ।"

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଓ ଅସହଯୋଗ ଆନ୍ଦୋଳନର ଆହ୍ୱାନ ସବୁଜ କବିଙ୍କ କବିତାକୁ ଭିନ୍ନ ଏକ ପଥରେ ଗତି କରାଇଛି। ଗୁରୁପ୍ରସାଦଙ୍କ କବିତା ମଧ୍ୟ ମୋଡ ପରିବର୍ତ୍ତନ କରିଛି। ରୋମାଣ୍ଟିକ୍ ସ୍ୱର ବିଭବ ବାସ୍ତବବାଦୀ ସ୍ୱରରେ ରୂପାନ୍ତରିତ ହୋଇଛି। ଜୀବନକୁ ନେଇ କବିର ସ୍ୱପ୍ନଭରା ଦୃଷ୍ଟିଭଙ୍ଗୀ ବଦଳି ଯାଇଛି। ଜୀବନପ୍ରତି ଦୃଷ୍ଟିଭଙ୍ଗୀ ଧୀରେ ଧୀରେ ଗଭୀର ଓ ଆନ୍ତରିକ ହୋଇଉଠିଛି। ଜୀବନର ପ୍ରକୃତ ମୂଲ୍ୟକୁ ହୃଦୟଙ୍ଗମ କରି ଏହାକୁ କାବ୍ୟରୂପ ଦେବାର ପ୍ରୟାସ ଗୁରୁପ୍ରସାଦଙ୍କ ଦ୍ୱାରା ଆରମ୍ଭ ହୋଇଛି।

କାବ୍ୟିକ ଚେତନାର ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱାଧୀନତା ପରେ ସ୍ୱପ୍ନଭଙ୍ଗ ଅବସ୍ଥାର ଚିତ୍ରାୟନ ଗୁରୁପ୍ରସାଦଙ୍କ କବିତାକୁ ସ୍ୱାତନ୍ତ୍ର ପ୍ରଦାନ କରିଛି। ୧୯୪୮ -୧୯୫୫ ମଧ୍ୟରେ ରଚିତ କବିତା ଗୁଡିକ 'ନୂତନ କବିତା' ସଂକଳନ ନାମରେ ୧୯୫୫ ମସିହାରେ ପ୍ରକାଶ ପାଇଛି। ସଂକଳନରେ ଗୁରୁପ୍ରସାଦଙ୍କ ସହିତ କବି

ଭାନୁଜୀରାଓଙ୍କର ମଧ୍ୟ କିଛି କବିତା ପ୍ରକାଶ ପାଇଥିଲା। ଗୁରୁପ୍ରସାଦଙ୍କର 'ପ୍ରିୟ ବାନ୍ଧବୀ','ଆଖିର କପୋତ ମୋର', 'ଗୋବର ଗଣେଶ','ସୁନାର ଝରଣା','ଶରତ ଋତୁରେ ଚନ୍ଦ୍ର','ଚମ୍ପା ଫୁଲ','ଚିଠି', ଅଳକା ସାନ୍ୟାଲ, 'ନିହତ ଗୋଧୂଳି', ଓ ଭାନୁଜୀ ରାଓଙ୍କର 'ତୁମକୁ ମୁଁ', 'ଭାବନା', 'ପ୍ରଶ୍ନ','ରାତିଦିନ','ରବିବାର','ଆକାଶ ମାଟି','ଅନ୍ୱେଷଣ','ମାୟାବିନୀ',ପୃଥିବୀ,'ଗାଟିଏ ଦିନର ବସନ୍ତ','ସମୁଦ୍ର କନ୍ୟା','ଅନେକ ଦିନ ପରେ','ଠେଲି ଠେଲି ବାଲି','କାଠଯୋଡ଼ି','ଦୀଘା' ଇତ୍ୟାଦି ଅନ୍ୟତମ। ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ୟୁରୋପୀୟ କାବ୍ୟ ଚେତନାର ଧୂସର ଆଭିମୁଖ୍ୟ ଥିଲା ଏ କବିତା ସମୂହର ମୁଖ୍ୟ ଉପଦୀବ୍ୟ। ପ୍ରଥମ କରି ବିଜ୍ଞାନର ଭୟାବହତା ଓ ଯୁଦ୍ଧର ଧ୍ୱଂସକାରୀ ଆଭିମୁଖ୍ୟକୁ ଅତି ପାଖରୁ ଦେଖିଥିବା ଇଂରାଜୀ କବି ଟି.ଏସ୍.ଏଲିୟଟ୍ ଓ ଡବ୍ଲ୍ୟୁ. ବି. ୟେଟ୍ସ୍‌ଙ୍କ ଦ୍ୱାରା କବି ଅନୁପ୍ରାଣିତ ହୋଇଛନ୍ତି। ରୋମାଣ୍ଟିକ୍ କବି ଗୁରୁପ୍ରସାଦଙ୍କର ରୂପାନ୍ତର ଘଟିଛି। ବୁଦ୍ଧିଦୀପ୍ତତା (wit),ବ୍ୟଂଜନା (inony), ଓ ରୂପକ(metaphor) ଆଦିର ପ୍ରୟୋଗରେ କବି ଚିତ୍ତ ପରିବର୍ତ୍ତନ ହୋଇଛି। 'ନୂତନ କବିତା'ର ଭୂମିକାରେ ଯତୀନ୍ଦ୍ରମୋହନ ମହାନ୍ତିଙ୍କ ମନ୍ତବ୍ୟଟି ଏ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ମନେହୁଏ। "ନୂତନ କବିତା'ର କିବତା ଗୁଡିକ ଓଡ଼ିଶାରେ ନୂତନ,କାରଣ ଏଗୁଡିକ ରୋମାଣ୍ଟିକ୍ କାବ୍ୟଧର୍ମୀ ନୁହନ୍ତି। ଏହି କବିତା ଗୁଡିକର ଅନ୍ତରାଳରୁ ମେଟାଫିଜିକାଲ୍ କବି ମାନଙ୍କ ସହିତ ବୋଦ୍‌ଲେୟାର ଓ ଏଲିୟଟ୍‌ଙ୍କୁ ମଧ ଦେଖାଯାଏ। ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଏଠାରେ ରୋମାଣ୍ଟିକ୍ ନୁହେଁ ବ୍ୟଙ୍ଗାତ୍ମକ। ଏହି କବିତାର ପ୍ରଧାନ ଉପାଦନା wit ଓ ଏକ ରୁଚିପୂର୍ଣ୍ଣ ଶାଳୀନତା (urbanity) ଚେତନା ଏଠାରେ ବ୍ୟାପକ ଓ ବହୁ ବିଚିତ୍ର। କିନ୍ତୁ ଉପମା ଓ ଉପମେୟର ସଂକ୍ଷିପ୍ତ ପ୍ରୟୋଗ ଦ୍ୱାରା ପ୍ରକାଶଭଙ୍ଗୀ କଠିନ ଭାବେ ସୁନିୟନ୍ତ୍ରିତ। ରୋମାଣ୍ଟିକ୍ କବିତା ପରି ଏହି କବିତା ଗୁଡ଼ିକରେ କେବଳ କବିର ବ୍ୟକ୍ତିତ୍ୱ ପ୍ରକାଶ ପାଇନାହିଁ। ବରଂ ଏକ ନିର୍ଦ୍ଦିଷ୍ଟ ମାଧ୍ୟମରେ କବିର ବହୁ ବିଭିନ୍ନ ଧରଣା ଓ ଅନୁଭୂତିର ପରିଣତ ସମନ୍ୱୟ ଘଟିଛି ଓ ଏହି ସମନ୍ୱୟର ଗଭୀରତା ଓ ଘନିଷ୍ଠତା ଯୋଗୁ ହିଁ ଏହି କବିତା ଗୁଡ଼ିକରୁ ଏକ ନୂତନ କାବ୍ୟ ଆବେଗର ସ୍ପଷ୍ଟ ପରିଚୟ ମିଳେ।"

ତେଣୁ ଉପରୋକ୍ତ ଉକ୍ତି ସୂଚାଇ ଦିଏ ଯେ, ୧୯୫୦ ପରବର୍ତ୍ତୀ ଓଡ଼ିଆ କବିତା ଆଉ ରୋମାଣ୍ଟିକ୍‌ର ବଳୟ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ। ବରଂ ଅଧିକରୁ ଅଧିକ ସ୍ୱପ୍ନହୀନ ଆତ୍ମମଗ୍ନ ମନେ ହୋଇଛି। ଏହି ପରିବର୍ତ୍ତିତ କାବ୍ୟିକ ଚେତନାକୁ 'ରୋମାଣ୍ଟିକ୍ ରିଅଲିଜିମ୍' ନାମରେ ଅଭିହିତ କରାଗଲା। ଗୁରୁ ପ୍ରସାଦଙ୍କ 'କପୋତ କପୋତୀ', 'ଗୋବର ଗଣେଶ', 'ପ୍ରିୟ ବାନ୍ଧବୀ','ଅଳକା ସାନ୍ୟାଲ', 'ନିହତ ଗୋଧୂଳି', କୁ ଏହି ଚିନ୍ତାଧାରାର ପରିସରଭୁକ୍ତ କରାଯାଇପାରେ। 'ପ୍ରିୟ ବାନ୍ଧବୀ', ଓ 'ଗୋବର ଗଣେଶ', ର ଆଭିମୁଖ୍ୟ ସମାନ। ମାନସିକ ଅନିଶ୍ଚିତତା, ବ୍ୟକ୍ତି ଜୀବନର ଅସଫଳତା, ବ୍ୟର୍ଥତା, ହତାଶବୋଧକୁ ନେଇ ପର୍ଯ୍ୟବେସିତ। ୧୯୬୦ ମସିହାରେ 'କାଳପୁରୁଷ', ରଚିତହେବା ପୂର୍ବରୁ 'ଶରତ ଋତୁରେ ଜହ୍ନ','ପିକ୍‌ନିକ୍', 'ଚିଠି', 'ଆଖିର କପୋତ ମୋର', 'ଦୃଷ୍ଟିର ଦିଗନ୍ତ', ନିରତ ଗୋଧୂଳି', 'ଅଳକା ସାନ୍ୟାଲ', 'ଛୁଟିର ଖରା' ଇତ୍ୟାଦି କବିତା ପ୍ରକାଶ ପାଇଥିଲା। ଏତଦ୍ ବ୍ୟତୀତ ୧୯୫୫-୧୯୫୯ ମଧ୍ୟରେ ହରେକୃଷ୍ଣ ଦାସ ୧ଓ ୨ ଓ ୨୫ ବର୍ଷପରେ ହରେକୃଷ୍ଣ ଦାସ ୩ଓ ୪ ପ୍ରକାଶ ପାଇଥିଲା। ୧୯୬୦ ମସିହାରେ ତ୍ରୈମାସିକ ପତ୍ରିକା 'ପ୍ରଜ୍ଞା'ରେ ଦୀର୍ଘକବିତା 'କାଳପୁରୁଷ' ପ୍ରକାଶ ପାଇଥିଲା। କାଳପୁରୁଷର ପୂର୍ବବର୍ତ୍ତୀ କବିତା କାବ୍ୟାନୁଭବ ଅଧିକତର ସୁସଂଗଠିତ ହେବା ସହିତ ରୂପକ, ଚିତ୍ରକଳ୍ପ ଓ ମିଥ୍‌ର ବର୍ଣ୍ଣନାରେ କବିଙ୍କ ସ୍ୱାତନ୍ତ୍ର୍ୟ ବାରି ହୋଇ ପଡୁଛି।

କାଳପୁରୁଷ କବିତା ପାଞ୍ଚ ଭାଗରେ ବିଭକ୍ତ । ପ୍ରଥମ ଭାଗରେ ପ୍ରେମ, ପ୍ରକୃତି ଓ ସାମାଜିକତାର ମିଶ୍ରିତ ଅନୁଭବ । ଦ୍ୱିତୀୟ ଭାଗରେ ପ୍ରକୃତି ବର୍ଣ୍ଣନା ମଧ୍ୟରେ ଶାନ୍ତି, ଆଶ୍ୱାସନା, ସମୃଦ୍ଧିର ସୂଚନା, ତୃତୀୟ ଭାଗରେ ମୃତ୍ୟୁ ପ୍ରତି ଭୟ ଜନିତ ଅନୁଭୂତି । ଚତୁର୍ଥ ଭାଗରେ ତଦ୍‌ଜନିତ ମାନସିକ ପ୍ରତିକ୍ରିୟା, ପଞ୍ଚମ ଭାଗରେ କବିତାର ଆଭିମୁଖ୍ୟ ସୁସ୍ପଷ୍ଟ । ଆଧୁନିକ ମଣିଷର ଅନିଶ୍ଚିତ ଭବିଷ୍ୟତ, ବିପର୍ଯ୍ୟୟ, ମାନସିକତାକୁ ନେଇ କାଳପୁରୁଷର ପରିପ୍ରକାଶ ।

## ୨.୫ ଅକ୍ରୁର ଉବାଚ କବିତାର ଆଲୋଚନା

'କାଳପୁରୁଷ' ରଚନା ହେବାର ୧୨-୧୪ ବର୍ଷ ଭିତରେ ଲେଖାଯାଇଥିବା କେତେକ କବିତା ମଧ୍ୟରୁ 'ଅକ୍ରୁର ଉବାଚ' ଅନ୍ୟତମ । କବିତାଟି ପୌରାଣିକ ମିଥ୍ ଆଶ୍ରିତ । ଅକ୍ରୁର ହେଉଛନ୍ତି କୃଷ୍ଣଙ୍କର ପ୍ରିୟଭକ୍ତ । କୃଷ୍ଣଙ୍କର ଦର୍ଶନ ନିମନ୍ତେ ତାଙ୍କ ମନରେ ଅହେତୁକ ଆଗ୍ରହ । ସାମାଜିକ ଓ ସାଂସାରିକ ଯନ୍ତ୍ରଣାକ୍ତ ଜୀବନ ମଧ୍ୟରୁ ମୁକ୍ତି ପାଇବାର ଅଭିପ୍ସାକୁ ଏଥିରେ ମିଥ୍ ଭାବରେ ଗ୍ରହଣ କରାଯାଇଛି । ଶାରୀରିକ ଓ ମାନସିକ କ୍ଷେତ୍ରରେ ନୈରାସ୍ୟବୋଧ ଓ ଯନ୍ତ୍ରଣା ମଧ୍ୟରୁ ତାର ମୁକ୍ତି ଦରକାର । ମୁକ୍ତିର ଏକମାତ୍ର ମାର୍ଗ ବିଷ୍ଣୁପ୍ରେମ ବା କୃଷ୍ଣପ୍ରାପ୍ତି ।

ଅକ୍ରୁର କଂସର ମନ୍ତ୍ରୀ । ମଥୁରାର ପ୍ରାଚୁର୍ଯ୍ୟ ଓ ଐଶ୍ୱର୍ଯ୍ୟରେ ତା'ର ଆତ୍ମାପୁରଷ ପରିତୃପ୍ତ ହୋଇପାରିନଥିଲା । କଂସର ଅତ୍ୟାଚାରରେ ମଥୁରାପୁରୀ ଥରହର ହେବା ସହିତ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡୁଥିଲା । କର୍ତ୍ତବ୍ୟ ଅନୁରୋଧରେ ଅକ୍ରୁର କଂସର ରାଜସଭାରେ ଥିଲେ ସତ ମାତ୍ର ଆତ୍ମା ତାଙ୍କର ଅତିଷ୍ଠ ହୋଇଉଠିଥିଲା । ଅପରପକ୍ଷେ କଂସର ଅତ୍ୟାଚାରର ବିଲୋପ ନିମିତ୍ତ ଭଗବାନ କୃଷ୍ଣ ଜନ୍ମ ହୋଇଥିଲେ । କିନ୍ତୁ ଜନ୍ମର ସମ୍ବାଦ କଂସର ମନରେ ଅହରହ ମୃତ୍ୟୁପ୍ରତି ଭୟ ଜନ୍ମାଉଥିଲା । କୃଷ୍ଣଙ୍କୁ ମାରିବା ପାଇଁ ଗୋଟିଏ ପରେ ଗୋଟିଏ ଷଡ଼ଯନ୍ତ୍ର କଂସ ରଚି ଚାଲିଥିଲା । ମାତ୍ର ସମସ୍ତ ଷଡ଼ଯନ୍ତ୍ର ବ୍ୟର୍ଥ ହୋଇଥିଲା । ଶେଷରେ ଧନୁଯାତ୍ରା ଦେଖିବାକୁ କୃଷ୍ଣ ବଳରାମଙ୍କୁ ଆଣିବା ପାଇଁ ରାଜାଦେଶ ପାଇ ଅକ୍ରୁର ଯାଇଥିଲେ । କୃଷ୍ଣଙ୍କର ଦର୍ଶନ ନିମିତ୍ତ ଅକ୍ରୁରଙ୍କ ପ୍ରାଣରେ ଅହେତୁକ ଉତ୍କଣ୍ଠା । ପରମାତ୍ମାଙ୍କ ସହ ମିଳିତ ହେବାର ଉତ୍କଣ୍ଠା ବଢି ବଢି ଚାଲିଛି । ସତରେ କ'ଣ କୃଷ୍ଣଙ୍କୁ ସେ ଦେଖି ପାରିବେ.... ? ତାଙ୍କ ଚରଣାରବିନ୍ଦରେ ଆଶ୍ରୟ ନେଇପାରିବେ..... । ମନ ଭିତରେ ଅହେତୁକ ପ୍ରଶ୍ନବାଚୀ...... । ଗୋଟିକ ପରେ ଗୋଟିକ ଘଟଣାର ଦ୍ୱନ୍ଦ ଶଂକାକୁଳ ପରିସ୍ଥିତି ମଧ୍ୟକୁ ଠେଲି ଦେଉଛି । କୃଷ୍ଣଙ୍କ ପାଖରେ ପହଞ୍ଚିବାର ସମୟ ଯେତିକି ପାଖେଇ ଆସୁଛି ମନରେ ସେତିକି ଉତ୍କଣ୍ଠା ବଢି ଚାଲିଛି ।

ମହାଭାରତୀୟ ମିଥ୍‌ର ଆଧୁନିକ କାବ୍ୟରୂପ - 'ଅକ୍ରୁର ଉବାଚ' କବିତା । ଅକ୍ରୁରର ମୁକ୍ତି ପଛରେ ଯେମିତି କଂସର ଅତ୍ୟାଚାର ଠିକ୍ ସେମିତି ସାଂପ୍ରତିକ ସମାଜରେ ଦେଖା ଦେଇଥିବା ଇର୍ଷା, ବିଦ୍ୱେଷ, ପରଶ୍ରୀକାତରତା ପ୍ରବୃତ୍ତିରୁ କାବ୍ୟ ପୁରୁଷ ମୁକ୍ତି ଚାହିଁଛି । ମୁକ୍ତିର ଏକମାତ୍ର ମାର୍ଗ ହେଉଛି ଇଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ ।

କୃଷ୍ଣଙ୍କ ସାନ୍ନିଧ୍ୟ ପାଇଁ ବହୁଦିନରୁ ଅକ୍ରୁର ପ୍ରତୀକ୍ଷାରତ । ଜୀବନର ସନ୍ଧ୍ୟା ଉପଗତ, ଆଖିର ଜ୍ୟୋତି ନିଷ୍ପ୍ରଭ ପ୍ରାୟ, ମୁଖମଣ୍ଡଳରେ ସୀମାହୀନ କ୍ଲାନ୍ତିର ଛାପ । ପ୍ରାଣରେ ହାହୁତାଶ ଭାବ । ଏହିଭଳି ଏକ କ୍ଲାନ୍ତିକର ମୁହୂର୍ତ୍ତରେ ଦର୍ଶନ ଲାଗି ଅକ୍ରୁର ବାହାରିଛନ୍ତି । ମନରେ ଅନେକ ପ୍ରଶ୍ନ.... କେବେ ସରିବ ଏ ଯାତ୍ରା.. ଲକ୍ଷ୍ୟସ୍ଥଳରେ

ପହଞ୍ଚିହେବ....। ବାଟର ଦୂରତା ଯେତିକି କଷ୍ଟକର ନୁହେଁ ମନରେ ଗୁଡ଼େଇ ହୋଇ ରହିଥିବା ପ୍ରଶ୍ନ ଅକ୍ରୂରଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଉଛି। ଅନୁରୂପ ମାନସିକ ସ୍ଥିତି ମଧ୍ୟ ଆଧୁନିକ କାବ୍ୟପୁରୁଷ କାଖରେ ଦେଖିବାକୁ ମିଳିଛି। ବର୍ତ୍ତମାନ ସମାଜର ଅବ୍ୟବସ୍ଥାରେ ପ୍ରାଣ ତାର ବିପର୍ଯ୍ୟସ୍ତ। ଗଭୀର ଅସହାୟତାବୋଧରେ ଆତ୍ମା ତାର ଜର୍ଜରିତ। ଦେହ ମନ ଅବଶ ପ୍ରାଣହୀନ। କ୍ଳାନ୍ତ୍ କାବ୍ୟ ପୁରୁଷ ମାନସିକ ଦ୍ୱନ୍ଦରେ ପଡ଼ି କହୁଛି..

"ତୁମେ ମୋର ଏ ଦେହରେ ଚିରନ୍ତନ ଏ ଯାତ୍ରାର ଧୂସର କ୍ଳାନ୍ତିରୁ ଆଜି କଣ ମୁକ୍ତି ଦେବ ସମୟ ଓ
ସମୟର ସଂଗ୍ରାମ ଓ ରକ୍ତପାତ ଠାରୁ ?
ତମେ ଯଦି ମୁକ୍ତି ଦିଅ ମତେ ଆଜି ମୋ ଦେହର ପୁନର୍ବାର ଦ୍ୱିରୁକ୍ତି ଭିତରୁ।"(୪)

ମୋକ୍ଷ ବାମୁକ୍ତି ସର୍ବଶେଷ କାମନା। ଜୀବନ ଯାତ୍ରାର ପୂର୍ଣ୍ଣଚ୍ଛେଦ। ସାମାଜିକ ପ୍ରକ୍ରିୟାର ପୁନରୁକ୍ତି ଅସହ୍ୟବୋଧ ହେଉଛି। ନିଃସଙ୍ଗତାର ଜ୍ୱାଳା ଓ ସମୟର ସଂଗ୍ରାମରୁ ମୁକ୍ତି ହିଁ ଏକାନ୍ତ କାମ୍ୟ। ଆଧୁନିକ ଯୁଗର ନିରାଶା ଓ ଗ୍ଲାନିବୋଧ କାରୁଣ୍ୟର ବାତାବରଣ ସୃଷ୍ଟି କରିଛି। କ୍ଳାନ୍ତି, ଅବସାଦ, ବିଜଡିତ ଜୀବନପଥରେ ଅକ୍ରୁର ତା ଜୀନର ଶେଷ ସୁଯୋଗ ଲାଭ କରିଥିଲା। ଯାତ୍ରାପଥରେ ପୁଣି ତାର ମାନସିକ ଅବସାଦ ହତାଶା ଓ କ୍ଳାନ୍ତିରେ ଦେହ, ଆତ୍ମା ଅବଶ ହୋଇ ପଡୁଛି। ଯମୁନାର ବାଲିକୁଦା ଭିତରେ ରଥଚକ ପୋତି ହୋଇଯିବା ଥିଲା ଅକ୍ରୁର ପାଇଁ ଶେଷ ପରୀକ୍ଷା। ରଥରୁ ଓହ୍ଲାଇ କୃଷ୍ଣ ପ୍ରାପ୍ତିର ପ୍ରଥମ ସଂକେତ ହିଁ ସେ ପାଇଥିଲା। ଠିକ୍ ସେମିତି କାବ୍ୟ ପୁରୁଷ ଅନେକ ଭତାଶାବୋଧ ମଧ୍ୟଷର ଜର୍ଜରିତ ହୋଇ ଏକ ନିଶ୍ଚିତ ସମ୍ଭାବନା ପାଖରେ ପହଞ୍ଚିଛି। ମାଳତୀ ନଟାର ପାର୍କ, ଗୋପବଜାରର ଲୋକଭିଡ଼, ସୁଦୂରର ଦୋକାନ ଆଲୁଅ ଆଶ୍ୱସ୍ତିର ସଙ୍କେତ ଆଣି ଦେଇଛି, ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ଆଶା। କ୍ରମଶଃ ଦ୍ୱିଗୁଣିତ ହୋଇଛି ମୁକ୍ତିର ମୋହ, ପ୍ରାପ୍ତିର ମୋହ ଜୀବନର କ୍ଳାନ୍ତିକୁ ଦୂର କରିଦେଇଛି। ସଂସାରର ଦୁଃଖ ଯନ୍ତ୍ରଣାର ଊର୍ଦ୍ଧ୍ୱକୁ ଚାଲିଯିବାକୁ କାବ୍ୟ ପୁରଷ ଚାହେଁ। ସଂସାରରେ ପୁଣି ଥରେ ଜନ୍ମ ହେବାର ଲାଳସା ନାହିଁ। ଏହି ଜନ୍ମ ହିଁ ତାର ଶେଷ ଜନ୍ମ ଏହି ଯାତ୍ରା ହିଁ ତାର ଶେଷଯାତ୍ରା। ନିମ୍ନୋକ୍ତ ପଂକ୍ତିରୁ ଏହା ଦ୍ରଷ୍ଟବ୍ୟ।

"ମୋ ଯାତ୍ରାର କ୍ଳାନ୍ତି କ'ଣ ଶେଷ ଆଜି ଏହିଠାରେ
ମୋ ମାଂସର ଭୋକ ଶୋଷ ପାପ ପୁଣ୍ୟ
ମୋ ଆତ୍ମାର କାତରତା, ଭକ୍ତି ଆଉ ଅହଂକାର,
ଧର୍ମ ଆଉ ମୋକ୍ଷବାଦ
ଆଧାତ୍ମିକ ଚେଷ୍ଟାର ବିଳୟ।
ମହାପ୍ରଭୁ ମୁକ୍ତିଦିଅ - ଏହି ଯାତ୍ରା ଶୁଭ ହେଉ ତୁମର ଦୟାରୁ
ଏହିଯାତ୍ରା ହେଉ ମୋର ଶେଷଯାତ୍ରା ଏ ଦେହରୁ
ତୁମର ସଂହାର ଡେଇଁ
ବହୁତ ବହୁତ କ୍ଳାନ୍ତି, ପୁନରୁକ୍ତି ଏ ଆତ୍ମାର
ଆଉ ତୁମ ଦୟା କ୍ଷମା କରୁଣାର ସମୁଦ୍ର କୂଳରୁ"।(୫)

କାବ୍ୟନାୟକ ଇଶ୍ୱରଙ୍କ ଦୟା, କ୍ଷମା, କରୁଣାର ସାଗର ତଟରୁ ଆତ୍ମାର ମୁକ୍ତି କାମନା କରିଛନ୍ତି। ଏ ଜନ୍ମର ସମସ୍ତ ପାପା ପୁଣ୍ୟରୁ ମୁକ୍ତି। ପାରଂପରିକ ବିଶ୍ୱାସବୋଧ ବଳବତ୍ତର ହୋଇଉଠିଛି। ଆଧ୍ୟାତ୍ମିକ ଉତ୍ତରଣ ମଧ୍ୟରେ କାବ୍ୟ ପୁରୁଷର ମୁକ୍ତି କାମନା ଭିତରେ କବିତାର ପରିସମାପ୍ତି ଘଟିଛି।

'ଅକ୍ରୂର ଉବାଚ' କବିତାରେ ଆଧାତ୍ମିକ ଆକୂତି ଓ ବିଭୁବୋଧର ମିଶ୍ରିତ ରୂପ ଦେଖିବାକୁ ମିଳେ। ଦେହର ବଳୟ, ଯୁଗଯୁଗର କ୍ଳାନ୍ତିବୋଧ ଓ ଗ୍ଳାନିରୁ ମୁକ୍ତି ବ୍ୟାକୁଳତାର ସ୍ୱର ବହନ କରିଛି। କବିତାରେ ରହିଛି ପ୍ରଶ୍ନ, ସଂଶୟ, ଦ୍ୱିଧା, ସମ୍ଭାବନା ଓ ଆକୁଳତା। ଭକ୍ତି ଓ ବ୍ୟାକୁଳତା ମାଧମରେ ପରମ ପ୍ରେମମୟ ସତ୍ତାଙ୍କ ସହ ନିଜକୁ ଯୋଡ଼ିବା ଗୁରୁ ପ୍ରସାଦଙ୍କ କାବ୍ୟନାୟକକୁ ଯନ୍ତ୍ରଣାବୋଧରୁ ମୁକ୍ତି ଦେଇଛି। ପରମ ପୁରୁଷଙ୍କ ସାନିଧ୍ୟ ଓ ସମ୍ଭାବନା, ବ୍ୟକ୍ତି ପରିଧି ଓ ଯୁଗ ଯନ୍ତ୍ରଣାରୁ ମୁକ୍ତି କାମନା ଜନିତ ଅନୁଭବରେ କବିତାଟି ସାନ୍ଦ୍ର। କବି ଉଚ୍ଚାରଣ କରନ୍ତି :-

"ତୁମେ ମୋର ଏ ଦେହର ଚିରନ୍ତନ ଏ ଯାତ୍ରାର ଧୂସର କ୍ଳାନ୍ତିରୁ
ଆଜି କ'ଣ ମୁକ୍ତି ଦେବ ସମୟ ଓ ସମୟର ସଂଗ୍ରାମ ଓ ରକ୍ତପାତ ଠାରୁ।

କାବ୍ୟ ନାୟକର ମୁକ୍ତି ବା ଉତ୍ତୀର୍ଣ୍ଣତା ପାଇଁ ଏହି ଆଧାତ୍ମିକ ଚେତନାକୁ ଏକ ସଂଯୋଗ ରୂପେ ଗ୍ରହଣ କାରାଯାଇଛି।

କିବି ଗୁରୁପ୍ରସାଦଙ୍କ ମିଥ୍ ବୋଧଟି ଭାରତୀୟ। କିନ୍ତୁ ପାଶ୍ଚାତ୍ୟ ପ୍ରସଙ୍ଗ ଅନୁସରଣର ଢ଼ଙ୍ଗଟି ରହିଛି। କାବ୍ୟନାୟକର, ପାପବୋଧ, ନୈରାଶ୍ୟ, ସ୍ଥିତିଗତ କ୍ଳୀବତା ଓ ଉଦ୍‌ବେଗତା,ଏକାକୀତ୍ୱ ବୋଧ ସର୍ବୋପରି ଆଧାତ୍ମିକ ଅସ୍ପୃହାର ପରିପ୍ରକାଶ ପାଇଁ 'ଭାଗବତ', ହିଁ ହୋଇଛି ବଳିଷ୍ଠ ଆଧାର ଭୂମି। 'ଅକ୍ରୂର ଉବାଚ' କବିତାରେ ଅକ୍ରୂର ମିଥ୍ ରୂପକ ଭାରତୀୟ ଆଧରଭୂମି କବିଙ୍କର ବକ୍ତବ୍ୟକୁ ସମୃଦ୍ଧ କରିବା ସହ କାବ୍ୟ ନାୟକକୁ ଏକ ସାଂସ୍କୃତିକ ପରିମଣ୍ଡଳ ପ୍ରଦାନ କରିବାରେ ସମର୍ଥ ହୋଇପାରିଛି। ଅକ୍ରୂରର ଉଚ୍ଚାରଣ ଭିତରେ ମୁକ୍ତିକାମୀ ଆତ୍ମାର ସ୍ୱର୍ଣକାତରତାକୁ ପାଠକ ଲକ୍ଷ୍ୟ କରି ପାରିବେ।

"ବହୁତ ବହୁତ କ୍ଳାନ୍ତି, ପୁନରୁକ୍ତି ଏ ଆତ୍ମାର ଆଉ ତୁମ ଦୟା, କ୍ଷମା, କରୁଣାର ସମୁଦ୍ର କୂଳରୁ। କ୍ଳାନ୍ତିବୋଧ ମଧ୍ୟରୁ ମୁକ୍ତିର ପିପାସା ରୂପକ ଅନ୍ତହୀନ ଚେତନାକୁ କବି ଗୁରୁପ୍ରସାଦ ଅତ୍ୟନ୍ତ କଳା ସଂଗତ ଭାବେ ରୂପାୟିତ କରିଛନ୍ତି।

## ୨.୬ ଅକ୍ରୁର ଉବାଚ (ପାଠ)

ସନ୍ଧ୍ୟା ଆସେ ଦୂରାଗତ କ୍ଳାନ୍ତ ବାଟୋଇର
ନିସ୍ତେଜ ଆଖିରେ ଆଣି ଅସରନ୍ତି ବାଟର ନିରାଶା।
ସେଦିନ ଠିକ୍ କ୍ଳାନ୍ତ ତାର ଆଖିପତା ଘୋଡାଇ ସନ୍ଧ୍ୟାର
ଛାଇ ଆଉ ବିଷର୍ଣ୍ଣତା ଭାରି ହୋଇ ଆସୁଥିଲା। -
ଧୂଳି ଆଉ ଖାଲ ଢିପ, ଦିନକର କ୍ଳାନ୍ତି ଆଉ ଖରା
ଠକ୍ ଠକ୍ ଘୋଡ଼ା ଟାପୁ, ଧୂଳି ଆଉ ଘୋଡ଼ାମୁହଁ ଲଗାମ୍‌ରେ ଫେଣ

ଆଉ ତାର ଥକା ଦେହ ଗଣ୍ଠି ଗଣ୍ଠି ହାଡ ଓ ଚମରେ
ବାଟର ନିରାଶା ଆଉ ରକ୍ତମାଂସ ସ୍ନାୟୁରେ ବିରକ୍ତି ।
"ତୁମେ ମୋର ଏ ଦେହର ଚିରନ୍ତନ ଏ ଯାତ୍ରାର ଧୂସର କ୍ଳାନ୍ତିରୁ
ଆଜି କଣ ମୁକ୍ତି ଦେବ ସମୟ ଓ ସମୟର ସଂଗ୍ରାମ ଓ ରକ୍ତପାତ ଠାରୁ ?
ତୁମେ ଯଦି ମୁକ୍ତି ଦିଅ ମତେ ଆଜି ମୋ ଦେହର ପୁନର୍ବାର ଦ୍ୱିରୁକ୍ତି ଭିତରୁ
ସାରଥିର ସାର୍ଥକତା ହୁଏତ ଆଜିର ଏହି ଯାତ୍ରାରେ ମୋ ତୁମର ସହିତ
ହୁଏତ ବା ସାର୍ଥକ ତୁମର ହାତର ଶଙ୍ଖ ଚକ୍ର ଚିହ୍ନ ତଳେ
କିନ୍ତୁ ମୋର ବହୁ ଜନ୍ମାନ୍ତର କାମ କ୍ରୋଧ ଲୋଭ ମୋହ ଜରାମୃତ୍ୟୁ ପରେ
ତୁମର ଏ ଆଶୀର୍ବାଦ ଅନ୍ୟ ଏକ ପିପାସା ଓ ଏ ଦେହର ଅନ୍ୟ ଉପାଦାନ
ତେଣୁ ମୋର ଭଗବାନ ଏହି ଯାତ୍ରା ଶୁଭ ହେଉ ତୁମର ଓ ମୋର
ପୃଥିବୀର ଏହି ଦେହ ଘୋଡାଇ ରଖିଚି ଯଦି ତୁମର କାରୁଣ୍ୟ ଆଉ ନିଷ୍ଠୁରତା
କ୍ଷମା ଆଉ ତୁମର ସଂହାର
ଏ ଯୁଗର ଏ ଗ୍ଳାନିରେ ତୁମର ଯଦିବା ଏଠି ସଂଭାବନା
ତଥାପି ଏ ଯାତ୍ରା ମୋର ଶୁଭ ହେଉ ପୂର୍ଣ୍ଣହେଉ ତୁମର କ୍ଷମାରେ
ଦେହର ସୀମାନ୍ତ ଡ଼େଇଁ, ପାରି ହୋଇ କାରୁଣ୍ୟ ଓ ତୁମର ସଂହାର"
ସେଦିନ ସନ୍ଧ୍ୟାରେ ଯେବେ ତା ଦେହର କ୍ଳାନ୍ତି ପାଇଁ ମୁଠାରେ ଲଗାମ୍
ତାର ଆସୁଥିଲା ହୁଗୁଳି ହୁଗୁଳି
ଠକ୍ ଠକ୍ ଘୋଡ଼ା ଟାପୁ ପଥର ଓ ଖାଲ ଡେଇଁ ସେଦିନ କ୍ଳାନ୍ତିରେ
ତାର ଯେତେବେଳେ ଅସହ୍ୟ ନିଷ୍ଠୁର
ତା ଆତ୍ମାର ଅବସନ୍ନ ନିଶବ୍ଦ ବିଳାପ ପରି ସେଦିନ ଆକାଶ ତଳେ ସ୍ଥିର
ଯେବେ ହୋଇଗଲା
ଅକସ୍ମାତ୍ ନିଶବ୍ଦ ପବନ,
ସେତେବେଳେ ରଥ ତାର ରାସ୍ତାରେ ହଠାତ୍ ମୋଡ ବୁଲିଗଲା ପରେ,
ସାମ୍ନାରେ ଯମୁନା ନଈ ସନ୍ଧ୍ୟାରେ ଆକାଶ ଧରି
ମାଳତି ନଟାର ପାର୍କ, ଆଉ ଗୋପ ବଜାରର ଲୋକଭିଡ଼ ଦୋକାନ ଆଲୁଅ ।
"ମୋ ଯାତ୍ରାର କ୍ଳାନ୍ତି କଣ ଶେଷ ଆଜି ଏହିଠାରେ
ମୋ ମାଂସର ଭୋକ ଶୋଷ ପାପ ପୁଣ୍ୟ
ମୋ ଆତ୍ମାର କାତରତା; ଭକ୍ତି ଆଉ ଅହଙ୍କାର, ଧର୍ମ ଆଉ ମୋକ୍ଷବାଦ
ଆଧ୍ୟାତ୍ମିକ ଚେଷ୍ଟାର ବିଲୟ !
ମହାପ୍ରଭୁ ମୁକ୍ତି ଦିଅ – ଏହି ଯାତ୍ରା ଶୁଭ ହେଉ ତୁମର ଦୟାରୁ

ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା ଏ ଦେହରୁ
ତୁମର ସଂହାର ତେଇଁ
ବହୁତ ବହୁତ କ୍ଳାନ୍ତି, ପୁନରୁକ୍ତି ଏ ଆତ୍ମାର
ଆଉ ତୁମ ଦୟା କ୍ଷମା କରୁଣାର ସମୁଦ୍ର କୂଳରୁ।"

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (କ) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

୧) 'ଅକ୍ରୂର ଉବାଚ' କବିତାର ଭାବାର୍ଥ ସଂପର୍କରେ ଆଲୋଚନା କର।

୨) ଜୀବନ ଯନ୍ତ୍ରଣା ରୂପକ ନିଃସଙ୍ଗତା ବୋଧରୁ ମୁକ୍ତି ପାଇବା ନିମିତ୍ତ ଆତ୍ମାର ବ୍ୟାକୁଳତା କିପରି ପ୍ରକାଶ ପାଇଛି ଆଲୋଚନା କର।

୩) ଗୁରୁପ୍ରସାଦ ମହାନ୍ତିଙ୍କ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ଯାହା ଜାଣ ଲେଖ।

### (ଖ) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

୧) ଅକ୍ରୂର ଉବାଚ କବିତାରେ କାବ୍ୟପୁରୁଷର ଆଧିଭୌତିକ ଉତ୍ତରଣ ପିପାସା ସଂପର୍କରେ ଆଲୋଚନା କର।

୨) "ସାମ୍ନାରେ ଯମୁନା ନଈ ସନ୍ଧ୍ୟାର ଆକାଶ ଧରି ମାଳତୀ ନଟାରୁ ପାର୍କ ଆଉ ଗୋପ ବଜାରର ଲୋକଭିଡ ଦୋକାନ ଆଲୁଅ।"

୩) ସାଂପ୍ରତିକ କାଳର ମଣିଷ କାହା ପାଖରୁ ମୁକ୍ତି ଚାହିଁଛି।

୪) ଅକ୍ରୂର ଭିତରେ କି ପ୍ରକାର ମାନସିକ ପ୍ରତିକ୍ରିୟା ସୃଷ୍ଟି ହୋଇଛି

୫) ଅକ୍ରୂର ମିଥ୍ ମାଧ୍ୟମରେ କବି ଗୁରୁପ୍ରସାଦଙ୍କ ସାଂପ୍ରତିକ ଜୀବନବୋଧ ରୂପ ପାଇଛି, ଆଲୋଚନା କର।

## ୨.୮ ସହାୟକ ଗ୍ରନ୍ଥସୂଚୀ


- 'ସେଦିନ' - 'ସହକାର', ୨୦ବର୍ଷ / ୨ୟ ସଂଖ୍ୟା, ମେ ୧୯୩୯
- 'ଅପରାଜିତା' - 'ସହକାର', ୨୦ ଭାଗ /୭ମ ସଂଖ୍ୟା, ନଭେମ୍ବର ୧୯୩୯
- 'ନୂତନ କବିତାର ଭୂମିକା' - ପୃ ୨, ଅଧ୍ୟାପକ ଯତୀନ୍ଦ୍ର ମୋହନ ମହାନ୍ତି।
- ଆଧୁନିକ ଓଡ଼ିଆ କବିତା ସମ୍ଭାର - ଯତୀନ୍ଦ୍ର ମୋହନ ମହାନ୍ତି -ପୃ ୩୬୯
- ଆଧୁନିକ ଓଡ଼ିଆ କବିତା ସମ୍ଭାର - ଯତୀନ୍ଦ୍ର ମୋହନ ମହାନ୍ତି -ପୃ ୩୭୦
- ସବୁଜରୁ ସାଂପ୍ରତିକ - ପ୍ର. ନିତ୍ୟାନନ୍ଦ ଶତପଥୀ
- ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା - ଶତ୍ରୁଘ୍ନ ପାଣ୍ଡବ
- କବି ସଚ୍ଚିଦାନନ୍ଦ ଓ ଗୁରୁପ୍ରସାଦ - ପ୍ରଫୁଲ୍ଲ କୁମାର ରଥ

# ଦ୍ୱିତୀୟ ଏକକ : (ଖ)

# 'ନଈ ଆରପାରି' - ଭାନୁଜୀ ରାଓ

## ବିଷୟ ଗଠନ

୨.୧ ପଠନର ଉଦ୍ଦେଶ୍ୟ
୨.୨ ଶିକ୍ଷଣୀୟ ବିଷୟ
୨.୩ ବିଷୟ ପରିଚୟ
୨.୪ କବି ଭାନୁଜୀ ରାଓ
୨.୫ 'ନଈ ଆରପାରି' କବିତାର ଆଲୋଚନା
୨.୬ ନଈ ଆରପାରି (ପାଠ)
୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ
୨.୮ ସହାୟକ ଗ୍ରନ୍ଥସୂଚୀ

## ୨.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ଭାନୁଜୀରାଓ ଏକ ପ୍ରତିଷ୍ଠିତ ବହୁଚର୍ଚ୍ଚିତ କାବ୍ୟସ୍ୱର। ନୂତନ କିବଦ୍ୱର କବି ଗୁରୁପ୍ରସାଦଙ୍କ ସହ ସେ ଆତ୍ମପ୍ରକାଶ କରନ୍ତି। ବାକ୍‌ରୀତି ଓ ଗଦ୍ୟରୀତିର ସମ୍ମିଶ୍ରଣ ସହିତ ବ୍ୟକ୍ତିମଗ୍ନ କାବ୍ୟସ୍ୱରରେ ତାଙ୍କ କବିତା ପରିପୁଷ୍ଟ। ଏତଦ୍ ବ୍ୟତୀତ କବି ରାଓ ସୌନ୍ଦର୍ଯ୍ୟର ଉପାସକ। ତାଙ୍କ କାବ୍ୟିକ ବିବର୍ତ୍ତନକୁ ଲକ୍ଷ୍ୟ କଲେ ମନେହୁଏ, କବି ଭାନୁଜୀ ମୁଖ୍ୟତଃ ସୌନ୍ଦର୍ଯ୍ୟ ଚେତନାର ବିବିଧ ଦିଗ ତାଙ୍କର ପ୍ରତ୍ୟେକଟି କବିତା ମଧ୍ୟରେ ସମୁଜ୍ଜ୍ୱଳ ହୋଇ ଉଠିଛି। ପ୍ରେମ,ଦେହବୋଧକୁ ନେଇ ତାଙ୍କ କବିତା ଯେତିକି ଆକର୍ଷଣୀୟ ହୋଇ ପାରିଛି; ନାରୀ,ନକ୍ଷତ୍ର,ସମୁଦ୍ର,ଜହ୍ନକୁ ନେଇ ସେତିକି ଭାବଗର୍ଭକ ହୋଇପାରିଛି। ଏ ପ୍ରକାର ପ୍ରେମବୋଧର ଏକ ସାର୍ଥକ ଅନୁଭବ 'ନଈ ଆରପାରି' କବିତାରେ ଉପଲବ୍ଧ। ତେଣୁ ପାଠକ ଗୋଷ୍ଠୀକୁ ଏ ପ୍ରକାର ଭିନ୍ନ ପ୍ରେମାନୁଭବରେ ଆସକ୍ତ କରିବା ଉଦ୍ଦେଶ୍ୟରେ କବିତାଟି ପଠନୀୟ।

## ୨.୨ ଶିକ୍ଷଣୀୟ ବିଷୟ

ଏକକଟି ଅଧ୍ୟୟନ କଲା ପରେ -

- କବି ଭାନୁଜୀ ରାଓ ଓ ତାଙ୍କ ସୃଷ୍ଟି ସମ୍ପର୍କରେ ସୂଚନା ପାଇପାରିବା
- ପଠିତ କବିତା 'ନଈ ଆର ପାରି' ରେ କବିଙ୍କର ସୌନ୍ଦର୍ଯ୍ୟଗ୍ରାହୀ ଦୃଷ୍ଟିକୋଣର ପରିଚୟ ପାଇପାରିବା।
- ପ୍ରେମଜନିତ ଅନୁଭବ 'ନଈ ଆରପାରି' କବିତାକୁ କିପରି ଏକ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି। ତାହା ଅବଲୋକନ

## ୨.୩ ବିଷୟ ପରିଚୟ

ନଦୀ,ନାରୀ ଓ ପ୍ରକୃତିର ମିଶ୍ରିତ ରୂପ ବହନକାରୀ 'ନଈ ଆରପାରୀ' କବିତା। ସତେଯେମିତି ସୌନ୍ଦର୍ଯ୍ୟ,ନାରୀ ଓ ନଦୀ ଏଠାରେ ଏକ ଓ ଅଭିନ୍ନ। ସୌନ୍ଦର୍ଯ୍ୟର ଆବାହନ ସହିତ ଏକ ନଷ୍ଟାଲଜିକ୍ ସମ୍ବେଦନରେ ଭାନୁଜୀଙ୍କର କାବ୍ୟ ଚିନ୍ତନ ଗତିଶୀଳ। ସାସାରିକ ମୋହ, ମାୟା ଅତିକ୍ରମି ଏକ ଅଲୌକିକ ରହସ୍ୟମୟ ଦିଗନ୍ତ (ହୋଇପାରେ ନଈ ଆରପାରି)ରେ ଅନୁପ୍ରବେଶ କରିବାର ସ୍ୱପ୍ନପ୍ରବଣ ମନୋବୃତ୍ତିକୁ ନେଇ ଭାନୁଜୀଙ୍କର 'ନଈ ଆରପାରି' କବିତାର ପରିକଳ୍ପନା।

## ୨.୪ କବି ଭାନୁଜୀ ରାଓ (୧୯୨୬)

୧୯୫୦ ପରବର୍ତ୍ତୀ ସମୟର ଜଣେ ବଳିଷ୍ଠ କବି। ୧୯୫୫ ମସିହାରେ 'ନୂତନ କବିତା' ଗ୍ରନ୍ଥରେ ଗୁରୁପ୍ରସାଦ ମହାନ୍ତିଙ୍କ ସହପାଠକଙ୍କ 'ନୂତନ କବିତା' ଗ୍ରନ୍ଥରେ ଗୁରୁପ୍ରସାଦ ମହାନ୍ତିଙ୍କ ସହ ପାଠକଙ୍କ ସମାନ୍‌କୁ ଆସିଥିଲେ। 'ନୂତନ କବିତା'ରେ କବିଙ୍କର 'ତୁମକୁ ମୁଁ','ଭାବନା','ପ୍ରଶ୍ନ','ରାତିଦିନ','ରବିବାର','ଆକାଶ ମାଟି','ଅନ୍ୱେଷଣ','ମାୟାବିନି ପୃଥିବୀ','ଗୋଟିଏ ଦିନର ବସନ୍ତ','ସମୁଦ୍ର କନ୍ୟା','ଅନେକଦିନ ପରେ','ଠେଲି ଠେଲି ବାଲି','କାଠଯୋଡ଼ି','ଦୀଘା' ଇତ୍ୟାଦି କିବତା ସଂକଳିତ। ଏହାପରେ ୧୯୭୩ ମସିହାରେ'ବିଷାଦ ଏକ ଋତୁ',୧୯୮୬ରେ'ନଈ ଆରପାରି',୧୯୯୪ରେ 'ଚଳନ ବନରେ ଏକା'୧୯୯୫ରେ'ଦର୍ପଣ ଆଗରେ',୧୯୯୬ରେ'ଏକା ଏବଂ ଏକା ଏକା',୧୯୯୮ରେ 'ହଳଦୀ ପତ୍ରର ବାସ୍ନା' ଓ 'ଜିହ୍ୱର ରଙ୍ଗ ଧଳା'୨୦୦୨ ରେ'କାହାଣୀ',ପ୍ରକାଶନୀ ଦ୍ୱାରା 'ଭାନୁଜୀରାଓଙ୍କ କବିତା ସମଗ୍ର' (ପର-ପର୍ବ) ପ୍ରକାଶ ପାଏ। ଯେଉଁଥିରେ'ଅନ୍ତର୍ଗତ ସୁଖ ଦୁଃଖ',୧୯୯୯ରେ 'ଶବ୍ଦ ସଙ୍ଗେ ଶୃଙ୍ଗାର', ୧୯୯୯ରେ'ସ୍ୱପ୍ନର ପ୍ରଚ୍ଛଦ',୨୦୦୦ରେ 'ରକ୍ତ ମାଂସର କବିତା',୨୦୦୦'ଧୂସର ବର୍ଣ୍ଣମାଳା', ୨୦୦୦ରେ'ନୈଶବ୍ଦର ମୁହଁ' ୨୦୦୧ରେ 'ଚିତ୍ରିତ ଦ୍ରାଘିମା',୨୦୦୧ରେ 'ଗୋଧୂଳି ରଂଗର ଗଳି' ଇତ୍ୟାଦି ସଂକଳନର କବିତା ଗୁଡ଼ିକ ଏକତ୍ର ସଂକଳିତ ହୋଇଛି।

ଦୀର୍ଘ ଛଅ ଦଶନ୍ଧିର କାବ୍ୟିକ ପ୍ରକ୍ରିୟାକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୁଏ ଯେ, ନୂତନ କବିତାର ଅଠର ବର୍ଷପରେ ୧୯୭୩ରେ ଭାନୁଜୀଙ୍କର ପ୍ରଥମ କବିତାରେ 'ବିଷାଦ ଏକ ଋତୁ' ପ୍ରକାଶ ପାଇଥିଲା। ସେ ସମୟରେ କବିଙ୍କୁ ୪୭ ବର୍ଷ ବୟସ। ତୃତୀୟ କବିତା ଗ୍ରନ୍ଥ ପ୍ରକାଶ ପାଇଲା ବେଳକୁ କବିଙ୍କର ବୟସ ୬୮ବର୍ଷ। ପରିଣତ ବୟସରେ କବି ଅଧିକ କବିତା ଲେଖିଛନ୍ତି ଓ ପାଠକ ପାଠିକା ମାନଙ୍କର ନିକଟତର ହୋଇପାରିଛନ୍ତି। ଦୀର୍ଘ ୧୩ ବର୍ଷର ବ୍ୟବଧାନରେ ତୃତୀୟ କବିତା ସମଗ୍ର 'ନଈ ଆରପାରି' ପ୍ରକାଶ ପାଏ। ତେଣୁ ନୂତନ କବି 'ବିଷାଦ ଏକ ଋତୁ' କୁ ଆମେ ଭାନୁଜୀଙ୍କର ପ୍ରାଥମିକ ପର୍ଯ୍ୟାୟର କବିତା ଓ ପରବର୍ତ୍ତୀ ସମୟରେ ପ୍ରକାଶିତ ଅନ୍ୟାନ୍ୟ ସୃଷ୍ଟି ସମୁହକୁ ପରିଣତ ବୟସର କୃତି ଭାବେ ଗ୍ରହଣ କରି ଆଦ୍ୟଭାଗର କବିତାରେ ପରିଲକ୍ଷିତ ଆବେଗିକ ଉଚ୍ଛ୍ୱାସ, ସୌନ୍ଦର୍ଯ୍ୟ ତୃଷ୍ଣା ପରିଣତ ପର୍ଯ୍ୟାୟର କିବିତା ଗୁଡ଼ିକରେ ଅଧିକ ପ୍ରାଞ୍ଜଳ ଓ ଗମ୍ଭୀର ମନେ ହୋଇଛି।

## ୨.୫ 'ନଈ ଆରପାରି' କବିତାର ଆଲୋଚନା

'ପ୍ରକୃତି' ଓ ପ୍ରେମ ଜନିତ ଅନୁଭବର ମିଶ୍ରିତ ଅନୁଭବରେ କବିତାଟି ରସାଣିତ। ପ୍ରକୃତିର ଯାବତୀୟ ଶୋଭା ସମ୍ଭାର ସାଙ୍ଗକୁ ଅଭିଜ୍ଞତା ଓ ଅନୁଭୂତି ସଂପନ୍ନ ସୌନ୍ଦର୍ଯ୍ୟମୟ ଦୃଷ୍ଟିଭଙ୍ଗୀ କବିଙ୍କର କାବ୍ୟିକ ପ୍ରକ୍ରିୟାକୁ ଗତିଶୀଳ କରାଇଛି। କବିତାର କଳେବର ମଧ୍ୟରେ ସୌନ୍ଦର୍ଯ୍ୟ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ପ୍ରକୃତିର ମୁଗ୍ଧ ସୌନ୍ଦର୍ଯ୍ୟ ମଧ୍ୟରେ କବିପ୍ରାଣର ମଧୁର ଅନୁଭବ ରୂପ ପାଇଛି। କିବତାର ପ୍ରଥମ ପଂକ୍ତିରୁ ଏହା ସୁସ୍ପଷ୍ଟ।

"କାନ୍ଥରେ ଝୁଲୁଥିବା ଛବିପରି ନଈ ଆର ପାରି
ରହସ୍ୟର କୁହୁଡ଼ିରେ ମ୍ଳାନ,
କେହି ଜଣେ ଆଙ୍କିଅଛି ନୀଳିମାରେ
ବୁଡ଼ାଇ ବୁଡ଼ାଇ ପାହାଡ଼ର ଧାଡ଼ି,
ଦୂରର ଅଶ୍ୱତ୍ଥ ଜଳେ ଶୁଖିଅଛି ଦ୍ରୌପଦୀର ଶାଢ଼ୀ।"

('ନଈ ଆରପାରି' - ସାଂପ୍ରତିକ ଓଡ଼ିଆ କବିତା (ସଂପାଦକ) ନିତ୍ୟାନନ୍ଦ ଶତପଥୀ,ପୃ-୩୬)

ଦ୍ୱିତୀୟ ପଂକ୍ତିରେ ପ୍ରେମାନୁଭବ ଜନିତ ସ୍ମୃତି ଓ ଆଶାର ପରିଚ୍ଛନ୍ନ ପରିପ୍ରକାଶ।

ଯେପରି - "ତରୁଣୀ କଦମ୍ବ ପାଖେ ଭେଟିବାକୁ ପ୍ରତିଶୃତି ଥିଲା,
କଥାଥିଲା ନଈଠାରୁ - ଶିଖିବାକୁ କୋମଳ ଗାନ୍ଧାର,
ତୋଳିନେବି କୁହୁଧ୍ୱନି ପ୍ରଚ୍ଛନ୍ନ କୋଇଲି କଣ୍ଠରୁ,
ଜହ୍ନ ପାଇଁ ବିଛାଇବି ହୃଦୟରେ ଜରିର ଚଦର।"

('ନଈ ଆରପାରି' ସଂ-ନିତ୍ୟାନନ୍ଦ ଶତପଥୀ, ପୃ-୩୬)

ପ୍ରଥମ ପଂକ୍ତିରେ ପ୍ରକୃତିର ପରିବେଶରେ ତୀବ୍ର ଆନନ୍ଦ ଓ ଉତ୍ତେଜନା, ଦ୍ୱିତୀୟ ପଂକ୍ତିରେ ପ୍ରେମର ଘନିଷ୍ଠତା -ଜନିତ ତୀବ୍ର ଉନ୍ମାଦନା। କିନ୍ତୁ ଏହି ଉନ୍ମାଦନା ଦୀର୍ଘସ୍ଥାୟୀ ହୋଇପାରିନାହିଁ। ମିଳନର ଅନୁଭୂତି ଓ ଉନ୍ମାଦନା ତୃତୀୟ ପଂକ୍ତିରେ ବର୍ଣ୍ଣିତ କ୍ଷୁଧା, କ୍ଷୋଭ ଜନିତ ହତାଶା ଓ ଅଭାବ ବୋଧ ମଧ୍ୟରେ ବିଲୀନ ହୋଇଛି। ବିଷାଦର ସ୍ୱର ତୀବ୍ରରୁ ତୀବ୍ରତର ହୋଇ ଉଠୁଛି। ପ୍ରକୃତିର ସୌନ୍ଦର୍ଯ୍ୟ ମଧ୍ୟରେ ପ୍ରେମର ଆବେଗ, ଘନିଷ୍ଠତା ଓ ହତାଶା ଜୀବନ ପ୍ରତି ଏକ ତୀବ୍ର ଅଭାବବୋଧର ସ୍ୱରକୁ ପ୍ରସାରିତ କରୁଛି। ନିମ୍ନ ବର୍ଣ୍ଣନାରେ ଏହା ସୁସ୍ପଷ୍ଟ।

"ଏ ପାରିର ଇନ୍ଦ୍ରଧନୁ ମରିଯାଏ ଏନ୍ତୁଡ଼ିଶାଳରେ
ମଣିଷର କ୍ଷୁଧା,କ୍ଷୋଭ ଆଉ ଯେତେ ପୁରାତନ ପାପ,
ତଣ୍ଟି ଚିପି ରୁନ୍ଧିଦିଏ ଘନିଷ୍ଟ ଛାଇକୁ ବାରମ୍ବାର,
ଏ ପାରିରେ ଝୁରୁଥାଏ ଏକାକୀ ଚକୋର।" (ପୃ-୩୬)

ନାରୀ ଓ ପ୍ରକୃତିର ସୌନ୍ଦର୍ଯ୍ୟ ରୂପକ ଉପଲକ୍ଷ୍ୟ ମାଧ୍ୟମରେ ଉଚ୍ଛ୍ୱାସ, ଉନ୍ମାଦନା ଓ ଆନନ୍ଦର ସ୍ୱର ଅନୁରଣିତ ହୋଇଛି। ଏହି କବିତାର ଗୋଟିଏ ପାର୍ଶ୍ୱ। ଅପର ପାର୍ଶ୍ୱରେ ଦୁଃଖ, କଷ୍ଟ, ମନ୍ତ୍ରଣା ଓ ଅଭାବ ବୋଧର

ବଳୟ ଯାହାକି ସମୟର ସ୍ରୋତ ଓ ଜୀବନବୋଧର ସାମାଗ୍ରିକ ଚେତନାରେ ମିଶିଯାଇଛି। ଯନ୍ତ୍ରଣା ଜନିତ ବ୍ୟକ୍ତିଗତ ଅବବୋଧ ପ୍ରେମ ଚେତନା ମାଧ୍ୟମରେ ପ୍ରସାରିତ ହୋଇଛି। ତୃତୀୟ ପଂକ୍ତିରେ ଦୁଃଖ ଓ ହତାଶାବୋଧକୁ କବି ସତେଯେମିତି ସ୍ୱୀକୃତି ପ୍ରଦାନ କରିଛନ୍ତି। କିନ୍ତୁ ଏ ସ୍ଥିତି ନଈର ଗୋଟିଏ ପାଖରେ ବିଦ୍ୟମାନ। ନଈ ଆରପାରିର ସ୍ଥିତି ଭିନ୍ନ। ପାର୍ଥିବ ଆକର୍ଷଣକୁ ଅତିକ୍ରମିବାର କାମନା ତୀବ୍ର ହୋଇଉଠିଛି। ଏକ ଅଲୌକିକ ରହସ୍ୟମୟ ଭାବଭୂମି ରୂପକ ଚନ୍ଦନବନର ସଂଧାନରେ କବି ବ୍ୟାକୁଳ। କବିଙ୍କର କବିସତ୍ତା ଦ୍ୱିବିଧ ସତ୍ତାର ପରିପୂର୍ଣ୍ଣ ରୂପ।

ରହସ୍ୟମୟତାରେ ଆଚ୍ଛନ୍ନ, କୁହୁଡ଼ିରେ ମଳିନ ଦିଶୁଥିବା ନଈ ଧାରରେ ଧାଡ଼ ଧାଡ଼ି ପାହାଡ଼ ଦୂରର ଅଶ୍ୱତ୍ଥ ଗଛରେ ଶୁଖୁଥିବା ଦ୍ରୌପଦୀର ଶାଢୀଭଳି ପ୍ରତୀୟମାନ ହେଉଛି। କବିଙ୍କ ପାଇଁ ଏହା ରହସ୍ୟଲୋକ। ଅସୀମର ଭୂମି। ଏ ଭୂମିପ୍ରତି ଅସୀମ ମୋହ ହିଁ କବିତା । ଏହାକୁ ଚେତନାର ଉତ୍ତୀର୍ଣ୍ଣ ଦିଗନ୍ତ ବୋଲି କୁହାଯାଇପାରେ। ଯେଉଁ ଦିଗନ୍ତରେ ପହଞ୍ଚିଲେ ଚନ୍ଦନ ବନରେ ଅଧିଷ୍ଠିତ ଇଶ୍ୱରଙ୍କ ସହ ସାକ୍ଷାତ ହୋଇପାରିବ। ଏ ପ୍ରସଙ୍ଗରେ ନିମ୍ନ ପଂକ୍ତିକୁ ଉଲ୍ଲେଖ କରାଯାଇପାରେ।

> "ସେ ପାରିର ଯେତେ ସ୍ୱପ୍ନ,
> ପ୍ରତ୍ୟାଶାର ହାତଧରି ଚାଲିଯିବି ଦିନେ ଆରପାରି,
> ଦିଗ୍‌ବଳୟ ବୋଲି ହେବି ମୁଠା ମୁଠା ମାୟାବୀ ଅବିର,
> ଠିକ୍‌ଯାଇ ପହଞ୍ଚିବି ଚନ୍ଦନ ବନରେ,
> ଯେଉଁଠାରେ ବସିଥିଲେ ଏକଦା ଇଶ୍ୱର।" (ପୃ-୩୬)

କବିତାର ସାମଗ୍ରିକ କଳେବର ମଧ୍ୟରେ ପ୍ରକୃତି-ସୌନ୍ଦର୍ଯ୍ୟ-ପ୍ରେମ-ଦହନ-ସ୍ମୃତିଚାରଣ ପରିବେଶରେ ତଲ୍ଲୀନତା ବା ସେମ୍ମୋହନ ଭାବ ପ୍ରକାଶ ପାଇଛି। ନାରୀ ସତ୍ତା, ପ୍ରକୃତି ସତ୍ତାସହ ପ୍ରେମ ମାଧ୍ୟମରେ କବିସତ୍ତା ସମନ୍ୱିତ ହୋଇଛି। ପ୍ରେମଜନିତ ଦହନ ତୀବ୍ରରୁ ତୀବ୍ରତର ହୋଇଛି। ସେଥିପାଇଁ ପରିଶେଷରେ କବିସତ୍ତା ଇଶ୍ୱରୀୟ ସତ୍ତା ସହିତ ମିଳିତ ହେବାର ଆକାଂକ୍ଷା ପୋଷଣ କରିଛି। ଏ ପ୍ରକାର ବିବିଧ ଚିନ୍ତାଧାରାକୁ ଗୋଟିଏ ବିନ୍ଦୁରେ ସମ୍ମିଳିତ କରାଇବାରେ ସମର୍ଥ ହୋଇଛନ୍ତି କବି ଭାନୁଜୀ ରାଓ।

## ୨.୬ ନଈ ଆର ପାରି (ପାଠ)

କାନ୍ଥରେ ଝୁଲୁଥିବା ଛବି ପରି ନଈ ଆର ପାରି
ରହସ୍ୟର କୁହୁଡ଼ିରେ ମ୍ଳାନ
କେହିଜଣେ ଆଙ୍କିଅଛି ନୀଳିମାରେ
ବୁଡ଼ାଇ ବୁଡ଼ାଇ ପାହାଡ଼ର ଧାଡ଼ି,
ଦୂରର ଅଶ୍ୱତ୍ଥ ଡାଳେ ଶୁଖୁଅଛି ଦ୍ରୌପଦୀର ଶାଢ଼ୀ।
ତରୁଣୀ କଦମ୍ବ ପାଖେ ଭେଟିବାକୁ ପ୍ରତିଶ୍ରୁତି ଥିଲା,
କଥାଥିଲା ନଈଠାରୁ ଶିଖିବାକୁ କୋମଳ - ଗାନ୍ଧାର,

ତୋଳିନେବି କୁହୁଧ୍ୱନି ପ୍ରଚ୍ଛନ୍ନ କୋଇଲି କଣ୍ଠରୁ,
ଜହ୍ନ ପାଇଁ ବିଛାଇବି ହୃଦୟରେ ଜରୀର ଚଦର।
ଏ ପାରିରେ ଇନ୍ଦ୍ରଧନୁ ମରିଯାଏ ଏନ୍ତୁଡ଼ି ଶାଳରେ
ମଣିଷର କ୍ଷୁଧା,କ୍ଷୋଭ ଆଉ ଯେତେ ପୁରାତନ ପାପ,
ତଣ୍ଟି ଚିପି ରୁନ୍ଧି ଦିଏ ଘନିଷ୍ଠ ଛାଇକୁ ବାରମ୍ବାର,
ଏ ପାରିରେ ଝୁଲୁଥାଏ ଏକାକୀ ଚକୋର।
ସେ ପାରିରେ ଯେତେ ସ୍ୱପ୍ନ,
ପ୍ରତ୍ୟାଶାର ହାତଧରି ଚାଲିଯିବି ଦିନେ ଆର ପାରି,
ଦିଗ୍‌ବଳୟ ବୋଳିହେବି ମୁଠା ମୁଠା ମାୟାବୀ ଅବିର,
ଠିକ୍ ଯାଇ ପହଞ୍ଚିବି ଚନ୍ଦନ ବନରେ,
ଯେଉଁଠାରେ ବସିଥିଲେ ଏକଦା ଈଶ୍ୱର।

## ୨.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### (୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

କ) ଭାନୁଜୀରାଓଙ୍କ କାବ୍ୟିକ ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କର।

ଖ) 'ନଈ ଆର ପାରି' କବିତାର ଭାବାର୍ଥ ନୀରୂପଣ କର।

ଗ) 'ପ୍ରେମଜନିତ ଅନୁଭବ' ନଈ ଆରପାରି କବିତାକୁ ଏକ ସ୍ୱାତନ୍ତ୍ର୍ୟ ପ୍ରଦାନ କରିପାରିଛି। ଉକ୍ତିଟିର ସତ୍ୟାସତ୍ୟ ନିରୂପଣ କର।

### (୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

କ) କବିତାରେ କବିଙ୍କର ସୌନ୍ଦର୍ଯ୍ୟ ଗ୍ରାହୀ ଦୃଷ୍ଟିକୋଣର ପରିଚୟ ପ୍ରଦାନ କର।

ଖ) ନଦୀ ସହିତ ନାରୀ, ପ୍ରକୃତି, ପ୍ରେମ ଓ ଈଶ୍ୱରୀୟ ଉପଲବ୍ଧି କବିତାରେ କିପରି ସମନ୍ୱିତ ହୋଇଛି ଦର୍ଶାଅ।

## ୨.୮ ସହାୟକ ଗ୍ରନ୍ଥସୂଚୀ


- ସହସ୍ରାଂଶୁ - ଯତୀନ୍ଦ୍ରମୋହନ ମହାନ୍ତି
- ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା - ଶତ୍ରୁଘ୍ନ ପାଣ୍ଡବ
- ସବୁଜରୁ ସାଂପ୍ରତିକ - ନିତ୍ୟାନନ୍ଦ ଶତପଥୀ
- ସାଂପ୍ରତିକ ଓଡ଼ିଆ କବିତା - (ସଂ) ନିତ୍ୟାନନ୍ଦ ଶତପଥୀ (NBT)

# ତୃତୀୟ ଏକକ : (କ)
# 'ଶ୍ରୀରାଧା' (୨ୟ ଓ ୩ୟ ଅଂଶ) - ରମାକାନ୍ତ ରଥ

## ବିଷୟ ଗଠନ

୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପରିଚୟ

୩.୪ କବି ରମାକାନ୍ତ ରଥ

୩.୫ 'ଶ୍ରୀରାଧା' ଆଲୋଚନା

୩.୬ ଶୀରାଧାର (ପାଠ)

୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୮ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

କବିତା କ୍ଷେତ୍ରରେ କବି ରମାକାନ୍ତ ରଥ ଜଣେ ସଫଳ ସାରସ୍ୱତ ସାଧକ । ନୈରାଶ୍ୟ, ସଂଶୟ ବୋଧ ମଧ୍ୟରେ ବିଭିନ୍ନ ଚମକପ୍ରଦ,ଅପାରମ୍ପରିକ କବିତା ସୃଷ୍ଟିକରି ଓଡ଼ିଆ କାବ୍ୟ ଜଗତକୁ ଆଲୋଡ଼ିତ କରିଛନ୍ତି । ମିଥ୍ର ପୂନର୍ବିନ୍ୟାସ,ପ୍ରତୀକ ଓ ରୂପକଳ୍ପ ମାଧ୍ୟମରେ ଶବ୍ଦାବଳୀର ବ୍ୟଞ୍ଜନାତ୍ମକ ଅଭିବ୍ୟକ୍ତି ତାଙ୍କ କବିତାର ଏକ ସ୍ୱାତନ୍ତ୍ର୍ୟ । 'ଶ୍ରୀରାଧା' ଭାରତୀୟ ବାଙ୍ମୟର ଏକ ବହୁଚର୍ଚ୍ଚିତ ଦେବୀ । ବୈଷ୍ଣବ ରସ ଶାସ୍ତ୍ରରେ କୃଷ୍ଣ ଉପଲବ୍‌ଧିର ଏକ ମାଧ୍ୟମ - 'ଶ୍ରୀରାଧା' । ଗବେଷକ ମାନଙ୍କର ମତାନୁଯାୟୀ ଶ୍ରୀମଦ୍ ଭାଗବତରେ 'ଅନୟୋରାଧିତୋ ନୂନଂ ଭଗବାନହରିରୀଶ୍ୱର' ଶ୍ଳୋକରେ ବ୍ୟବହୃତ ରାଧିତୋ ଶବ୍ଦ ରାଧାଙ୍କ ଉଦ୍ଦେଶ୍ୟରେ ଅଭିହିତ । କେହି କେହି ପ୍ରାକୃତ ସାହିତ୍ୟରୁ ରାଧା ଚରିତ୍ରର ଆରମ୍ଭ ହୋଇଛି ବୋଲି ମତବ୍ୟକ୍ତ କରନ୍ତି । ସପ୍ତମ ଶତାବ୍ଦୀରେ ହାଳଙ୍କର ଗାଥା ଶପ୍ତଶତୀକୁ ମଧ୍ୟ ରାଧା ଚରିତ୍ର ସୃଷ୍ଟିର ମୂଳଉତ୍ସ ବୋଲି ଗ୍ରହଣ କରାଯାଏ । ବୈଷ୍ଣବ ଶାସ୍ତ୍ରରେ 'ଶ୍ରୀରାଧା' ସ୍ୱତନ୍ତ୍ର ସତ୍ତା ବା ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରିଣୀ ନୁହନ୍ତି । ଶ୍ରୀ କୃଷ୍ଣଙ୍କର ଅଂଶସ୍ୱରୂପା ଆନନ୍ଦ ଓ ସୌନ୍ଦର୍ଯ୍ୟ ସୂଚକ ହ୍ଲାଦିନୀ ଶକ୍ତିର ଅଧିକାରିଣୀ । ସେ ବିବାହିତା । କିନ୍ତୁ ତାଙ୍କର ପ୍ରୀତି ପରକୀୟା । ସାମାଜିକ ସ୍ୱୀକୃତିର ଊର୍ଦ୍ଧ୍ୱରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କ ପ୍ରେମ । ଅକୁଣ୍ଠିତ ସମର୍ପଣ ଭାବ ହିଁ ଏହି ପ୍ରେମକୁ ମହନୀୟ କରିଦିଏ । ଏହା ମଧ୍ୟଯୁଗୀୟ ଶ୍ରୀରାଧାଙ୍କର ବୈଶିଷ୍ଟ୍ୟ ।

ରମାକାନ୍ତ ରଥ 'ଶ୍ରୀରାଧା' ବୈଷ୍ଣବ ରସ ତତ୍ତ୍ୱର 'ଶ୍ରୀରାଧା' ନୁହନ୍ତି । ସେ ସ୍ୱତନ୍ତ୍ର । ରମାକାନ୍ତୀୟ ଭାବସତ୍ତା ସହିତ ଜଡ଼ିତ ଶ୍ରୀରାଧାଙ୍କର ଅସ୍ତିତ୍ୱ । 'ଶ୍ରୀରାଧା' ପାଠକଲେ ଭିନ୍ନ ଏକ ଚେତନାର ଚୌହଦୀ ମଧ୍ୟରେ

ପାଠକୀୟସତ୍ତା ଆବିଷ୍କ ହୋଇଉଠେ। ପ୍ରଣୟର ବିସ୍ତୃତ ଅନୁଭବର ପ୍ରେକ୍ଷାପଟ୍ଟରେ କାଳୋତ୍ତୀର୍ଣ୍ଣତା ପ୍ରୟାସ ଉପଲବ୍ଧ। ସାଧାରଣ ପାଠକ ପାଖରେ କାଳୋତ୍ତୀର୍ଣ୍ଣ ଉପଲବ୍ଧି ହିଁ ପଠନର ଉଦ୍ଦେଶ୍ୟ।

## ୩.୨ ଶିକ୍ଷଣୀୟ ବିଷୟ

ଉକ୍ତ ଏକକଟି ପାଠ କଲାପରେ

- କବି ରମାକାନ୍ତ ରଥଙ୍କର କବି ପ୍ରତିଭା ଓ ସଙ୍କଳନ ଗୁଡ଼ିକ ସମ୍ପର୍କରେ ଜ୍ଞାନ ଆହରଣ ହୋଇପାରିବ।
- 'ଶ୍ରୀରାଧା' କବିତାଟି କିପରି ସାମ୍ପ୍ରତିକ ସମୟର ଯନ୍ତ୍ରଣା ଜର୍ଜରିତ ଆତ୍ମାର ପରିପ୍ରକାଶ ଘଟିଛି ତାହା ଅନୁଧ୍ୟାନ କରିପାରିବା।
- କବି ରମାକାନ୍ତର କବିତା ରଚନାରେ ପଦ ଲାଳିତ୍ୟର ନମୁନା ଦେଖିପାରିବା।

## ୩.୩ ବିଷୟ ପରିଚୟ

'ଶ୍ରୀରାଧା' ବୈଷ୍ଣବ କାବ୍ୟତତ୍ତ୍ୱର ପରିମଣ୍ଡଳ ମଧ୍ୟରେ ଆବଦ୍ଧ ନୁହନ୍ତି। ମାନବୋଚିତ ପ୍ରଣୟାନୁବେଗ କବିତାଟିର ପ୍ରମୁଖ ଅବଲମ୍ବନ। ପ୍ରଥମ ପୁରୁଷର ସ୍ୱରରେ ସ୍ୱଗତୋକ୍ତି ଶୈଳୀରେ କ୍ଷଣିକ ଆବେଗ ଅନୁଭୂତି ଆଧାରରେ କବିତା ଗୁଡ଼ିକ ରଚିତ। ତେଣୁ କବିତାର ଶବ୍ଦଗତ ଅର୍ଥ ଅପେକ୍ଷା ଭାବଗତ ଅର୍ଥ ପାଠକକୁ ଏକ ନୈର୍ବ୍ୟକ୍ତିକ ଚେତନାର ରାଜ୍ୟକୁ ନେଇଯାଏ। 'ଶ୍ରୀରାଧା' ଏଠାରେ ସାଧାରଣ ନାରୀଟିଏ। କବିତା ପାଠକରି ଶ୍ରୀରାଧା ଅନ୍ତଃସ୍ଥଳରେ ଅସାଧାରଣତା ଖୋଜିବା ପାଠକର ପ୍ରକୃତ ଉଦ୍ଦେଶ୍ୟ ହେବା ଉଚିତ।

## ୩.୪ କବି ରମାକାନ୍ତ ରଥ

କବି ରମାକାନ୍ତଙ୍କ ପ୍ରଥମ କବିତା ସଂକଳନ 'କେତେଦିନର' ୧୯୬୨ ମସିହାରେ ପ୍ରକାଶ ପାଇଥିଲା। ଏହାପରେ ୧୯୬୭ ମସିହାରେ 'ଅନେକ କୋଠରୀ',୧୯୭୧ରେ 'ସନ୍ଦିଗ୍ଧ ମୃଗୟା', ୧୯୭୭ରେ 'ସପ୍ତମ ଋତୁ', ୧୯୮୨ରେ 'ସଚିତ୍ର ଅଂଧାର', ୧୯୮୫ରେ 'ଶ୍ରୀରାଧା', ୧୯୯୬ରେ 'ଶ୍ରୀପଳତକ' ୨୦୦୨ରେ 'ସୀମାନ୍ତବାସ', ୨୦୦୪ରେ ଫେରିଚାହିଁଲେ ଇତ୍ୟାଦି। କବିଙ୍କର ଦୁଇଟି ଦୀର୍ଘ କବିତା 'ବାଘଶିକାର' ଓ 'ଅନନ୍ତ ଶୟନ' 'ଅନେକ କୋଠରୀ' ସଂକଳନରେ ସ୍ଥାନିତ ହୋଇଥିଲା।

ଆଲୋଚ୍ୟ 'ଶ୍ରୀରାଧା' ୬୧ଟି କବିତାର ସମାହାର। ପରସ୍ପର ଠାରୁ ବିଚ୍ଛିନ୍ନ ମନେ ହେଲେବି୬୧ଟି ଯାକ କିବିତାର ଅନ୍ତଃସ୍ୱର ସତେ ଯେମିତି ପରସ୍ପର ସହିତ ଅଦେଖା ଯୋଗସୂତ୍ରରେ ସୂତ୍ରାୟିତ। 'ଶ୍ରୀରାଧା' ଆଧୁନିକତା ଓ ପରମ୍ପରାର ଏକ ସମନ୍ୱୟ। ପ୍ରଣୟର ସର୍ବୋତ୍ତମ ଅଭୀପ୍ସାର ପୂର୍ତ୍ତି ନିମିତ୍ତ ଆକାଂକ୍ଷା ପୋଷଣ କରୁଥିବା ବ୍ୟକ୍ତିସତ୍ତାର ସ୍ଥିତି ସମ୍ବନ୍ଧୀୟ ଦ୍ୱନ୍ଦ୍ୱ,ଦୁଃଖ ଯନ୍ତ୍ରଣା ମଧରେ ଜୀବନର ଏକ୍‌ଲାପଣର ଅନୁଭୂତି 'ଶ୍ରୀରାଧା' କାବ୍ୟର ବୈଶିଷ୍ଟ୍ୟ।

## ୩.୫ 'ଶ୍ରୀରାଧା' ଆଲୋଚନା

'ଶ୍ରୀରାଧା'ର ଅନ୍ତଃସ୍ୱରରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କର ସଂପର୍କ ଓ ତଦ୍‌ଜନିତ ମନସ୍ତାତ୍ତ୍ୱିକ ପ୍ରତିକ୍ରିୟା ଏହାର ମୁଖ୍ୟ ଅନୁଭବ। କବିଙ୍କର ଭାଷା ମଧ୍ୟ ସରଳ, ସାବଲୀଳ। କବି ରମାକାନ୍ତ ରାଧାଙ୍କ ଅନ୍ତଃବେଦନାକୁ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ କବି ବିନମ୍ର ଭାବେ କହନ୍ତି।

"ସତ କହିଲେ ମୁଁ ଶ୍ରୀରାଧା ଲେଖିନାହିଁ। ତା'ର ଅଧିକାଂଶ ଆପେ ଆପେ ଲେଖି ହୋଇଯାଇଛି। କେବଳ କେତେ ରାତି, କେତେ ଦିନ ପାଇଁ ମୁଁ ମୋର ହାତ ଭଡାରେ ଦେଇଥିଲି। ଯାହା ତାଙ୍କ ସହିତ ଆଉଥରେ ଦେଖା ହେଲେ କହନ୍ତି। 'ଆପଣ ମୋ ହାତ ଥରେ ଭଡ଼ାରେ ନେଇଥିବାରୁ ମୁଁ କୃତାର୍ଥ ହୋଇଛି; ଆଉଥରେ ନେଲେ ଆହୁରି କୃତାର୍ଥ ହୁଅନ୍ତି। (ଝଙ୍କାର - ନଭେମ୍ବର ୧୯୯୭:୧୦୭୭) ତାଙ୍କ ପଦଲାଳିତ୍ୟର ଏକ ସୁନ୍ଦର ଉଦାହରଣ ହେଉଛି

"ସତେ କି ସେମାନେ ତାଙ୍କ ଦେହ ଭିତରକୁ  
ବାଟହୁଡି ପଶି ଆସିଥିଲେ।" (ପୃ-୩)

୬୧ଟି ଆବେଗ ଅନୁଭୂତିକୁ ଭିତ୍ତିକରି କୃଷ୍ଣଙ୍କର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଘଟଣାକୁ ପାଥେୟ କରି କବି ଏହି କାବ୍ୟ ରଚନା କରିଛନ୍ତି। ରାତ୍ରିର ଘନ ଅନ୍ଧକାରରେ ବସୁଦେବଙ୍କ ଦ୍ୱାରା କୃଷ୍ଣ ମଥୁରା ନଗରୀରୁ ଗୋପ ପୁରକୁ ଆସିଥିଲେ। ନନ୍ଦରାଜାଙ୍କ କନ୍ୟା ମଥୁରା ନଗରୀ ଆସି କୃଷ୍ଣଙ୍କ ସ୍ଥାନରେ ପହଞ୍ଚିଥିଲେ। ଯଶୋଦାଙ୍କ କୋଳରେ କୃଷ୍ଣଙ୍କର ଆବିର୍ଭାବ ଗୋପପୁରବାସୀଙ୍କର ଆନନ୍ଦ ଦ୍ୱିଗୁଣିତ କରିଦେଇଥଲା। ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କ ଆବିର୍ଭାବରେ ଗୋପପୁର ସ୍ୱଚ୍ଛ ପାଲଟି ଯାଇଥିଲା। ସତେଯେମିତି ସମଗ୍ର ଗୋପପୁର କୃଷ୍ଣମୟ ହୋଇଯାଇଥିଲା। କୃଷ୍ଣମାନେ ଯୁଗପୁରୁଷ। ସେ ସର୍ବବ୍ୟାପୀ। ମଣିଷ ହୃଦୟରେ ସେ ଜୀବାତ୍ମା ଭାବେ ବିଦ୍ୟମାନ। ପରମାତ୍ମା ଶ୍ରୀକୃଷ୍ଣଙ୍କ ଆବିର୍ଭାବ ଜୀବାତ୍ମା ଗୋପୀମାନଙ୍କ ପାଇଁ ଅତ୍ୟନ୍ତ ଶୁଭମୟଥିଲା। କବିଙ୍କ ଭାଷାରେ ଏହାର ସରଳ ସୁମଧୁର ପରିପ୍ରକାଶ ଘଟିଛି। କବିଙ୍କ ଭାଷାରେ :-

" କାହିଁକି କେଜାଣି କିନ୍ତୁ ଖୁବ୍ ଚୁପ୍‌ଚାପ୍  
ଥିଲେ ସବୁ ପୁରୁଷ ଲୋକ ଓ  
ସ୍ତ୍ରୀଲୋକ ଅଯଥା ଡେରି ଡେରି କରୁଥିଲେ  
ସତେକି ସେମାନେ ତାଙ୍କ ଦେହ ଭିତରକୁ  
ବାଟ ହୁଡି ପଶି ଆସିଥିଲେ।''

ସେଦିନର ସକାଳ, ପୃଥିବୀ ଭିନ୍ନ ଥିଲା। ପାହାଡ଼, ଆକାଶ, ଗଛପତ୍ର, ନଈକୂଳ, ବାଲୁକା ପ୍ରାନ୍ତର ସବୁ ଯେମିତି ଭିନ୍ନ ମନେହେଉଥିଲା। ସମଗ୍ର ଗୋପପୁର କୃଷ୍ଣମୟ ମନେ ହେଉଥିଲା। ପ୍ରକୃତିର ପ୍ରତ୍ୟେକ ବିଭବ ମଧ୍ୟରେ କୃଷ୍ଣଙ୍କର ସତ୍ତା ବିଦ୍ୟମାନ। ବର୍ତ୍ତମାନ ଜୀବନ ଯନ୍ତ୍ରଣାରୁ ମୁକ୍ତ। ସମସ୍ତ କ୍ଳେଶ ଦୂରିଭୂତ। ଅତୀତ ଓ ବର୍ତ୍ତମାନ କୃଷ୍ଣମୟ। ସେଥିପାଇଁ ଭବିଷ୍ୟତ ଆଉ କ୍ଳାନ୍ତିକର ମନେହେଉ ନାହିଁ। ଭବିଷ୍ୟତ ଉଜ୍ଜ୍ୱଳମୟ ମନେ

ହୋଇଛି । ଶ୍ରୀରାଧା ମଧ୍ୟ ଭିନ୍ନଏକ ସତ୍ତାରେ ରୂପାନ୍ତରିତ । ଶବ୍ଦଗତ ଅର୍ଥରେ ପାଠକ ଭାବିଲେହିଁ ଶ୍ରୀରାଧାଙ୍କ ମାନସିକ ଚିନ୍ତା ଚେତନାକୁ ସ୍ପର୍ଶ କରିହୁଏ । ନଦୀରେ ଗାଧୋଇବା ସମୟରେ ଶ୍ରୀରାଧା ନିଜ ଗୋଡ଼କୁ ଦେଖୁଛନ୍ତି । ମନେହେଉଛି ସତେଯେମିତି ସେ ଗୋଡ଼ ତାଙ୍କର ନୁହେଁ । ଏପରିକି ସେ ଦେହ, ନିଜ ଜୀବନ, ନିଜ ଅତୀତ ମଧ୍ୟ ତାଙ୍କର ନୁହେଁ । ସ୍ୱାମୀ, ଘର ସଂସାର, ଆତ୍ମୀୟ ସ୍ୱଜନ, ନିଜ ପାରିପାର୍ଶ୍ୱିକ ପରିମଣ୍ଡଳ ମଧ୍ୟ ପରିଚିତ ହୋଇ ରହିନାହିଁ । ସ୍ୱ ସତ୍ତା କୃଷ୍ଣମୟ । ପରିଚିତ ଜଗତ ମଧ୍ୟ କୃଷ୍ଣମୟ । କିନ୍ତୁ ସେ ନିଜେ ଏକ ବିରାଟଶୂନ୍ୟ । ସେଥିପାଇଁ କୁହାଯାଇଛି ରାଧାମାନେ ଚିରକାଳ କାଂଗାଲୁଣୀ । ସର୍ବଦା ଦୁଇ ହାତ ଟେକି କୃଷ୍ଣଙ୍କ ନିକଟରେ ନିଜକୁ ସମର୍ପି ଦିଅନ୍ତି । କବିଙ୍କ ବର୍ଣ୍ଣନାରେ ଏହିଭାବ ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଛି ।

"ମୁଁ ସର୍ବଦା କାଙ୍ଗାଲୁଣୀ, ଅନ୍ତରୀକ୍ଷ ଯାଏ
ପ୍ରସାରିତ ମୋର ଦୁଇ ସୀମାହୀନ ବାହୁଙ୍କ ଭିତରେ
ମୁଁ ଉଦ୍‌ଗ୍ରୀବ ଶୂନ୍ୟସ୍ଥାନଟିଏ
ଖାଲି ଶୂନ୍ୟ ସ୍ଥାନଟିଏ ହୋଇ ରହିଯିବା
କାହା କାହା କପାଳେ ତ ଥାଏ ।"

ରାଧା ନିଜର ବିମର୍ଷ ଭାଗ୍ୟକୁ ଆରମ୍ଭରୁ ସ୍ୱୀକାର କରିନେଇଛନ୍ତି । ସେଥିନିମିତ୍ତ କାଳର ଦୁରନ୍ତ ପରିଣତି ପ୍ରତି ସେ ତୀବ୍ର ଭାବରେ ସଚେତନ । ଜୀବନର ବ୍ୟଥା,ବିଷାଦ,ଯନ୍ତ୍ରଣାକୁ ମର୍ମବେଦନା ସହିତ ବାସ୍ତବ ପ୍ରେକ୍ଷାପଟ୍ଟ ସମ୍ପର୍କରେ ଅବଗତ ନାୟିକାର ଅନ୍ତଃର୍ନିହିତ ସତ୍ତା । ଉପରୋକ୍ତ ପଂକ୍ତିକୁ ସ୍ୱଗତୋକ୍ତିରେ ଉଚ୍ଚାରଣ କରେ । ଆତଙ୍କ ଓ ଦୁର୍ବିପାକ ସଦା ସହଚର । ପ୍ରସାରିତ ଦୁଇ ସୀମାହୀନ ବାହୁର ବିସ୍ତାର ମଧ୍ୟରେ ଶ୍ରୀରାଧା ଏକ ବିରାଟ ଶୂନ୍ୟସ୍ଥାନ । ପ୍ରେମର ଆବେଗ ଶାଶ୍ୱତ,ଚିରନ୍ତନ । ହୃଦୟର ଐକାନ୍ତିକ ସମର୍ପଣ ସତ୍ତ୍ୱେ ଆତ୍ମତୃପ୍ତି ମିଳିପାରେ ନାହିଁ । ନିୟତ ନିଃସଙ୍ଗତାରେ ଆତ୍ମସ୍ଥ ହୁଅନ୍ତି 'ଶ୍ରୀରାଧା' ପ୍ରେମ ସିନା ଅକ୍ଷୟ କିନ୍ତୁ ଜୀବନତ କ୍ଷୟଶୀଳ । ସେଥିପାଇଁ ପ୍ରେମର ଅମରତ୍ୱ କାମନା କରି ସେକ୍ସ୍‌ପିୟର୍ ଲେଖିଥିଲେ ।: "My love shall in my verse ever live young, (collected poem's of Shakespear, page -89)

ଶ୍ରୀରାଧାଙ୍କ ସତ୍ତା ଏଠାରେ ଜ୍ୱଳାତ୍ମକ । ସ୍ଥିତିର ଶୂନ୍ୟତା କଷ୍ଟଦାୟକ ନିଶ୍ଚୟ । ସ୍ନେହ, ଶ୍ରଦ୍ଧାର ମୂର୍ତ୍ତିମନ୍ତ ଦେବୀ ଶାଶ୍ୱତ ପ୍ରଣୟର ସର୍ବୋତ୍ତମ ଉପଲବ୍‌ଧିକୁ ଛୁଇଁବା ପରେ ମଧ୍ୟ ପୂର୍ଣ୍ଣତା ପାଇପାରି ନାହିଁ । ଏହିଛୁଇଁବା ସମୟରେ ଜୀବନର କ୍ଲାନ୍ତି, ଯନ୍ତ୍ରଣା, ନୈରାଶ୍ୟବୋଧ ସହିତ ପରିଚିତ ହୋଇଯାଏ । କାରଣ ଶ୍ରୀରାଧା ପୂର୍ଣ୍ଣତଃ ଦେବୀ ନୁହନ୍ତି । ଦେବୀ ହୋଇଥିଲେ ସମସ୍ତ ଯନ୍ତ୍ରଣା, ବିମର୍ଷ ଭାଗ୍ୟକୁ ସହଜରେ ଅତିକ୍ରମି ଯାଇଥାଆନ୍ତା । ପୂର୍ଣ୍ଣତଃ ମାନବୀ ହୋଇଥିଲେ ବିମର୍ଷ ଭାଗ୍ୟ ପାଖରେ ମୁଣ୍ଡ ନୁଆଁଇ ଦେଇଥାଆନ୍ତା । କିନ୍ତୁ ତାହା ହୋଇନାହିଁ । ଏହା ସ୍ପଷ୍ଟ ପ୍ରମାଣିତ ହୋଇଯାଉଛି ଯେ ଏତାଦୃଶ ଅନୁଭବ ପୁରାଣ ଜନିତ ନୁହେଁ । ଏ ଅନୁଭବ ବିଂଶ ଶତାବ୍ଦୀର ଏକ କବିପଣର ।

ଭାରତୀୟ ନନ୍ଦନ ତତ୍ତ୍ୱ ଅନୁଯାୟୀ ସମସ୍ତ କବିତ୍ୱ ଭାବ ସଂପର୍କିତ । 'ରାଧାକୃଷ୍ଣ ଲୀଳା' ହେଉଛି ଏକ ଶାଶ୍ୱତ ବୌଦ୍ଧିକ ପ୍ରେମ । ଦୈହିକ କାମନାର ଉର୍ଦ୍ଧ୍ୱରେ ଏହାର ସ୍ଥିତି । ଦୁଇ ଆତ୍ମାର ମିଳନରେ ଏହାର ସାର୍ଥକତା ।

ଏ ପ୍ରକାର ପ୍ରେମରେ ସ୍ୱାର୍ଥ ନଥାଏ କି ଲାଳସା ବି ନଥାଏ। ପ୍ରେମ ତ୍ୟାଗ କୈନ୍ଦ୍ରିକ। ଆସକ୍ତି ଓ କାମନାର ଭାବବେଗ ଏଠାରେ ଗୌଣ। ତେଣୁ ଶ୍ରୀରାଧାଙ୍କ ଆତ୍ମା ଚିର ପିପାସିନୀ। କୃଷ୍ଣଙ୍କ ବ୍ୟତୀତ ବିରାଟ ଶୂନ୍ୟତା। କୃଷ୍ଣ ଥିଲେ ରାଧାଙ୍କର ଜୀବନ ପ୍ରାଣ। କୃଷ୍ଣଙ୍କ ଉପରେ ବିପଦ ଆସିଲେ ସେ ଅତିଷ୍ଠ ହୋଇପଡୁଥିଲେ। କୃଷ୍ଣଙ୍କୁ ହତ୍ୟା କରିବା ପାଇଁ କଂସର ଷଡ଼ଯନ୍ତ୍ର ରାଧାଙ୍କୁ ଯେତିକି ଅତିଷ୍ଠ କରୁଥିଲା ତତୋଧିକ ଗୋପୀମାନଙ୍କୁ ମଧ୍ୟ ବିଚଳିତ କରୁଥିଲା। ଏହି ଚିନ୍ତାଧାରା କବିଙ୍କ ଲେଖନୀରେ ଅଧିକ ଜୀବନ୍ତ ଓ ମନ୍ମୟ ହୋଇଉଠିଛି।

– "ସେମାନେ ଆସିଲେ ପ୍ରାୟ ପ୍ରତିଦିନ, ଯେତେ ଯେତେଥର
ଆସୁଥିଲେ ସେତେଥର ହଠାତ୍ ପବନ
ରୁଦ୍ଧି ହୋଇ ଯାଉଥିଲା, ଗଛପତ୍ର ଦୋହଲୁ ନଥିଲା
ଦିନବେଳ ଖାଁ ଖାଁ ଲାଗୁଥିଲା, ଉଡ଼ିଯାଉଥିବା
ଚଢେଇ ହଠାତ୍ ମରି ଖସି ପଡୁଥିଲେ
ସେତେଥର ଛନ ଛନ କିଆରୀ ଯାଗାରେ
ମରୁଭୂମି ଦିଶୁଥିଲା, ହୃଦୟ ଭିତରେ
ଆଉ ଅଳ୍ପ ବାକିଥିବା ଆଶ ସରିସରି ଯାଉଥିଲା।"

କୃଷ୍ଣଙ୍କ ଉଦ୍ଦେଶ୍ୟରେ କଂସର ଚକ୍ରାନ୍ତ ରାଧାଙ୍କ ହୃଦୟରେ ଅହେତୁକ ଝଡ଼ ସୃଷ୍ଟି କରୁଥିଲା। ସେ ନିର୍ବାକ୍, ସ୍ଥାଣୁ ପାଲଟି ଯାଇଥିଲେ। ସମଗ୍ର ଗୋପପୁର ତାଙ୍କ ପାଇଁ ମରୁଭୂମି ପାଲଟି ଯାଇଥିଲା। କୃଷ୍ଣଙ୍କର ସାମାନ୍ୟ ବିଚ୍ଛେଦ ତାଙ୍କ ପାଇଁ ଅସହ୍ୟ ମନେହେଉଥିଲା। ରାତ୍ରିର ସୁଗନ୍ଧ ଦେହ, ମନକୁ ବାସ୍ନାୟିତ କରିଦେଉଥିଲା। ଅର୍ଥଶୂନ୍ୟ ମନେହେଉଥିବା ରାତି ଅର୍ଥପୂର୍ଣ୍ଣ ମନେହେଲା କିନ୍ତୁ ଯେତେବେଳେ ବିରହ ବେଦନା ସୃଷ୍ଟି ହେଉଛି, ସେ ସମୟରେ ଆକାଶର ତାରାମାନେ ନିଃସଙ୍ଗ ଲାଗୁଛନ୍ତି। ନିଜ ଦୁଃଖକୁ ସେ ମୟୁରର ଦୁଃଖ ସହ ତୁଳନା କରୁଛନ୍ତି। ଆକାଶର ଘନକଳା ମେଘ ମୟୁରକୁ ଉନ୍ମାଦିତ କରେ। ଆକାଶରେ ମେଘ ନଥିଲେ ମୟୁର ବିରହ ବେଦନାରେ କାଳାତିପାତ କରେ। ମନ ଦିଗରେ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ଶ୍ରୀରାଧାଙ୍କୁ ଯେତିକି ପ୍ରେମମୟ କରିଦେଉଥିଲା, ଶ୍ରୀକୃଷ୍ଣଙ୍କ ବିଚ୍ଛେଦ ସେତିକି କଷ୍ଟ ଦେଉଥିଲା। କୃଷ୍ଣତାଙ୍କ ଦେହ, ମନ, ଆତ୍ମା, ଅନୁଭୂତି ସହ ସର୍ବଶ୍ରେଷ୍ଠ ଗୌରବ ବୋଲି ଭାବୁଥିଲେ। (ପୃଷ୍ଠ ବନ୍ଧ -୧୩୦) ଶ୍ରୀରାଧାଙ୍କ ପ୍ରେମାନୁଭୂତି ଲୌକିକ ଓ ଅଲୌକିକ ପ୍ରେମର ମିଶ୍ରିତ ଅନୁଭବ। ଏହାକୁ ସ୍ପଷ୍ଟ କରିବାକୁ ଯାଇ କବି ପୃଷ୍ଠ ବନ୍ଧର ୧୨୬ ପୃ.ରେ କହନ୍ତି :

"ପ୍ରଥମେ ନିଜକୁ ସମୁଦାୟ ଭାବେ ଉପଲବ୍ଧି କଲେ ହିଁ ପରେ ନିଜକୁ ସମୁଦାୟ ଭାବେ ଅର୍ପଣ କରିହେବ। ଏଭଳି ଆତ୍ମା ଭଲପାଇବା ମାତ୍ରେ ହିଁ ଆତ୍ମଚେତନା ବିସ୍ମୃତ ହୋଇ ବସେନାହିଁ, ବରଂ ଭଲପାଇବା ଭିତରେ ହିଁ ନିଜ ସତ୍ତାର ଆଗରୁ ଅନାବିଷ୍କୃତ ଇଲାକା ମାନ ଆବିଷ୍କାର କରେ। ତା'ର ଆତ୍ମଚେତନା ଆହୁରି ଗଭୀର, ଆହୁରି ଶାଣିତ ହୁଏ। (ପୃ-୧୨୬)

ଆଲୋଚ୍ୟ କବିତାଂଶରେ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ ବାଲ୍ୟକାଳର କିଛି ଘଟଣାବଳୀକୁ ସଂଯୁକ୍ତ କରାଯାଇଛି। କୃଷ୍ଣଙ୍କର ଆର୍ବିଭାବରେ ଶ୍ରୀରାଧାଙ୍କ ହୃଦୟରେ ସୃଷ୍ଟି ହୋଇଥିବା ଭାବାନ୍ତର ଅତି ସୁନ୍ଦର ଭାବରେ ପରିବେଷିତ ହୋଇଛି। କବିତାର ଦ୍ୱିତୀୟ ପର୍ଯ୍ୟାୟରେ କୃଷ୍ଣ ମୟ ସତ୍ତା ସହିତ ରାଧାଙ୍କ ସତ୍ତା ଏକାଗ୍ର ଚିତ୍ତହେବା ପ୍ରସଙ୍ଗ ବର୍ଣ୍ଣିତ। ଶେଷରେ କୃଷ୍ଣଙ୍କ ଜୀବନପ୍ରତି ଆସନ୍ନ ବିପଦର ଆଶଙ୍କାରେ ଶ୍ରୀରାଧାଙ୍କ ହୃଦୟର ହାହାକାରକୁ ଚିତ୍ରଣ କରାଯାଇଛି। ପ୍ରତ୍ୟେକଙ୍କପର୍ଯ୍ୟାୟରେ ରାଧାକୃଷ୍ଣ ପ୍ରେମର ଏକ ଅଲୌକିକ, ଅତିପ୍ରିୟ ଦିବ୍ୟ ସ୍ପର୍ଶ ପ୍ରକାଶ ଲାଭ କରିଛି।

'ଶ୍ରୀରାଧା'ରେ କାବ୍ୟିକ ଅନୁଭବ ପୁରାଣର ସୀମା ଅତିକ୍ରମ କରିଯାଇଛି। କବିତାରେ କବିଙ୍କର ପ୍ରକାଶଭଙ୍ଗୀ ମଧ୍ୟ ପ୍ରାଚୀନ କବିତା ବା ଗୀତର ପ୍ରକାଶଭଙ୍ଗୀ ପରି ନୁହେଁ। ନାୟିକା ଭାବରେ 'ରାଧା' ସାଂପ୍ରତିକ ସମୟର ଯନ୍ତ୍ରଣା - ଜର୍ଜରିତ ଆତ୍ମା; ଯେ କି ଜୀବନ ଓ ମୃତ୍ୟୁର ଯନ୍ତ୍ରଣା ମଧ୍ୟରେ ଅହରହ କବଳିତ। ଗୋଟିଏ ଦିଗରେ କୃଷ୍ଣ ପ୍ରାପ୍ତିର ଆଶା ଓ ଆନନ୍ଦ। ଅପର ଦିଗରେ ବିଚ୍ଛେଦ ଜନିତ ମର୍ମ ବେଦନା। ଏଥିସହିତ ଦେଶଜ ଓ କଥୋପକଥନ ଭାଷାର ବ୍ୟବହାର ଦ୍ୱାରା ଜଟିଳ ଭାବାବେଗକୁ ପ୍ରକାଶ କରାଯାଇଥିବାରୁ କବିତାଂଶଟି ଅତ୍ୟନ୍ତ ଉଚ୍ଚକୋଟୀର ହୋଇପାରିଛି। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାରେ ଏକ ବିରଳ କାବ୍ୟ - ଉପଲବ୍ଧି ହେଉଛି ରମାକାନ୍ତଙ୍କ 'ଶ୍ରୀରାଧା', ଏହା ନିଃସନ୍ଦେହରେ ସ୍ୱୀକାର୍ଯ୍ୟ।

## ୩.୬ ଶ୍ରୀରାଧା (ପାଠ)

ତୁମେ ଆସିଅଛ ବୋଲି ଶୁଣିଲା ବେଳକୁ
ଦିନ ବେଶ୍ ହୋଇ ଯାଇଥିଲା।
ଗାଈଗୋରୁ କେତେବେଳୁଁ ଫିଟି ସାରିଥିଲେ।
ଅଧିକାଂଶ ପୁରୁଷ କାମକୁ
ଯାଇ ସାରିଥିଲେ, ସ୍ତ୍ରୀଲୋକେ ପ୍ରସ୍ତୁତ
ହେଉଥିଲେ ଗାଧୋଇ ଯିବାକୁ।
କାହିଁକି କେଜାଣି କିନ୍ତୁ ଖୁବ୍ ଚୁପ୍‌ଚାପ୍
ଥିଲେ ସବୁ ପୁରୁଷଲୋକ ଓ
ସ୍ତ୍ରୀଲୋକ ଅଯଥା ଡ଼େରି କରୁଥିଲେ ;
ସତେକି ସେମାନେ ତାଙ୍କ ଦେହ ଭିତରକୁ
ବାଟ ହୁଡିପଶି ଆସିଥିଲେ;
ବାଟ ହୁଡିଗଲେ ବୋଲି ବୁଝିବା ଉତ୍ତାରେ
କିପରି ଚଳିବେ ବୋଲି ଧନ୍ଦି ହେଉଥିଲେ ;
ସତେକି ସେମାନେ ତମ ଆସିବା ଖବର

ଶୁଣିବାର ବହୁ ଆଗୁଁ ଆପଣାର ଅଜ୍ଞାତସାରରେ
ତମେ ଆସିଅଛ ବୋଲି ଜାଣି ସାରିଥିଲେ।
ସେଦିନ ସକାଳେ ସବୁ-ନଈ ଆଉ ନଈକୂଳ ବାଲି,
ଗଛପତ୍ର, ପାହାଡ଼, ଆକାଶ-
ଅଲଗା ଦିଶିଲେ, ସତେକି ସେମାନେ
ଅବସ୍ଥିତ କେଉଁ ଏକ ଭବିଷ୍ୟତ କାଳେ
ଯେଉଁଠାରେ ଝୁଣ୍ଟି ଝୁଣ୍ଟି ଚାଲିବାର କ୍ଳେଶ ସରିଯାଏ,
ଯେଉଁଠାରେ ବିଶ୍ରାମର, ପୁନର୍ମିଳନର
ଅଲୋକିତ ସୁଖ ରହିଥାଏ।
ସେଦିନ ସକାଳେ, ମୁଁ ନଈରେ ଗାଧୋଇବା ବେଳେ
ପାଣିରେ ଦେଖିଲି ମୋର ଗୋଡକୁ, ଲାଗିଲା
ଏ ଗୋଡ ତ ମୋର ନୁହେଁ, କିଛି ମୋର ନୁହେଁ,
ଏ ଶୀର ମୋର ନୁହେଁ, ମୋର ସବୁ ଆଶା ହତାଶାର
ଇତିହାସ ମୋର ନୁହେଁ, ସ୍ୱାମୀ ଘରଦ୍ୱାର,
ପଲପଲ ଗାଈଗୋରୁ କିଛି ବୋଲି କିଛି ନୁହେଁ ମୋର,
ଏ ବଞ୍ଚିବା ମୋର ନୁହେଁ, ଯେଉଁ ମୃତ୍ୟୁ ଦିନେ
ଅବଶ୍ୟ ଆସିବ ସେ ମୃତ୍ୟୁ ବି ନୁହେଁ।
ମୁଁ ସର୍ବଦା କାଙ୍ଗାଳୁଣୀ, ଅନ୍ତରୀକ୍ଷ ଯାଏଁ
ପ୍ରସାରିତ ମୋର ଦୁଇ ସୀମାହୀନ ବାହୁଙ୍କ ଭିତରେ
ମୁଁ ଉଦ୍‌ଗ୍ରୀବ ଶୂନ୍ୟସ୍ଥାନଟିଏ।
ଖାଲି ଶୂନ୍ୟସ୍ଥାନଟିଏ ହୋଇ ରହିଯିବା
କାହା କାହା କପାଳେ ତ ଥାଏ।
..................................
କେତେ ଯେ ଘାତକ ଆସିଗଲେ କେତେ ଛଦ୍ମବେଶେ କିମ୍ବା
କେତେବିଧ ଅସ୍ତ୍ର ଧରି ତମ ପାଟି ଫିଟିବା ପୂର୍ବରୁ
ସବୁଦିନ ଲାଗି ତାକୁ ବନ୍ଦ କରିବାକୁ।
ଛୁଆଟିଏ ଯଦି କାନ୍ଦେ ତା ହେଲେ କାହିଁକି
ନିଦ ହୁଏ ନାହିଁ ବହୁ ଦୂରବର୍ତ୍ତୀ ସମ୍ରାଟମାନଙ୍କୁ ?
ସେମାନେ ଆସିଲେ ପ୍ରାୟ ପ୍ରତିଦିନ,ଯେତେ ଯେତେଥର

ଆସୁଥିଲେ ସେତେଥର ହଠାତ୍ ପବନ
ରୁନ୍ଧି ହୋଇ ଯାଉଥିଲା,ଗଛପତ୍ର ଦୋହଲୁ ନଥିଲେ,
ଦିନବେଳ ଖାଁ ଖାଁ ଲାଗୁଥିଲା, ଉଡ଼ିଯାଉଥିବା
ଚଢ଼େଇ ହଠାତ୍ ମରି ଖସି ପଡୁଥିଲେ।
ଏଣିକି କିଏ ସେ ମଲେ ପୂର୍ବପରି ଆଉ
ଶୋକ ବା ଆଶ୍ଚର୍ଯ୍ୟଭାବ ନାହିଁ, ବନ୍ଧୁ କୁଟୁମ୍ବ ତ
ଦେଖିଛନ୍ତି ମଲାଲୋକ ବର୍ଷ ବର୍ଷ ଧରି
ଠିଆ ହୋଇ ରହିଥିଲା ଜୀବନ ବାହାରେ।
ମୁଁ କିନ୍ତୁ ତୁମର ନାଆଁ ଉଚ୍ଚାରଣ କରି ବସିଲେ ହିଁ
କାହିଁକି ହଠାତ୍ ମୋର ଜିଭ ଶୁଖିଯାଏ ?
ଗାଇଗୋରୁ ପିଲାଛୁଆ ଇତ୍ୟାଦିରେ ମୋର
ଆଗ୍ରହ ବଢ଼ିଲା ନାହିଁ କାହିଁକି ଏଯାଏଁ ?
କାଳକାଳ ଏ ନଗର ନ ଭାଙ୍ଗି କାହିଁକି
ରହିଥିବ ? ଆଜିକାଲି କଥା କହୁଥିବା,
ଚାଲବୁଲ କରୁଥିବା ଦିନେ ମୂକ ପଙ୍ଗୁ ଲୋକଙ୍କର
ସମଗ୍ର ଅତୀତ କିଏ ନିଶ୍ଚିହ୍ନ କରିବ ?
ଜନ୍ମ ହୋଇ ନ ଥିବା ବା ବହୁଦିନୁଁ ମରି ସାରିଥିବା
ଲୋକଙ୍କ ଆଖିରୁ କିଏ ଲୁହ ପୋଛିଦେବ ?
ଏପରି ନାନାଦି ପ୍ରଶ୍ନ
ନିଜକୁ ପଚାରେ ନିଜେ ମୁଁ ଅଜ୍ଞାନୀ ନାରୀ।
ଚାହିଁବସେ, ତମ ପାଖେ କୃତ୍ୟକୃତ୍ୟ ଲୋକମାନଙ୍କର
ଶୋଭାଯାତ୍ରା ଚାଲିଗଲେ କେଉଁ ବୁଦା ଉହାଡୁ ବାହାରି
ତମେ ଆସି ଠିଆ ହେବ ପଛରେ, ମୋ କାନରେ ଖାଲି ମୋ କାନରେ
କହିଦେବ ସବୁର ଉତ୍ତର,
ଏପରି ଅଚିନ୍ତନୀୟ ଯୁଗ ଯୁଗ ବ୍ୟାପି ଶବ୍ଦଟିଏ
ଯାହା ଶୁଣୁଶୁଣୁ ବେଳ ଗଡିଯିବ ସବୁ
ସଂଶୟର, ପୁଣି ଏକ ପ୍ରଶ୍ନପାଇଁ ବାକ୍ୟଗଠନର।
.................................................
ସଭିଏଁ ଶୁଣିଲେ ତମ ବଂଶୀସ୍ୱର, ସଭିଏଁ ଭାବିଲେ

ତମେ ତାଙ୍କୁ ଡାକ ନାଆଁ ଧରି,
ସଭିଏଁ ପିନ୍ଧିଲେ ନିଜ ଚାହିଦାର ଆୟ ଅଳଙ୍କାର
ଝଲମଲ ପାଟ ପିତାମ୍ବରୀ,
ଗଭାରେ ଖଞ୍ଜିଲେ ଫୁଲ, କପାଳେ ଛାତିରେ
ଚନ୍ଦନରେ କେତେ ଚିତ୍ର କଲେ,
ଆଖିରେ କଜ୍ଜ୍ୱଳ ପିନ୍ଧି ଦେହ ମହକାଇ
ନିଜର ଆକାଶ ସବୁ ନିରାକର ନାଗର ତମର
ନିକାଞ୍ଚନ କୋଳେ ସମର୍ପିଲେ।
ତମର ଚେହେରା ନାହିଁ, ତମେ ରାତିପରି
ଲିଭାଉଛ ସବୁ ବାଟ ଯିବା ଆସିବାର।
ମୋ ଛଡା କିଏ ସେ ବୁଝେ ତମେ କି ଅଧୈର୍ଯ୍ୟ,
ତୁମେ ପୁଣି କେଡ଼େ ଶୋକାତୁର ?
ସାଙ୍ଗରେ ନ ଆଣି କିଛି ମୁଁ ଆସିଛି, ତେଣୁ
ତମକୁ ଛୁଇଁବି ନାହିଁ କି ଦେଖିବି ନାହିଁ,
ମୁଁ ଜାଣି ପାରିବି ନାହିଁ କେଉଁମାନେ ଶୋଇ ସାରିଲେଣି,
କେଉଁମାନେ ରହିଛନ୍ତି ଚାହିଁ।
ତୁମେ ଯେବେ ବନ୍ଦ କର ବଂଶୀ ବଜାଇବା
ତମ କଣ୍ଠ ବାଷ୍ପରୁଦ୍ଧ ହୋଇଯିବା ପରେ
ଶୁଦ୍ଧ ନିଃଶବ୍ଦତା ପରି ପ୍ରତ୍ୟେକ ଥର ମୁଁ
ଆସେ ତମ ନିଃଶବ୍ଦ ଡାକରେ।
ମୁଁ ଜାଣେ ଫେରିବି ଆଜି ରାତି ସରିଗଲେ
ପୁଣି ମୋ ଘରକୁ ଆଉ ପୁଣି ମୋ ମୃତ୍ୟୁକୁ,
ମୁଁ କିନ୍ତୁ ଆସିବି କାଲି ରାତିରେ ତାପରେ
ପ୍ରତ୍ୟେକ ରାତିରେ ଫେରି ତମରି ପାଖକୁ,
ଆସୁଥିବି ଯେ ପର୍ଯ୍ୟନ୍ତ ମୋ ବିବସ୍ତ୍ର ଦେହ
ଆଉଜାଇ ନେଇନାହିଁ ମୋ ଜୀବନକାଳ
ଓ ତମ ଜୀବନକାଳ ଅନ୍ତ ହେବା ପରେ,
ଯେ ପର୍ଯ୍ୟନ୍ତ ମୁଁ ନିଶ୍ଚିହ୍ନ ହୋଇ ଯାଇନାହିଁ
ପୂରାପୂରୀ ତମ ଶୂନ୍ୟତାରେ।

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**(୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ**

(କ) ପଠିତାଂଶ ଭିତ୍ତିରେ 'ଶ୍ରୀରାଧା'ର ନାମକରଣର ଯଥାର୍ଥତା ପ୍ରତିପାଦିତ କର।

(ଖ) କବିଙ୍କର ପଦ ଲାଳିତ୍ୟର ଏକ ଉଦାହରଣ ଦିଅ।

(ଗ) କୃଷ୍ଣଙ୍କର ଉପସ୍ଥିତିରେ ଗୋପପୁର କାହିଁକି କୃଷ୍ଣମୟ ମନେ ହେଉଥିଲା।

(ଘ) ରାଧାକୃଷ୍ଣ ଲୀଳାକୁ ସୌନ୍ଦର୍ଯ୍ୟତତ୍ତ୍ୱରେ କିପରି ଦେଖାଇ ଦିଆଯାଇଛି।

**(୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ**

(କ) ଶ୍ରୀକୃଷ୍ଣଙ୍କ ବାଲ୍ୟକାଳର ଘଟଣାବଳୀ ସଂପର୍କରେ ପଠିତାଂଶ ଭିତ୍ତିରେ ଆଲୋଚନା କର।

(ଖ) 'ଶ୍ରୀରାଧା' ସାଂପ୍ରତିକ ସମୟର ଯନ୍ତ୍ରଣା ଜର୍ଜରିତ ଆତ୍ମା, ଉକ୍ତିଟିର ସତ୍ୟାସତ୍ୟ ନିରୂପଣ କର।

## ୩.୮ ସହାୟକ ଗ୍ରନ୍ଥସୂଚୀ


- 'ଶ୍ରୀରାଧା' - ରମାକାନ୍ତ ରଥ
- ସବୁଜରୁ ସାଂପ୍ରତିକ - ପ୍ରଫେସର ନିତ୍ୟାନନ୍ଦ ଶତପଥୀ
- ସତୁରୀରୁ ସହସ୍ରାବ୍ଦୀ - ପ୍ରଫେସର ନିତ୍ୟାନନ୍ଦ ଶତପଥୀ

# ତୃତୀୟ ଏକକ : (ଖ)
# 'ଭାରତ ବର୍ଷ' - ସୀତାକାନ୍ତ ମହାପାତ୍ର

## ବିଷୟ ଗଠନ


୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ବିଷୟ ପରିଚୟ

୩.୪ କବି ସୀତାକାନ୍ତ ମହାପାତ୍ର

୩.୫ 'ଭାରତବର୍ଷ' ଆଲୋଚନା

୩.୬ ଭାରତବର୍ଷ (ପାଠ)

୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୮ ସହାୟକ ଗ୍ରନ୍ଥସୂଚୀ


## ୩.୧ ପଠନର ଉଦ୍ଦେଶ୍ୟ

ଆଧୁନିକ ଓଡ଼ିଆ କବିତାର ବିକାଶଧାରାରେ ଯେଉଁ ମାନଙ୍କର ଅବଦାନ ଉଲ୍ଲେଖନୀୟ ସେମାନଙ୍କ ମଧ୍ୟରୁ କବି ସୀତାକାନ୍ତ ମହାପାତ୍ର ଅନ୍ୟତମ। ତାଙ୍କ କବିତା ଜୀବନର ବିବିଧ ଗୁରୁତ୍ୱପୂର୍ଣ୍ଣ ଦିଗର ଚମତ୍କାର ଅନୁଶୀଳନ। ନିଜେ ନିଜର ପରିଚୟକୁ ଜାଣିବା, ଆତ୍ମ ସମୀକ୍ଷା କରିବା, ପରିଶେଷରେ ଅନୁଭବ କରିବାର କ୍ଷମତାକୁ ବହନ କରେ ସୀତାକାନ୍ତଙ୍କ କବିତା। ପରମ୍ପରା ସହିତ ଆଧୁନିକତା ସ୍ୱମାଟି ସହ ବିଶ୍ୱ ପରିଧିର ସମନ୍ୱୟ ଜନିତ ଉପଲବ୍ଧି ଭଳି ବହୁ ବିଶେଷତ୍ୱର ପ୍ରମାଣ ବହନ କରେ ତାଙ୍କ କବିତା। ସ୍ମୃତି ଓ ଆତ୍ମୀୟତା ବୋଧର ଏକ ପରିମଣ୍ଡଳ ସୃଷ୍ଟି କରିବା ସୀତାକାନ୍ତଙ୍କ କବିତାର ଏକ ପ୍ରମୁଖ ଆବେଦନ। 'ଭାରତବର୍ଷ' କବିତାର ଏଇ ନିର୍ଦ୍ଦିଷ୍ଟ ଅଂଶଟି ପାଠକଲେ ଉପରୋକ୍ତ ବର୍ଣ୍ଣିତ ଅନୁଭୂତିର ପ୍ରମାଣ ମିଳେ।

## ୩.୨ ଶିକ୍ଷଣୀୟ ବିଷୟ

ଏହି ଏକକ ପଢ଼ିସାରିଲା ପରେ -

- ଆଧୁନିକ ଓଡ଼ିଆ କବିତାର ବିକାଶଧାରାରେ କବି ସୀତାକାନ୍ତଙ୍କର ଭୂମିକା ସମ୍ପର୍କରେ ଜ୍ଞାନଲାଭ ହୋଇପାରିବ।
- ପରମ୍ପରା ସହିତ ଆଧୁନିକତା ସ୍ୱମାଟି ସହ ବିଶ୍ୱ ପରିଧିର ସମନ୍ୱୟ କିପରି ସୀତାକାନ୍ତଙ୍କ କବିତାରେ ସଙ୍ଘଠିତ ହୋଇଛି ତାହା ଜାଣିପାରିବା।

- କବି ଦୃଷ୍ଟିରେ ଭାରତ ବର୍ଷ କେଉଁ କେଉଁ ରୂପ ଧାରଣ କରି ଉଦ୍ଭାସିତ ତାର ଚିତ୍ର ଅନୁଧ୍ୟାନ କରି ପାରିବା।
- ଗ୍ରାମୀଣ ଜୀବନର ନିଛକ ଚିତ୍ରକୁ ଅବଲୋକନ କରିପାରିବା।

## ୩.୩ ବିଷୟ ପରିଚୟ

ପ୍ରୟୋଗଧର୍ମୀ ଧାରାର ଅନ୍ୟତମ ସଫଳ ସ୍ରଷ୍ଟା ହେଉଛନ୍ତି 'ସୀତାକାନ୍ତ ମହାପାତ୍ର'। ପ୍ରତୀକ, ଚିତ୍ରକଳ୍ପ, ମିଥ୍, ଗଦ୍ୟଛନ୍ଦ ମାଧ୍ୟମରେ ନିଜର କାବ୍ୟିକ ବକ୍ତବ୍ୟକୁ ଉପସ୍ଥାପନ କରିଥାଆନ୍ତି। ପୁରାଣ, ଇତିହାସ, କିମ୍ବଦନ୍ତୀ ଭିନ୍ନ ଆମ ପରମ୍ପରା ବିବିଧ ଉପାଦାନର ଆଭରଣରେ ତାଙ୍କ କବିତା ସମୃଦ୍ଧ। ଆଙ୍ଗିକ କ୍ଷେତ୍ରରେ ବିବିଧ ପରୀକ୍ଷା ନିରୀକ୍ଷା ଉପରେ ସେ ଯେତିକି ଗୁରୁତ୍ୱାରୋପ କରିଛନ୍ତି ଗଦ୍ୟଛନ୍ଦ ଓ କଥ୍ୟଭାଷାର ମାଧ୍ୟମରେ ଭାବ ପ୍ରୟୋଗ ଉପରେ ସେତିକି ଗୁରୁତ୍ୱ ଦେଇଛନ୍ତି। 'ଭାରତବର୍ଷ' କାବ୍ୟ ସଂକଳନକୁ ନଅଟି ସର୍ଗରେ ବିଭକ୍ତ କରାଯାଇଛି। 'ଭାରତବର୍ଷ'ର ପ୍ରଥମ ସର୍ଗର 'ମଙ୍ଗଳାଚରଣ' ଅଧ୍ୟାୟକୁ ଆଲୋଚନାର ଅଂଶ ବିଶେଷଭାବେ ଗ୍ରହଣ କରାଯାଇଛି। କବି ସୀତାକାନ୍ତ ନିଜେ 'ଭାରତବର୍ଷ ସଂକଳନର କ୍ଷୁଦ୍ର ଭୂମିକାରେ କବିତା ସମ୍ପର୍କରେ ନିଜର ସ୍ୱକ୍ଷୋକ୍ତି ଦେଇଛନ୍ତି।

"ଭାରତବର୍ଷ ଅତି କ୍ଷୁଦ୍ର ଭୂମିକାଟିରେ ତା'ର ଜନ୍ମ ବୃତ୍ତାନ୍ତ ସମ୍ପର୍କରେ କହିଛି। ଏଇ ଦେଶକୁ ଅର୍ଥନୀତିଜ୍ଞ, ସମାଜ ତତ୍ତ୍ୱବିଦ୍, ରାଜନୀତିଜ୍ଞମାନେ ନିଜ ନିଜ ଦୃଷ୍ଟିଭଙ୍ଗୀରୁ ଦେଖିଛନ୍ତି। ମୁଁ ଦେଖିଛି ତାକୁ 'ଛାତିତଳ ଫରୁଆରେ କୁନି ସ୍ୱପ୍ନଟିଏ' ପରି। ସ୍ୱପ୍ନ ବି ବେଳେବେଳେ ଦୁଃସ୍ୱପ୍ନ ହୋଇଛି। କିନ୍ତୁ 'ସ୍ୱପ୍ନାୟନ'ର ଦୀର୍ଘ ସରଣୀ ସାମ୍ନାରେ ଦୁଶିଛି। 'ଭାରତବର୍ଷ' ଏକ ଦୀର୍ଘ କବିତା,ନଅଟି ସର୍ଗରେ ବିଭକ୍ତ। ପ୍ରତ୍ୟେକ ସର୍ଗ ପାଇଁ ଭାରତବର୍ଷର ଖ୍ୟାତନାମା ଚିତ୍ରକାରମାନେ ତାଙ୍କର ଗୋଟିଏ ଲେଖାଏଁ ଚିତ୍ର ସ୍ଥାନିତ କରିବାକୁ ଅନୁମତି ଦେଇଛନ୍ତି, ଏହା ମୋ ପାଇଁ ଆନନ୍ଦକର ବିଷୟ। ଏଯାବତ୍ ସଂକଳନଟି ହିନ୍ଦୀ, ଇଂରାଜୀ, ପଞ୍ଜାବୀ ଓ ସଂସ୍କୃତ ଭାଷାରେ ଅନୁଦିତ ଓ ପ୍ରକାଶିତ ହୋଇଛି।" (୧)

ସଂକଳନଟି ୨୦୦୬ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ସଂକଳନର ନାମ କରଣରେ କବି ଲେଖିଛନ୍ତି : 'ଭାରତବର୍ଷ'

ଛାତିତଳ ଫରୁଆରେ କୁନି ସ୍ୱପ୍ନଟିଏ

ଅତୀତର ସ୍ମୃତି ଓ ଭବିଷ୍ୟତର ସ୍ୱପ୍ନକୁ ଏକାକାର କରି ଏକ ବିକଳ୍ପ ବାସ୍ତବତାର ସ୍ୱପ୍ନ ଦେଖିଛନ୍ତି କବି। ଆରମ୍ଭରେ 'ଯତିନ୍ ଦାସ'ଙ୍କ ଦ୍ୱାରା ଅଙ୍କାଯାଇଥିବା ଚିତ୍ର ସ୍ଥାନ ପାଇଛି। 'ମଙ୍ଗଳାଚରଣ'ର ପ୍ରଥମ ପଂକ୍ତିରେ କିବିଙ୍କର ଚିନ୍ତାଧାରା ସୁସ୍ପଷ୍ଟ ହୋଇଛି। ପଂକ୍ତିଟି ହେଉଛି :

"ମାଆ କହିଥିଲେ
ଏଇ ମାଟି ସବୁ କିଛି ଆମ ଲୋକଙ୍କ ପାଇଁ ପବିତ୍ର:
ପ୍ରତ୍ୟେକ ମଇନ୍ ପତ୍ର ; ପ୍ରତି ବାଲି ପ୍ରାନ୍ତର ଉପକୂଳ ଘଞ୍ଚ ଅରଣ୍ୟରେ ସବୁ କୁହୁଡ଼ି ସବୁ ଅଧିତ୍ୟକା,
ଗୁଣୁଗୁଣୁ କରୁଥିବା ସବୁ ପତଙ୍ଗ
ଆମ ଲୋକଙ୍କ ସ୍ମୃତିରେ ଦେବୋପମ।"

(କାଗଜ ପତ୍ରରେ ଆମେରିକା ସର୍କାରଙ୍କୁ ସ୍ୱ ଇଲାକା ହସ୍ତାନ୍ତର ବେଳେ ଚିଫ୍ ସିଏଟଲ୍‌ଙ୍କ ଉକ୍ତି ଉଦ୍ଧୃତି : 'ଭାଇ ଇଗଲ୍, ଭଉଣୀ ଆକାଶ') ଏହାପରେ ଅଧ୍ୟାୟର ଆରମ୍ଭରେ ଶିବନାରାୟଣ ସିଂହଙ୍କ ଅଂକିତ ଚିତ୍ରକୁ ସଂଲଗ୍ନ କରାଯାଇଛି ।

## ୩.୪ କବି ସୀତାକାନ୍ତ ମହାପାତ୍ର

କବି ସୀତାକାନ୍ତଙ୍କ କେବେଠାରୁ ଲେଖା ଆରମ୍ଭ କରିଥିଲେ ସେ ସମ୍ପର୍କରେ କୌଣସି ପ୍ରମାଣ ସୂଚନା ଲିଖିତାକାରରେ ଅନୁପଲବ୍ଧ । କେହି କେହି ସମୀକ୍ଷକ ୧୯୫୯ ମସିହାରୁ ସେ ଲେଖାଲେଖି ଆରମ୍ଭ କରିଥିଲେ ବୋଲି କହନ୍ତି । ସମୀକ୍ଷକ ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ମତାନୁଯାୟୀ ସୀତାକାନ୍ତ ୧୯୬୧ ମସିହା ଫେବୃଆରୀ ମାସ 'ପ୍ରଜ୍ଞା' ପତ୍ରିକାରେ ପ୍ରଥମେ କେତୋଟି କବିତା ପ୍ରକାଶ କରାଇଥିଲେ ।" ତେଣୁ ତାଙ୍କୁ ଆମେ ୧୯୬୦ ମସିହା ପରବର୍ତ୍ତୀ ସମୟର କବି ଭାବେ ଗ୍ରହଣ କରିବା । ୧୯୭୭ ମସିହା ମଧ୍ୟରେ ସେ ସର୍ବମୋଟ ୧୩୪ଟି କବିତା ଲେଖିଛନ୍ତି । ଏହି କବିତା ମାନ ଚାରିଗୋଟି ସଂକଳନରେ (ଦୀପ୍ତି ଓ ଦ୍ୟୁତି, ଅଷ୍ଟପଦୀ, ଶବ୍ଦର ଆକାଶ, ସମୁଦ୍ର) ସ୍ଥାନ ପାଇଛି । ଏହି କବିତା ଗୁଡ଼ିକ ତାଙ୍କୁ ସଫଳ କବିର ମାନ୍ୟତା ପ୍ରଦାନ କରିଛି । 'ଅଷ୍ଟପଦୀ' ଓ 'ଶବ୍ଦର ଆକାଶ' 'ଓଡ଼ିଶା ସାହିତ୍ୟ ଏକାଡେମୀ' ଓ କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ଦ୍ୱାରା ପୁରସ୍କୃତ ହୋଇଛି ।

କବିଙ୍କର କାବ୍ୟିକ ଗତିପଥକୁ ଆମେ ଦୁଇଭାଗରେ ବିଭକ୍ତ କରିବା । ୧୯୬୩ ମସିହାରେ ରଚିତ 'ଦୀପ୍ତି ଓ ଦ୍ୟୁତି' ସଂକଳନରେ ସ୍ଥାନିତ ୪୭ଟି କବିତାକୁ ଉନ୍ମେଷ ପର୍ବର ଅନ୍ତର୍ଭୁକ୍ତ କରିବା । ୧୯୬୪ରୁ ଅଦ୍ୟାବଧି ପ୍ରକାଶ ପାଇଥିବା କବିତା ଗୁଡ଼ିକୁ 'ବିକାଶ' ପର୍ଯ୍ୟାୟରେ ଗ୍ରହଣ କରିପାରିବା । ୧୯୬୪ ମସିହା ଜାନୁଆରୀ ମାସରେ 'ଅଷ୍ଟପଦୀ'ର ଅନ୍ୟତମ ଦୀର୍ଘ କିବିତା 'ମାଟି ଓ ମଣିଷ' ପ୍ରକାଶ ପାଏ । କାବ୍ୟ ସାଧନାର ବିକାଶ ପଥରେ 'ଅଷ୍ଟାପଦୀ', 'ଶବ୍ଦର ଆକାଶ', 'ସମୁଦ୍ର'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ । 'ଦୀପ୍ତି ଓ ଦ୍ୟୁତି' ସଙ୍କଳନର ମୁଖଶାଳାରୁ କବି ସୀତାକାନ୍ତଙ୍କ କାବ୍ୟ ମାନସର ଆଭିମୁଖ୍ୟଟି ସ୍ପଷ୍ଟ ହୋଇଉଠେ ।

"ଦୁଇଟି ବିପରୀତଧର୍ମୀ ଅନୁଭୂତି ମୋ ଚେତନାର ମୌଳିକ ସ୍ଥିତି ରୂପେ ସବୁବେଳେ ପ୍ରତୀୟମାନ ହୋଇଛି । ସେଥିରୁ ଗୋଟିଏ ହେଉଛି ସଂଯୋଗର, ସହାନୁଭୂତିର, ବ୍ୟାପ୍ତିର, ଅନୁରକ୍ତିର, ଅନାତ୍ତ (non-ego) ଅନ୍ୟଟି ହେଉଛି ବିଯୋଗର, ଅନାସକ୍ତିର, ନିରନ୍ଧ୍ର ନିଃଶବ୍ଦ ନୀରବତାର, ବେଳେ ବେଳେ ଏବଂବିଧ ଉଭୟ ଅନୁଭୂତି ଏକ କାଳରେ; ଏକ ସ୍ଥାନରେ ଓ ଏକ ପ୍ରକ୍ରିୟାରେ ମାନସ ରାଜ୍ୟରେ ଏକୀକୃତ ହୋଇଛନ୍ତି; କିନ୍ତୁ ତାହା ଖୁବ୍ କ୍ୱଚିତ୍ । ଏ ଦୁଇଟି ଅନୁଭୂତି ମାନସିକ ଅନ୍ତର୍ଦ୍ୱନ୍ଦର ମୌଳିକ କଥାବସ୍ତୁ । ହୃଦୟ ଓ ମନର ଗଭୀରତମ ପ୍ରଦେଶରେ ଯେଉଁ ସ୍ୱପ୍ନ, ଯେଉଁ ଅଶ୍ରୁ ଓ ଯେଉଁ ବେଦନାର ଉଚ୍ଛ୍ୱାସ, ଯେଉଁ ନିରବତାର ବ୍ୟାପ୍ତି ତାରି ଭିତରେ ମନେହୁଏ, ମୁଁ ଖୋଜିପାଏ ଯାହାକିଛି ସାର୍ବଜନୀନ ଓ ଚିରନ୍ତନ । ବାହାରର ପ୍ରକୃତି, ସମାଜ ଓ ମାନସିକ ସ୍ଥିତି ଭିତରେ ଘୂରି ଘୂରି ନିଜକୁ ହଜାଇ ହଜାଇ ଓ (ପୁଣି ଖୋଜି ଖୋଜି) ମୁଁ ଫେରେ କେନ୍ଦ୍ରବିନ୍ଦୁକୁ ନିଜର ଅଶ୍ରୁକୁ ଏହି ସଂଘର୍ଷ ହିଁ ମୋର ଅଧିକାଂଶ କବିତାର ମୁଖ୍ୟ ଉପଜୀବ୍ୟ ।

ଆଧୁନିକତା ଏକ ମୁଖା ନୁହେଁ ଯାହାକୁ ପିନ୍ଧି କେହି ନାଚି ପାରିବ। ଆଧୁନିକତା ଏକ ଅନ୍ତର୍ଦ୍ୱନ୍ଦ ଏକ ଜଟିଳ ମନର ଏକ ସୁଦୂର ପ୍ରସାରୀ ବ୍ୟାପ୍ତି। ଏକ ସଫଳ ଦିଗ୍ ନିର୍ଣ୍ଣୟ ପାଇଁ ମଣିଷ ମନର ଅଦମ୍ୟ ଆକୃତି ଏକ ମହାନ ସହାନୁଭୂତି ଏଣେ ଅନୁରାଗୀ ହୃଦୟ ଯାହାସବୁ ଗ୍ରହଣ କରେ, ସବୁ ହଜମ କରେ। ଆଧୁନିକ ଗୋଟିଏ ପ୍ରରିପ୍ରେକ୍ଷୀ ନୁହେଁ, ଗୋଟିଏ ଭିତ୍ତିଭୂମି ନୁହେଁ, ଏହା ଗୋଟିଏ ବ୍ୟାକୁଳତା।

କବିତା ନିଶ୍ଚୟ ଫେରିବ ସାଧାରଣ ଜୀବନର ଅତି ସାଧାରଣ କଥାବସ୍ତୁକୁ, ତାକୁ ପ୍ରକାଶ କରିବା ପାଇଁ। ସେ ମିଥ୍, ସମାଜ ତତ୍ତ୍ୱ,ପୌରାଣିକ ଆଖ୍ୟାୟିକା, ଐତିହାସିକ କଥାବସ୍ତୁ ଗ୍ରହଣ କରିପାରେ, ଶାଣିତ ପ୍ରକାଶଭଙ୍ଗୀ ଚିତ୍ରକଳ୍ପ, ରୂପକ, ପ୍ରତୀକ ବ୍ୟବହାର କରିପାରେ। (୩)

ଦୀର୍ଘ ଉଦ୍ଧୃତଟି ଏଠାରେ ଉଦ୍ଧାର କରିବାର ଯଥାର୍ଥତା ରହିଛି। 'ଦୀପ୍ତି ଓ ଦ୍ୟୁତି' ଠାରୁ ଆରମ୍ଭ କରି 'ସମୁଦ୍ର' ସଂକଳନ ଯାଏ କବିଙ୍କ ଚିନ୍ତାଧାରା ଏହି ଆଭିମୁଖ୍ୟ ଦ୍ୱାରା ନିୟନ୍ତ୍ରିତ। ଐତିହ୍ୟ ପ୍ରୀତି, ମାନବବାଦୀ ସମ୍ବେଦନା, ପଲ୍ଲୀପ୍ରବଣତା ଭଳି ବିବିଧ ଦିଗ ଏହି ସମୟଖଣ୍ଡର କବିତାରେ ପ୍ରତିଫଳିତ। ୧୯୬୭ ମସିହାରେ କବିଙ୍କର 'ଅଷ୍ଟପଦୀ' ପ୍ରକାଶ ପାଏ। ସଂକଳନଟି ଆଠଗୋଟି ଦୀର୍ଘକବିତାର ସମାହାର। 'ମୃତ୍ୟୁନାଚ','ସ୍ତନନ୍ଧୟର ଉପକଥା' ମାଟି ଓ ମଣିଷ,'ତ୍ରିଶଙ୍କୁର ମଧ୍ୟସ୍ୱର୍ଗ','ମରୁପଥର ସ୍ୱରଲିପି','ରକ୍ତନଦୀ ସନ୍ତରଣ ପରେ','କୁବ୍‌ଜା ପାଇଁ ଗୋଟିଏ ସଂଗୀତ','ସୋଏଡ଼', ଏକପ୍ରକାର ନିର୍ଦ୍ଦିଷ୍ଟ କାବ୍ୟାବେଗକୁ ନେଇ ଅଷ୍ଟପଦୀହୋ ଆଠଟି କବିତା ରଚିତ। ମଣିଷର ସ୍ଥିତିର ଚିରନ୍ତନ ଦୁର୍ବିସହତା ଓ ତନ୍ମଧ୍ୟରୁ ଉତ୍ତରଣ ପ୍ରୟାସ ଅଷ୍ଟପଦୀର ପ୍ରତି ଛତ୍ରେଛତ୍ରେ ଉପଲବ୍‌ଧ। ଏଥି ସହିତ 'ଅଷ୍ଟପଦୀ' ପ୍ରସଂଗର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି 'ମିଥ୍' ଓ ଆର୍କିଟାଇପ୍‌ର ପ୍ରୟୋଗ। 'ମାଟି ଓ ମଣିଷ' କବିତାରେ ଆଦିଜନନୀ ଆର୍କିଟାଇପ୍‌ର ବ୍ୟବହାର କରାଯାଇଛି। ଯାହାର ଥିମ୍ ହେଉଛି 'ମୃତ୍ୟୁ ଓ ପୁନର୍ଜନ୍ମ'। 'କୁବ୍‌ଜା ପାଇଁ ଗୋଟିଏ ସଂଗୀତ'ରେ ଅଲୌକିକ ଶିଶୁ ଓ ବୀରଭ୍ରାତା ଆର୍କିଟାଇପ୍‌ର ବ୍ୟବହାର କରାଯାଇଛି। ଏତଦ୍‌ବ୍ୟତୀତ ମହାଭାରତ ଓ ଭାଗବତରୁ କବି ମିଥ୍ ସଂଗ୍ରହ କରିଛନ୍ତି। 'ଶବ୍ଦର ଆକାଶ' ସଂକଳନରେ ସ୍ଥାନିତ କବିତା ଗୁଡ଼ିକରେ ଐତିହ୍ୟ ପ୍ରୀତି ସହିତ ୟୁରୋପୀୟ ଚେତନାର ସମନ୍ୱୟ ଘଟିଛି। 'ଶବ୍ଦର ଆକାଶ'ର କବିତା ଗୁଡ଼ିକୁ କବି ସୌରୀନ୍ଦ୍ର ବାରିକ୍ ୩ଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି।

- ପ୍ରଥମରେ ଜୀବନ ଓ ମୃତ୍ୟୁ ଚେତନା।
- ଦ୍ୱିତୀୟରେ ସାଂପ୍ରତିକ ଜୀବନଯାତ୍ରା ପ୍ରତି ସଚେତନତା
- ତୃତୀୟରେ ଇତିହାସ ଓ ସଂସ୍କୃତି ଆଧାରରେ ମଣିଷର ମୂଲ୍ୟାୟନ।

ତେଣୁ ସଂକଳନର ମୁଖ୍ୟ ସ୍ୱର ଭାବେ ସେ ଜୀବନବୋଧ ଓ ମୃତ୍ୟୁ ଚେତନାକୁ ଗୁରୁତ୍ୱ ଦେଇଛନ୍ତି।

(୪) ୧୯୭୭ ମସିହାରେ ପ୍ରକାଶ ପାଇଲା 'ସମୁଦ୍ର' ସଂକଳନ। ଭାରତୀୟ ଐତିହ୍ୟ ଓ ପୁରାଣ କଳ୍ପନା ଉପରେ କବି ଗୁରୁତ୍ୱ ଦେଇଛନ୍ତି। କବିଦୃଷ୍ଟିରେ ସମୁଦ୍ର ହିଁ ଆଦିସତ୍ତା। ସମୁଦ୍ରରୁ ହିଁ ସୃଷ୍ଟିର ବିଳୟ। ଧର୍ମ ବିଶ୍ୱାସ ଅନୁଯାୟୀ ପରମ ପୁରୁଷ ବିଷ୍ଣୁଙ୍କର ନିବାସସ୍ଥଳୀ ସମୁଦ୍ର। ତେଣୁ 'ସମୁଦ୍ର' ଏକ ସ୍ୱତନ୍ତ୍ର ସତ୍ତା ନେଇ କବି କଳ୍ପନାରେ ଧରା ଦେଇଛି। ଠିକ୍ ସେହିପରି ଜୀବନ ଓ ମୃତ୍ୟୁ, ଜୀବନ ଓ ଜୀବନ ହୀନତାକୁ ନେଇ, ବିଭିନ୍ନ

ରୂପକ ଓ ପ୍ରତୀକ ମାଧ୍ୟମରେ କବିଙ୍କର ଦୃଷ୍ଟିଭଙ୍ଗୀ 'ଚିତ୍ରନଦୀ' ସଙ୍କଳନରେ ସ୍ଥାନିତ କବିତା ଗୁଡ଼ିକରେ ଦେଖିବାକୁ ମିଳେ। ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୯ ମସିହାରେ 'ଚିତ୍ରନଦୀ', ୧୯୮୧ ମସିହାରେ 'ଆରଦୃଶ୍ୟ', ୧୯୮୪ରେ ସମୟର ଶେଷନାମ', ୧୯୮୭ରେ 'କାହାକୁ ପୁଛିବା କୁହ', ୧୯୯୦ରେ'ଚଢେଇରେ ତୁ କି ଜାଣୁ', ୧୯୯୧ ଫେରି ଆସିବାର ବେଳ, ୧୯୯୩ରେ 'ବର୍ଷା ସକାଳ', ୧୯୯୬ରେ ପଦଚିହ୍ନ, ୧୯୯୭ରେ 'ମୃତ୍ୟୁର ଅସୀମ ଧୈର୍ଯ୍ୟ', ୨୦୦୦ରେ କପଟପାଶା, ୨୦୦୨ରେ ପ୍ରଦକ୍ଷିଣ, ୨୦୦୪ରେ ସାରାଜୀବନ, ଲୋକଟା, ୨୦୦୬ରେ ଭାରତବର୍ଷ; ଛାତିତଳ ଫରୁଆରେ କୁନି ସ୍ୱପ୍ନଟିଏ ଏବଂ 'କୁନି ଚଢ଼େଇ', 'ଭିନ୍ନ ଆକାଶ' ଇତ୍ୟାଦି କବିତା ସଂକଳନ ପ୍ରକାଶ ପାଇଛି।

## ୩.୫ ଭାରତବର୍ଷ କବିତାର ଆଲୋଚନା

କବି ସୀତାକାନ୍ତ ମହାପାତ୍ରଙ୍କର 'ଭାରତବର୍ଷ' ସଂକଳନରେ ପରମ୍ପରା ସହିତ ଆଧୁନିକତାର, ଅତୀତର ସ୍ମୃତି ସହିତ ଭବିଷ୍ୟତର ସ୍ୱପ୍ନର ଏକ ନିବିଡ଼ ସମାବେଶ ଦେଖିବାକୁ ମିଳେ। କବିତାର ସଂକଳନର ମୁଖବଂଧ କବିଙ୍କ ସ୍ୱୋକ୍ତିରୁ କାବ୍ୟିକ ବକ୍ତବ୍ୟ ସ୍ପଷ୍ଟ ହୋଇଉଠେ।

"କାଳାତୀତ, ସୁପ୍ରାଚୀନ ସଭ୍ୟତାର ସେ ଅମରଭୂଇଁ ସଦାବର୍ତ୍ତମାନ। ତା'ର ଜନ୍ମଲଗ୍ନ ସମୟ ଆରମ୍ଭର ବହୁ ପୂର୍ବରୁ। ଅକ୍ଲାନ୍ତ ପାଦରେ ସେ ଚାଲି ଚାଲି ଆସିଚି ଦୀର୍ଘପଥ। ଭୂତତ୍ତ୍ୱରୁ, ପୁରାତତ୍ତ୍ୱରୁ ଇତିହାସରୁ ଆମ ସମୟ ପର୍ଯ୍ୟନ୍ତ। ତାରି ସ୍ମୃତିରେ ଖୋଦିତ ଅସୁମାରୀ ଉପାଖ୍ୟାନ। ଆଦିଗନ୍ତ ଲମ୍ବିଥିବା ସମତଳ ଭୂଇଁରେ ଚରୈବତି ଚରୈବତି ଗାଇଗାଇ ଚାଲିଥିବା ମଣିଷଙ୍କ ସ୍ରୋତ,ପଥର ଗୁମ୍ଫାରେ କଳନାଦିନୀ ନଦୀତଟରେ ସାମଗାନର ପ୍ରାଣଛୁଆଁ ସ୍ୱର। ସେ ମନେରଖିଛି ବୋଧିଦ୍ରୁମକୁ। ରକ୍ତ ରଞ୍ଜିତ ତରବାରୀ ସଂଘାତରେ ଅସଂଖ୍ୟ ମୃତ୍ୟୁକୁ। ଚାଳ ଓହରା ଘରେ ଭୋକିଲା ପେଟରେ ଜୀବନର ଆବାହନକୁ, ନୀରବ ପାହାଡ଼ ବୁକୁରେ ଧ୍ୟାନମଗ୍ନ ଋଷିଙ୍କୁ। ମନେରଖିଚି ସବୁ ସ୍ନେହକୁ। ସବୁ ଶତ୍ରୁତାକୁ,ସବୁ କାନ୍ଦଣାକୁ, ସବୁ ସ୍ମୃତିକୁ ସବୁ,ବସୁ ଶୂନ୍ୟତାକୁ ସବୁ ପରିପୂର୍ଣ୍ଣତାକୁ। ମୁଁ ବଞ୍ଚିଛି ତାରି ସ୍ୱର୍ଗରେ। ମରିଛି ତାରି ନର୍କରେ।"

ଉପରୋକ୍ତ ସ୍ୱୀକାରୋକ୍ତିରୁ ସ୍ପଷ୍ଟ ହୁଏ ଯେ; ଐତିହ୍ୟ ସଚେତନତା ପଲ୍ଲୀ ପ୍ରୀତି କବିଙ୍କର ଆନ୍ତରିକତା। ଆଧୁନିକ ଓଡ଼ିଆ କବିତାର ପ୍ରଥମ ପର୍ଯ୍ୟାୟରେ ଆଧୁନିକତା କେବଳ ପାଶ୍ଚାତ୍ୟାନୁକରଣରେ ପରିଣତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପାଶ୍ଚାତ୍ୟ ଚେତନା ସହ ନିଜ ଐତିହ୍ୟର ସମ୍ପର୍କ ସ୍ଥାପନ ପାଇଁ ପ୍ରୟାସ ଆରମ୍ଭ ହେଲା। କବି ସୀତାକାନ୍ତଙ୍କ କାବ୍ୟ ସ୍ୱରରେ ମଧ୍ୟ ଏହି ପରିବର୍ତ୍ତନ ଦେଖାଦେଇଛି। କବିଙ୍କର କାବ୍ୟାନୁଭବରେ ନିଜ ଗାଁ, ନିଜ ଦେଶ, ସମୟ ସଂପର୍କରେ ଚିନ୍ତା, ସମୟକ୍ରମେ ଜୀବନର ଅଭିବୃଦ୍ଧି ମୁଖ୍ୟ ଅନୁଭବ ପାଲଟିଛି। ଆମ ଦେଶ ଭାରତବର୍ଷର ମହନୀୟତା ସମ୍ପର୍କରେ କବିଙ୍କର କାବ୍ୟିକ ଅବବୋଧ ନିମ୍ନରେ ସୂଚିତ।

"ଯୁଗଯୁଗାନ୍ତରର ସେ ଇତିବୃତ୍ତ।
ଶୁଭ୍ର ଆଲୁଅର ଉଚ୍ଛାଟିତ ମୁଦ୍ରା ବାଟ କଢାଏ
ନିରନ୍ଧ୍ର ଅଂଧାରରୁ ଜ୍ୟୋତି ବଳୟକୁ

ଅବରୁଦ୍ଧ ଚେତନାର ଗୁହାରୁ
ଫିଟି ଫିଟି ଯାଉଥିବା ମନୋରମ ଦିଗନ୍ତ ଆଡ଼କୁ ।।"(ଭାରତବର୍ଷ -ପୃ-୧୯୧)

ଗ୍ରାମ୍ୟ ଜୀବନର ସ୍ମୃତି ଓ ସଂକେତକୁ ବହନ କରିଛି 'ଭାରତବର୍ଷ' କବିତାର ପ୍ରଥମାଂଶ। ଦେଶର ଆତ୍ମା ଓ ଅଧାତ୍ମିକତା ଗାଁରେ ବିଦ୍ୟମାନ। ତେଣୁ ଗ୍ରାମ ପ୍ରତି ମଧ୍ୟ କବିଙ୍କ ମୋହ ଅସୀମ। କବିଙ୍କ ପାଇଁ ଏହା ଏକ କଳ୍ପନାର ରୋମାଣ୍ଟିକ୍ ପୃଥିବୀ। ଆଧୁନିକତାର ଉଗ୍ର ଅଭିଯାନ ସତ୍ତ୍ୱେ ପୁଣି ମଣିଷର ଲେଉଟାଣି ଆରମ୍ଭ ହୋଇଛି ପୁରୁଣା ସମାଜ ମଧ୍ୟକୁ। ସହରର ପଞ୍ଚ ତାରକା ହୋଟେଲର ନକଲି ଆକର୍ଷଣ ତାକୁ ବାଂଧି ରଖି ପାରିନାହିଁ।

କବିଙ୍କ ବର୍ଣ୍ଣନାରେ -

"ବେଳେବେଳେ ଦିଶିଯାଏ
ଆଶ୍ରମ ଓ ନିର୍ଜନ ପର୍ଣ୍ଣକୁଟୀ
ଝାଟିମାଟି କାନ୍ଥ ଆଉ ଅଖାଘେରା ଘର
ଯେତେ ବିଳାସ ସଦନ ପଂଚ ତାର କାର
ସକଳେ ଯେଝା ସ୍ଥାନରେ ;
......................................
ଓହ୍ଲାଇ ଯିବାକୁ ହେବ ପୁନରପି ଆଲୋକରୁ
ଘନତମିସ୍ରାକୁ। ସାମ୍ନାରେ ଯେ ଅଂଧାରରେ ବାଇଶି ପାହାଚ।
କ୍ଷଣୁଟିଏ ସେ ଦୁର୍ଗତି, ସେ ଅଂଧାର। ପୁନରପି
ଲେଉଟାଣି ଆରମ୍ଭକୁ , ଆରମ୍ଭର ଆରମ୍ଭକୁ
ଜଙ୍ଗଲ ଓ ମେଘଙ୍କର ଲୁଚକାଳି
ନଦୀଙ୍କ ଲହରି ଆଉ ସାମଗାନ ଯୁଗଳବନ୍ଦୀକୁ" (ପୃ - ୧୯୨/୧୯୩)

କବିଙ୍କ ଦୃଷ୍ଟିରେ ଭାରତବର୍ଷ ଇହକାଳ, ପରକାଳର ଭୂମି। ହତାଶା ଓ ଦୀର୍ଘଶ୍ୱାସର ଇଲାକା। ଏଇ ଭାରତବର୍ଷ ମଧ୍ୟ ମଳୟ ପବନ ଓ କୋଇଲିର ପଂଚମ ତାନରେ ଉଚ୍ଛାରିତ ହୁଏ। ଶୀତଳ ହାଓ୍ୱାରେ ପୁଲକିତ ହୁଏ ତାର ଅଂଗ ଆତ୍ମା। ଏ ଭାରତବର୍ଷ ଅପାସୋରା ଆନନ୍ଦର ଗନ୍ତାଘର। ସ୍ୱର୍ଗଲୋକ ଅପସରୀଙ୍କର ବିଚରଣ ଭୂମି। ସୁଖଦୁଃଖ ଆଶା ନିରାଶାର ଭୂମି ଏଇ ଭାରତବର୍ଷ। କବିଙ୍କ ଦୃଷ୍ଟିରେ:-

"ହାତ ଧରାଧରି ହୋଇ ପୁନରପି ହୁଅନ୍ତି ବାହାର
କାଦୁଅ, ନକ୍ଷତ୍ରମାଳା;ଶିକାରୀ ଶିକାର
ସଂଗୀତ ଓ ଶ୍ଳୋକ ପାରାୟଣ କରୁଥାନ୍ତି
ସଭିଏ ରୁହନ୍ତି ନିଜ ଧ୍ୟାନରେ ଓ ମହା ଆନନ୍ଦରେ
ସଭିଙ୍କର ଆପଣା ଉଦ୍ଦେଶ୍ୟ ଅଛି ସୃଜନର ଏ ପୁଣ୍ୟ ଭୂଇଁରେ।। (ପୃ -୧୯୩)

ତେଣୁ ଭାରତବର୍ଷ କବି ଦୃଷ୍ଟିରେ ବିମୁଗ୍ଧ ପ୍ରେମିକା। ପୁଣି ବେଳେ ବେଳେ ଅନ୍ତରଂଗ ଶତ୍ରୁ ମଧ୍ୟ। ଅଗଣିତ ମଣିଷଙ୍କ ହତାଶା ଓ ସ୍ୱପ୍ନର ମିଶ୍ରିତ ରୂପ ଏଇ ଭାରତବର୍ଷ। କବିତାର ପ୍ରଥମାଂଶରେ ହତାଶାବୋଧ ଏବଂ ଆଶାବାଦୀ ଦୃଷ୍ଟିକୋଣର ପ୍ରତିଫଳନ ଘଟିଛି। ଦ୍ୱିତୀୟ ଭାଗରେ କବିଙ୍କର ନିଜ ଜନ୍ମମାଟି ପ୍ରତି ଅହେତୁକ ଶ୍ରଦ୍ଧା ଭାବନା ଦେଖିବାକୁ ମିଳେ। ଗ୍ରାମ୍ୟ ଜୀବନର ସ୍ମୃତି ଓ ସଂକେତ ସାଂଗକୁ ଦେଶର ଆତ୍ମା ଗାଁରେ ହିଁ ବିଦ୍ୟମାନ। ଗ୍ରାମ ପ୍ରତି କବିଙ୍କ ମୋହ ଅସୀମ। କବିଙ୍କ ଅନୁଭୂତିରେ ଏହାର ସାର୍ଥକ ରୂପାୟନ ଘଟିଛି।

"କୌଣସି ମାନଚିତ୍ରରେ ତାଳପତ୍ର ପୋଥି ଅବା
ଭୁର୍ଜପତ୍ର ଓ ତମ୍ବା ପଟାରେ ଲିପିବଦ୍ଧ କରିହୁଏନି
ତୁମ ଚିତ୍ର। ଘଷି ଘଷି ସେ ଅଦୃଶ୍ୟ ସୀମାରେଖା
ଲିଭେଇ ପାରନ୍ତି ନାହିଁ ଦୁରନ୍ତ ଅସୁର" (ପୃ-୧୯୪)

ସ୍ନେହ, ପ୍ରେମ ମମତାରେ ଭରା ଏ ଜଗତ କବିଙ୍କର ଅତିପ୍ରିୟ ଓ ମନୋରମ। କିନ୍ତୁ ଏହି ମନୋରମ ସ୍ଥାନର ବର୍ଣ୍ଣନା କରିବାକୁ କୋଟି

ଚିତ୍ରକର ଓ ସ୍ଥପତି ହାରିଯାଇଛନ୍ତି। କାରଣ ଏହା କବିଙ୍କର ଚିନ୍ତା ଚେତନା, ବାଭନା ଓ ହୃଦୟ ସହିତ ଜଡିତ।

କବି ଦୃଷ୍ଟିରେ:- "ସେ ରୂପ ବଖାଣିବାକୁ ଚେଷ୍ଟା କରି ହାରିଗଲେ
କୋଟି କୋଟି ଚିତ୍ରକାର, ସ୍ଥପତି ଓ କବିକୁଳ।
ଏମିତି ବି ଚିହ୍ନାଜଣା ରାସ୍ତା ନାହିଁ ଯୋଉବାଟେ
ଚାଲି ଚାଲି, ଚାଲି ଚାଲି ପହଞ୍ଚିବ ତା' ଗୁପ୍ତ ମନ୍ଦିର।।

ସୀତାକାନ୍ତଙ୍କ ଜନ୍ମ ଗାଁ'ରେ। ତେଣୁ ଗ୍ରାମୀଣ ଜୀବନଧାରାର ସେ ବିମୁଗ୍ଧ ରୂପକାର ସାଜିଛନ୍ତି। ବାଲ୍ୟସ୍ମୃତି, ପଲ୍ଲୀ ଜୀବନର ଚିତ୍ର ସାଙ୍ଗକୁ ନିଜ ପରିବାର, ଆତ୍ମୀୟ ସ୍ୱଜନ, ଗାଁର ସରଳ ଜୀବନଧାରା, ଗଛଲତା, ଫୁଲଫଳ, ପଶୁପକ୍ଷୀ, ଶଢ଼େଇଖେଳ, ବାପାଙ୍କ ବେତମାଡ଼, ପାକୁଆ ପାଟିରେ ସଦାସର୍ବଦା କାଣିଚାଏ ହସ ଖେଳୁଥିବା ଆଇମା'ର ପିଠି ଆଉଁସା, ଭାତ ଥାଳି ପାଖରେ ମା'ର ଜଗିବସିବା, ସ୍କୁଲରୁ ଫେରିବା ବାଟକୁ ସେମିତି ଅନେଇ ବସିଥିବା ବୋଉର ଆତ୍ମୀୟତା ସାଙ୍ଗକୁ କଙ୍କିଧରା, ଯାତ୍ରାଦେଖା, ନଈ ଗାଧୁଆ ଏସବୁ ସତେଯେମିତି ତାଙ୍କ ପ୍ରାଣର ପ୍ରଧାନ ଅବଲମ୍ବନ ପାଲଟିଛି। ସେଥିନିମିତ୍ତ ଗାଁ ମାଟି ତାଙ୍କ କଳ୍ପନାର ଲୀଳାକ୍ଷେତ୍ର। ସର୍ଜନ ଶକ୍ତିର ଜନ୍ମଦାତ୍ରୀ। କବିତାର ଲାଳୟିତ୍ରୀ। ଭାରତବର୍ଷର ତୃତୀୟଭାଗର ପ୍ରଥମ ଓ ଦ୍ୱିତୀୟ ପଂକ୍ତି ସହ 'ଚେର' ଓ 'ଜେଜେମା' କବିତାର ନିମ୍ନୋକ୍ତ ପଂକ୍ତି ତୁଳନୀୟ।

"ଚାରିଆଡ଼େ ସମୟର ଲେଉଟାଣି
ଚଉପାଶେ ଜୁଆର ଉଜାଣି
ଏଠି ପୋଷା କୁକୁରର ସମାଧି ମନ୍ଦିର
ଏଠି ଚାଟଶାଳୀ ଘର। ଗାଆଁ ଦାଣ୍ଡ ବର୍ଷା ସୁଏ

ବୁଡ଼ିଥିବା ଶହେ କାଗଜ ଡଙ୍ଗାଙ୍କ ଫସିଲ ଦୁର୍ବାର
ସବୁ ବାଟ ଓଗାଳନ୍ତି ଆଗକୁ ଯେ ପାଦଚଳେ ନାହିଁ
ହୀଡ଼ଙ୍କର ବନ୍ଧନୀର ଧାରୁଣୀ ଜହ୍ନ କିରଣ”
କ୍ଲାନ୍ତ ଚଢ଼େଇଟି ପରି ନିଃଶବ୍ଦବଳେ ନିଜେ ଯାଏ ଶୋଇ।” (ଚେର)
ଚାଳରୁ ପାଣି ଟୋପା ପଡୁଥାଏ
ମେଘ ଓହଳି ରହେ ଆସି ପିଣ୍ଡା ଉପରେ
ଚକୁଳି ପିଠା ବାସ୍ନା ଓ ଚାଳ ଉପରେ
କଖାରୁ ଲଟା ଭିତରୁ
ଅଂଧାର ସାଂଗରେ ମିଶି ଚାରିଆଡ଼େ ଛାଇଯାଏ
ସାଇ ମୁଣ୍ଡରୁ ଖଞ୍ଜଣି ମାଡ଼ ଓ କି ଘେନି ଯିବୁ ତୋ’ର.....
ଭାସି ଆସେ
ଆରତ ସମୟ ଓ ଅଂଧାରର ଦଳ ଭିତରୁ ତୁ ଦିଶୁ
କଙ୍କଡ଼ରଟିଏ ପରି
ଆଖି ଦୋଟି ନିର୍ଲିପ୍ତ ନିସ୍ତରଂଗ ସୁନ୍ଦର।” (ଜେଜେମା)
“ଅନେଇଲେ ବେଳେବେଳେ ପ୍ରତେହୁଏ
ସିଏ ମୋର ଆଈମାଆ
ଗେହ୍ଲାମରି ଆଉଁଶି ଦେଇଛି ମୋତେ କେଡ଼େ ସରାଗରେ
ବାପାଙ୍କ ଠୁଁ ବେତମାଡ଼ ଖାଇ ବଳୁଥିବା ପିଲାଟିକୁ
ପ୍ରେମିକ କିଶୋରଟିକୁ ନୂଆ ପ୍ରେମ କଥା ଭାବି
ଉଜ୍ଜ୍ୱଳା ଜହ୍ନ ରାତିରେ
ଭାଙ୍ଗି ପଡୁଥିବା ବେଳେ ଅଜଣା ଦୁଃଖରେ
ପ୍ରତିପଦା ଜହ୍ନପରି କାଣିଚାଏ ହସ
ଲାଗିଛି ତା’ ପାକୁଆ ପାଟିରେ।।
ଆଉ ତ କେବେ ଦୁଶିଛି ବୋଉ ପରି
ଭାତଥାଳି ପାଖରେ ଜଗି ବସିଛି ମାଛି ହୁରୁଡ଼େଇ
କାହ୍ନାର ଗୋଠ ବାହୁଡା ବେଳଜଗି
ବେଳଜଗି ସ୍କୁଲରୁ ଓ ଅଫିସରୁ ଫେରନ୍ତା ବାଟକୁ।

## ୩.୬ ଭାରତବର୍ଷ (ପାଠ)

-୧-

ଯୁଗ ଯୁଗାନ୍ତରର ସେ ଇତିବୃତ୍ତ।
ଶୁଭ୍ର ଆଲୁଅର ଉଚ୍ଚାରିତ ମୁଦ୍ରା ବାଟ କଢ଼ାଏ
ନିରନ୍ଧ୍ର ଅନ୍ଧାରରୁ ଜ୍ୟୋତି ବଳୟକୁ।
ଅବରୁଦ୍ଧ ଚେତନାର ଗୁହାରୁ
ଫିଟି ଫିଟି ଯାଉଥିବା ମନୋହାରୀ ଦିଗନ୍ତ ଆଡ଼କୁ।।
ତା'ରି ହାତ ଧରି ଆମେ ପାଦେ ପାଦେ ଆଗେଇଛୁ
ଚମ ପୋଡ଼ିଯାଉଥିବା ତତଲା ମରୁଭୂଇଁରୁ
ପହଲି ବସନ୍ତ ପବନର
ଥରଥର ହାତର ସ୍ପର୍ଶକୁ।।
ସେ ଯାତ୍ରା ସଦା କାଳର
ସେ ଯାତ୍ରା ଏମିତି ଏକ ଗହନ ଅଲୌକିକତାକୁ
ଯାହାର ସାମାନ୍ୟତମ ମୁଦ୍ରା ବି ବୁଝି ହୁଏନି
ବେଳେ ବେଳେ ;
ଅଥଚ ସାନ୍ତ୍ୱନା ଦିଏ, ଛାଇପରି ପାଖରେ ଛିଡ଼ା ହୁଏ
ପ୍ରତିଶ୍ରୁତି ଥାଏ, ମୁଦ୍ରା ସବୁ ଅର୍ଥଭାରାରେ ହିଁ ଅନବତ
ଫଳନ୍ତି ଗଛଙ୍କ ପରି
ନଇଁଥିବା ବର୍ଷୁକ ବଉଦ ପରି।।
ସବୁ ବୁଝିଗଲା ପରେ
ପ୍ରସ୍ତାବିତ ଶାନ୍ତି ଚୁକ୍ତିରେ କରୁ ଆମର ସନ୍ତକ :
ଶାନ୍ତିଚୁକ୍ତି ଘାତକ ଓ ମୃତକର ;
ଅସିରୁ ଝରିପଡ଼ିବା ରକ୍ତଧାର, ପ୍ରଣବ ଧ୍ୱନିର
ଏ ପୃଥ୍ୱୀର ଅପାସୋରା ଆନନ୍ଦ
ଓ ସ୍ୱର୍ଗଲୋକ ଅପ୍‌ସରୀଙ୍କର;
ରୌରବ ନର୍କ, ବୈକୁଣ୍ଠର
ହଳାହଳ ଓ ଅମୃତର ;
ଅନାହାର ମୃତ୍ୟୁ ଆଉ ଗଙ୍ଗାକୂଳ ସ୍ୱଇଚ୍ଛା ମୃତ୍ୟୁର ;

ସାମଗାନ ଏବଂ ରେରେକାର।।
ବେଳେବେଳେ ଦୃଶ୍ୟଯାଏ
ଆଶ୍ରମ ଓ ନିର୍ଜନ ପର୍ଣ୍ଣକୁଟୀ
ଗାଁ ଗାଁ ବସ୍ତି, ଲୋକଭର୍ତ୍ତି ସହରଠୁଁ
ଝାଟିମାଟି କାନ୍ଥ ଆଉ ଅଖାଘେରା ଘର
ଯେତେ ବିଳାସ ସଦନ ପଞ୍ଚ ତାରକାର
ସକଳେ ଯେଝା ସ୍ଥାନରେ;
ଆଉ କେବେ ଦୁର୍ବାର ଘୂର୍ଣ୍ଣିରେ
ସେ ସକଳ ହଜିଯାନ୍ତି
ଇତିହାସ ଦାରୁଣ ଦୁଃସ୍ୱପ୍ନ ହୋଇ ରାହୁଗ୍ରସ୍ତ ହୁଏ
ଯେମିତି ଆମର ସେଇ ଆଦି ଯାତ୍ରା
ସେ ଅଲୌକିକତା, ସେ ସକଳ ଶାନ୍ତିଚୁକ୍ତି
ସବୁ ମିଛ ଡାହାମିଛ
ଓହ୍ଲେଇ ଯିବାକୁ ହେବ ପୁନରପି ଆଲୋକରୁ
ଘନ ତମିସ୍ରାକୁ। ସାମ୍ନାରେ ଯେ ଅନ୍ଧାରର ବାଇଶି ପାହାଚ।
କ୍ଷଣୁଟିଏ ସେ ଦୁର୍ଗତି, ସେ ଅନ୍ଧାର। ପୁନରପି
ଲେଉଟାଣି ଆରମ୍ଭକୁ, ଆରମ୍ଭର ଆରମ୍ଭକୁ
ଜଙ୍ଗଲ ଓ ମେଘଙ୍କର ଲୁଚକାଳି
ନଦୀଙ୍କ ଲହରୀ ଆଉ ସାମଗାନ ଯୁଗଳବନ୍ଦୀକୁ।।
ଆଗୋ ମାଆ, ହେ ଭାରତବର୍ଷ
ଜନନୀ ଗୋ ସେତିକିରେ ମିଳିଯାଏ
ସବୁ ଶିଶୁଙ୍କୁ ଖେଳଣା
ସମୟକୁ ଉପକଥା, ବୃଦ୍ଧଙ୍କୁ ସପନ
ଚାତକଙ୍କୁ ବର୍ଷାଟୋପା
ସବୁ ଦୁଷ୍ଟ, ସବୁ ଅଜ୍ଞ ଚଢ଼େଇଙ୍କୁ
ଆକାଶ ଓ ଗୀତ
ମିଳିଯାଏ ସବୁ ବିରହଙ୍କୁ ଆପଣାର ମିତ।।
ହାତ ଧରାଧରି ହୋଇ ପୁନରପି ହୁଅନ୍ତି ବାହାର
କାଦୁଅ, ନକ୍ଷତ୍ରମାଳା; ଶିକାରୀ ଶିକାର

ସଙ୍ଗୀତ ଓ ଶ୍ଳୋକ ପାରାୟଣ କରୁଥାନ୍ତି
ସଭିଏ ରହନ୍ତୁ ନିଜ ଥାନରେ ଓ ମହା ଆନନ୍ଦରେ
ସଭିଙ୍କର ଆପଣା ଉଦ୍ଦେଶ୍ୟ ଅଛି ସୃଜନର ଏ ପୁଣ୍ୟ ଭୂଇଁରେ ।।
ତୁମେ ମୋର ଇହକାଳ, ପରକାଳ
ହତାଶା, ଦୀର୍ଘଶ୍ୱାସର
ସଙ୍ଗୀତ ଓ ଜୋଛନାର
ପରାବୃତ୍ତ ତମିସ୍ରାର ମହମହ ଭୂଇଁ
ବର୍ଷାଭିଜା, ସୌରଦଗ୍ଧ
ମଳୟ ପବନ ଆଉ କୋଇଲିର ପଞ୍ଚମରେ ଉଚ୍ଚାଟିତ
ଯନ୍ତ୍ରଣାରେ ନିରବିତ
ଶୀତଳ ହାଓ୍ୱାରେ ସଦା ପୁଲକିତ
ନିର୍ଜନ ମହାଶୂନ୍ୟରେ ସଦା ମୁଖରିତ ।।
ତୁମେ ମୋର ଅନ୍ତରଙ୍ଗ ଶତ୍ରୁ
ଆଉ ବିମୁଗ୍ଧ ପ୍ରେମିକା ଯିଏ
ନିଦ୍ରିତ ପଥର ବୁକେ
ବାଜୁଥିବା ସଙ୍ଗୀତକୁ ଶୁଣେ
ଅସୁମାରି ମଣିଷଙ୍କ ହତାଶା ଓ ସ୍ୱପ୍ନ ନେଇ
ଇତିହାସ ବୁଣେ
ଅନ୍ତିହୀନ ଇତିହାସ ବୁଣେ ।।

-୨-

ଆଖିଖୋଲା ଅଥଚ ଗାଢ଼ ନିଦରେ
ଶୋଇଛି ମୁଁ ଏତେଦିନ
ନିମଜ୍ଜିତ ତାହାରି ସ୍ୱପ୍ନରେ। ଦେଶ ନୁହେଁ କାଳ ନୁହେଁ
ସମୟ ବାହାରେ ସିଏ କାଳାତୀତ ସ୍ୱପ୍ନଟିଏ।
ସ୍ୱପ୍ନ ଯାହା ଆମର ସବୁ ମାୟାକୁ
ଅଧିକ ସାକାର କରେ, ସାନ୍ଦ୍ର କରେ
ଆମକୁ ଓ ଆମର ଭ୍ରାନ୍ତିକୁ ଆହୁରି ବାସ୍ତବ କରେ
ଆମକୁ ଅଜଣା କେଉଁ ମୋହନ ମନ୍ତ୍ରରେ,
ଯା' ଫଳରେ

ମହମହ ମାଟିରେ ନକ୍ଷତ୍ର ଝରେ ।।
କୌଣସି ମାନଚିତ୍ରରେ ତାଳପତ୍ର ପୋଥି ଅବା
ଭୂଜପତ୍ର ଓ ତାମ୍ରପଟାରେ ଲିପିବଦ୍ଧ କରି ହୁଏନି
ତୁମ ଚିତ୍ର । ଘଷି ଘଷି ସେ ଅଦୃଶ୍ୟ ସୀମାରେଖା
ଲିଭେଇ ପାରନ୍ତି ନାହିଁ ଦୁରନ୍ତ ଅସୁର ।।
ସେ ରୂପ ବଖାଣିବାକୁ ଚେଷ୍ଟା କରି ହାରିଗଲେ
କୋଟି କୋଟ ଚିତ୍ରକାର, ସ୍ଥପତି ଓ କବିକୁଳ ।
ଏମିତି ବି ଚିହ୍ନାଜଣା ରାସ୍ତା ନାହିଁ ଯୋଉ ବାଟେ
ଚାଲି ଚାଲି, ଚାଲି ଚାଲି ପହୁଞ୍ଚିବ ତା' ଗୁପ୍ତ ମନ୍ଦିର ।।
ସେ ସ୍ୱପ୍ନକୁ ଜନ୍ମଜନ୍ମାନ୍ତର ଧରି ଚାହିଁ ରହିଛି ମୁଁ
ଖୋଲା ଆଖି ଅପଲକ ନୟନରେ
ଗଭୀର ନିଦରେ । ଅବଶେଷେ ମୁଁ ହୋଇଛି
ସେଇ ପବନର ଅବିଭାଜ୍ୟ ଅଙ୍ଗଟିଏ । ସେ ଦେଖିଛି ମୋ ଆରମ୍ଭ
ଶୁଣିଛି ମୋ କୁଆଁ କୁଆଁ ଡାକ
ସମୟ ଆସିଲେ ସିଏ ବି ଦେଖିବ ମୋର ଶେଷଦିନ
ଯେମିତି ଆରମ୍ଭ ଶେଷ ଦେଖିଛି ସେମାନଙ୍କର;
ନଚିକେତା, ଆକବର, ଆଲେକଜାଣ୍ଡାର
ଆଉ ଉଦ୍ଦାଳକ, ଯାଜ୍ଞବଲ୍‌କ୍ୟ ଶୁକ ଓ ସୌନକ ମୁନି
ଶୋଭାଯାତ୍ରା ସମ୍ରାଟ ଓ ମନ୍ତ୍ରୀ ଏବଂ ପାରିଷଦଙ୍କର ।।

-୩-

ଅନେଇଲେ ବେଳେବେଳେ ପ୍ରତେ ହୁଏ
ସିଏ ମୋର ଆଇମାଆ
ଗେହ୍ଲାକରି ଆଉଁଶି ଦେଉଛି ମୋତେ କେଡ଼େ ସରାଗରେ
ବାପାଙ୍କଠୁ ବେତମାଡ଼ ଖାଇ କାନ୍ଦୁଥିବା ପିଲାଟିକୁ
ପ୍ରେମିକ କିଶୋରଟିକୁ ନୂଆ ପ୍ରେମ କଥା ଭାବି
ଉଡଳା ଜହ୍ନରାତିରେ
ଭାଙ୍ଗିପଡୁଥିବା ବେଳେ ଅଜଣା ଦୁଃଖରେ
ପ୍ରତିପଦା ଜହ୍ନପରି କାଣିଚାଏ ହସ
ଲାଗିଛି ତା' ପାକୁଆ ପାଟିରେ ।।

ଆଉ ତ କେବେ ଦିଶୁଛି ବୋଉ ପରି
ଭାତଥାଳି ପାଖରେ ଜଗି ବସିଛି ମାଛି ହୁରୁଡେଇ
କାହ୍ନାର ଗୋଠବାହୁଡା ବେଳ ଜଗି
ବେଳ ଜଗି ସ୍କୁଲରୁ ଓ ଅଫିସରୁ ଫେରନ୍ତା ବାଟକୁ
ନାନାଜାତି ଅନ୍ନ ଓ ବ୍ୟଞ୍ଜନ ସବୁ ରାନ୍ଧିବାଢ଼ି
ବାସ୍ନାର ମହକ ଯେତେ ଥାଳିରେ ସଜାଡି ।।
ଦେଶ ନୁହେଁ, ଇତିହାସ ଭୂଗୋଳର ବସ୍ତୁ ନୁହେଁ
ଭୂତତ୍ତ୍ୱରୁ ପୁରାତତ୍ତ୍ୱ ପରସ୍ତ ପରସ୍ତ ପରମ୍ପରା ନୁହେଁ
ବରଫ ଚାଦର ଘୋଡ଼ା ଶୃଙ୍ଗ ନୁହେଁ
ଗୁମ୍ଫା ନୁହେଁ ଧ୍ୟାନମଗ୍ନ ଋଷି ମୁନିଙ୍କର
ସୁଫିଆନା ଗାଉଥିବା, ନମାଜରେ ନିମଜ୍ଜିତ
ପୂତ ଆତ୍ମା ନୁହେଁ। ବାଲି ଆଉ ମରୀଚିକା
ଢ଼ାଙ୍କି ହୋଇ ଶୋଇଥିବା ମରୁଭୂମି ନୁହେଁ
ସେବି ନୁହେଁ ମହାନଦୀ ଗୋଦାବରୀ ସିନ୍ଧୁ ଓ କାବେରୀ ।।
ସିଏ ଗଢ଼ା ଏ ସକଳ ଉପାଦାନେ
ଅଥଚ ଆହୁରି କିଛି ଅବୁଝା, ଅବର୍ଣ୍ଣନୀୟ
ଗୁଢ଼ ଓ ଗୋପନ ବସ୍ତୁ ଝଲସୁଛି ତା' ଆତ୍ମାରେ
ଯାହାକୁ ବୁଝିହୁଏନା ପୂରାପୂରି, ସ୍ୱପ୍ନ ପରି ଲାଗୁଥାଏ
ଦେଖିଥିବା ସୁଦୀର୍ଘ ସ୍ୱପ୍ନରେ
ସେ ଯେମିତି ଚିରକାଳ ଝରୁଥିବା
ମହୁରୀର ସୁମଧୁର ସ୍ୱର
ସବୁ ହସ କାନ୍ଦ ଆଉ ଆହ୍ଲାଦ-ବିଷାଦ ନେଇ
ସୁଲୁସୁଲୁ ନଈକୂଳ ପବନରେ
ପ୍ରାଣଛୁଆଁ ବଇଁଶୀ ଲହର
ଅଦ୍‌ଭୁତ ଉର୍ବର ମାଟି
ଫସଲର କୋରସ୍‌ରେ ଶିହରିତ ବର୍ଷା ବଉଦର ।।
ନାନା ଜାତି ଅନ୍ନ ଓ ବ୍ୟଂଜନ ସବୁ ରାନ୍ଧିବାଢି
ବାସ୍ନାର ମହକ ଯେତେ ଥାଳିରେ ସଜାଡ଼ି ।" (ପୃ-୧୯୫, ୧୯୬)

## ୩.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

### ୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ

(କ) କବି ସୀତାକାନ୍ତଙ୍କ କବିତା ସଙ୍କଳନ ଗୁଡ଼ିକର ନାମ ଲେଖ।

(ଖ) କଳ୍ପନାର ପୃଥିବୀ ଭାବରେ କବି କାହାକୁ ଗ୍ରହଣ କରିଛନ୍ତି।

(ଗ) କବି ଦୃଷ୍ଟିରେ 'ଭାରତ ବର୍ଷ' କେଉଁ କେଉଁ ରୂପ ଧାରଣ କରି ଉଦ୍‌ଭାସିତ ?

### ୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

(କ) ପରମ୍ପରା ସହିତ ଆଧୁନିକତା ସମନ୍ୱୟ 'ଭାରତ ବର୍ଷ' କବିତାରେ କିଭଳି ସମ୍ଭବ ହୋଇପାରିଛି ଦର୍ଶାଅ।

(ଖ) 'ଭାରତ ବର୍ଷ' କବିତାର ଭାବାର୍ଥ ନିରୂପଣ କର।

(ଗ) ଗ୍ରାମୀଣ ଜୀବନଧାରାର ଚିତ୍ର କିଭଳି ଭାବେ 'ଭାରତ ବର୍ଷ' କବିତାରେ ପ୍ରକାଶ ପାଇଛି ବର୍ଣ୍ଣନା କର।

୨) କଳ୍ପନାର ପୃଥିବୀ ଭାବରେ କବି କାହାକୁ ଗ୍ରହଣ କରିଛନ୍ତି ?

## ୩.୮ ସହାୟକ ଗ୍ରନ୍ଥସୂଚୀ


- ଭାରତବର୍ଷ - ସୀତାକାନ୍ତ ମହାପାତ୍ର
- ସୀତାକାନ୍ତ କାବ୍ୟ ମାନସ 'ମିଥ୍' - ବିଧୁପ୍ରଭା ରଥ।
- ସବୁଜରୁ ସାଂପ୍ରତିକ - ନିତ୍ୟାନନ୍ଦ ଶତପଥୀ

# ଚତୁର୍ଥ ଏକକ : (କ)

# 'ତନ୍ମୟ ଧୂଳି' (ଟାଣିନଉଚ କୁଆଡ଼େ) - ପ୍ରତିଭା ଶତପଥୀ

**ବିଷୟ ଗଠନ**


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ କବି ପ୍ରତିଭା ଶତପଥୀ

୪.୫ 'ଟାଣି ନଉଚ କୁଆଡ଼େ' କବିତାର ଆଲୋଚନା

୪.୬ ଟାଣି ନଉଚ କୁଆଡ଼େ (ପାଠ)

୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୮ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

'ତନ୍ମୟ ଧୂଳି' କବି ପ୍ରତିଭା ଶତପଥୀଙ୍କର ଅନ୍ୟତମ ସଫଳ କାବ୍ୟକୃତି। ଏଥିରେ ରୋମାଣ୍ଟିକ୍ ଭାବଧାରାର ପ୍ରାଧାନ୍ୟ ରହିଛି। ବିଷାଦ ଭାବନା ବା କାରୁଣ୍ୟ ସହ ସୌନ୍ଦର୍ଯ୍ୟବୋଧ ଏକ ସୂତ୍ରରେ ସୂତ୍ରାୟିତ ହୋଇଛି। କବିଙ୍କର କବିସତ୍ତା ଅନ୍ତର୍ମୁଖୀ। ମୁହୂର୍ତ୍ତକର ଉପଲବ୍ଧିକୁ ନେଇ ସମଗ୍ର ଜୀବନରେ ଉଦ୍‌ଭାସିତ କରିବା ମଧ୍ୟରେ କବିଙ୍କର ସ୍ୱାତନ୍ତ୍ର୍ୟ ନିହିତ। ଜାଗତିକ ଜଞ୍ଜାଳର ଉର୍ଦ୍ଧ୍ୱରେ ଅସୀମ ସତ୍ତାକୁ ଛୁଇଁବାର ପ୍ରତ୍ୟାଶାରେ କବିଙ୍କ ଉତ୍କର୍ଷ ମହତ୍ତର। ସମ୍ଭାବନାର ପ୍ରୟାସରେ କବି ପ୍ରତିଭା ଶତପଥୀ ସଦା ବ୍ୟଥିତ। ଏହିପରି ଏକ ବିସ୍ତୃତ କାନ୍‌ଭାସ ଉପରେ 'ତନ୍ମୟଧୂଳି' ସଂକଳନର 'ଟାଣିନଉଚ କୁଆଡ଼େ' କବିତାଟି ରଚିତ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ଏକକ ଅଧ୍ୟୟନ କରିସାରିଲା ପରେ ଆମେ ଜାଣିବାକୁ ପାଇବା -

. ପ୍ରତିଭା ଶତପଥୀଙ୍କର କବିତ୍ୱ ବିଦ୍‌ବତ୍ତା ଓ ସଙ୍କଳନ ସମ୍ପର୍କରେ ସବିଶେଷ ଜ୍ଞାନ।

. ରୋମାଣ୍ଟିକ ଭାବଧାରାର ପ୍ରାଧାନ୍ୟ ସହିତ ବିଷଦ ଭାବନା ବା କାରୁଣ୍ୟ ସହ ସୌନ୍ଦର୍ଯ୍ୟବୋଧ ଏକ ସୂତ୍ରରେ ଟାଣି ନେଉଛ କୁଆଡ଼େ କବିତାରେ ସୂତ୍ରାୟିତ ହୋଇଥିବାର ଅନୁଭବ କରି ପାରିବା।

## ୪.୩ ବିଷୟ ପ୍ରବେଶ

କବିତାରେ କବି ପ୍ରତିଭା ରୋମାଣ୍ଟିକ୍ ମନେ ହୁଅନ୍ତି। ପ୍ରେମର ଉତ୍ତୀର୍ଣ୍ଣତାରେ ସେ ଉପନୀତ। ସେ ଭଲଭାବେ ହୃଦୟଙ୍ଗମ କରିଛନ୍ତି ପ୍ରେମ ବ୍ୟକ୍ତିକୁ ନିଜ ଭିତରୁ ବାହାରି ଆସି ବୃହତ୍ତର ଜଗତ ପାଖରେ ପହଞ୍ଚାଇ ଦିଏ। ସ୍ୱାର୍ଥକୁ ପରାର୍ଥ କରେ। ଜଣଙ୍କ ଠାରୁ ପାଞ୍ଚଜଣଙ୍କ ଆଡକୁ ବାଟ ବତାଇ ଦିଏ। ବିସ୍ମୟକର ପାର୍ଥିବ ପ୍ରେମ ମଧ୍ୟରେ ଆଧାତ୍ମ ଉପଲବ୍ଧିର ମଧୁର ସମନ୍ୱୟ ସାଙ୍ଗକୁ ଏସବୁର ମାନବୀୟ କରଣ କବିତାରେ ପରିଲକ୍ଷିତ। କବିଙ୍କର ପ୍ରେମମୟ ଉପଲବ୍ଧିକୁ ‘ଟାଣି ନଉଚ କୁଆଡ଼େ’ କବିତାରେ ଆଲୋଚନା କରାଯାଇଛି।

## ୪.୪ କବି ପ୍ରତିଭା ଶତପଥୀ

ଆଧୁନିକ ଓଡ଼ିଆ କବିତାର ଜଣେ ପ୍ରତିଷ୍ଠିତ ସୁନାମଧନ୍ୟ କବି ହେଉଛନ୍ତି କବି ପ୍ରତିଭା ଶତପଥୀ। କଟକ ଜିଲ୍ଲାର ସତ୍ୟଭାମାପୁର ଗାଁରେ ୧୯୪୫ ମସିହାରେ ତାଙ୍କର ଜନ୍ମ। ବାପା ଚକ୍ରଧର ଶତପଥୀ ଓ ମା’ ହରିପ୍ରିୟା ଦେବୀ। ବାପା ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟ ପ୍ରେମୀ ଥିଲେ। ସଂଗ୍ରାମୀ ଜୀବନରେ ସେ ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ହରେକୃଷ୍ଣ ମହତାବଙ୍କ ସହକର୍ମୀ ଥିଲେ। ହରିପ୍ରିୟା ଦେବୀ ସେ ସମୟରେ ମାଇନର ପାସ୍ କରି ସତ୍ୟଭାମାପୁର ନୈଶ ବିଦ୍ୟାଳୟରେ ଶିକ୍ଷୟତ୍ରୀ ହୋଇଥିଲେ। ଚକ୍ରଧର କୋରାପୁଟରେ ଡାକ୍ତର ଚାକିରୀ କରିଥିଲେ। ସେଥିପାଇଁ ପ୍ରତିଭାଙ୍କ ପିଲାଦିନ କୋରାପୁଟରେ ହିଁ କଟିଥିଲା। ସମୟକ୍ରମେ ଚକ୍ରଧର ପରିବାର ପ୍ରତି ଉଦାସୀନ ହୋଇ ପଡ଼ନ୍ତି। ଏହା ଦେଖି ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି ହରିପ୍ରିୟା। ଭାଙ୍ଗିପଡ଼ିଛନ୍ତି ସେ; ଆଖିରୁ ଲୁହ ଝରାଇଛନ୍ତି। ସାଂଗରେ ଦଶବର୍ଷର ବଡ଼ଝିଅ, ଛଅ / ସାତ ବର୍ଷର ପୁଅ ଓ ଚାରି ବର୍ଷର ସାନ ଝିଅକୁ ଧରି ସେ ସତ୍ୟଭାମାପୁର ଚାଲି ଆସନ୍ତି। ସମସ୍ୟା ପିଛା ଛାଡ଼ି ନାହିଁ। ଏସବୁ ଦେଖି ଅତିକମ୍ ବୟସରେ ପ୍ରତିଭା ଖୁବ୍ ଆଘାତ ପାଇଛନ୍ତି। ଗାଁ ପରିବେଶରେ ବଢ଼ିବା, ଗାଉଁଲୀ ଜୀବନ ଯାପନ ସହିତ ପରିଚିତ ହେବା,ଏସବୁ ପରବର୍ତ୍ତୀ ସମୟରେ ତାଙ୍କ କାବ୍ୟିକ ଦୃଷ୍ଟିଭଙ୍ଗିକୁ ଖୁବ୍ ପ୍ରଭାବିତ କରିଛି। ପିଲାଦିନେ ବୋଉ କୋଳରେ ବସି ଭାଗବତ,ରାମାୟଣ,ଶୁଣନ୍ତି। ପ୍ରତିଭାଙ୍କୁ ଯେତେବେଳେ ଆଠବର୍ଷ ବୟସ ସେତେବେଳେ ଗାଁର ମାତୃମଙ୍ଗଳ କେନ୍ଦ୍ରରେ ପ୍ରାର୍ଥନା ସଭାରେ ରାମଧୁନ୍ ଗାଇଛନ୍ତି। ସୂତା କାଟିଛନ୍ତି। ଆଠବର୍ଷ ବୟସରେ ଗାଁ ସ୍କୁଲରେ ନାମ ଲେଖାଯାଇଛି। ବିବେକାନନ୍ଦ ବିଦ୍ୟାପୀଠରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାପରେ ରେଭେନ୍ସା ପ୍ରାକ୍ ବିଶ୍ୱବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀରେ ଛାତ୍ରୀଭାବେ ଯୋଗ ଦିଅନ୍ତି। ୧୯୬୨ ମସିହା ଜୁନ୍ ୨୪ ତାରିଖରେ ନିତ୍ୟାନନ୍ଦ ଶତପଥୀଙ୍କୁ ବିବାହ କରନ୍ତି। ନିତ୍ୟାନନ୍ଦ ସେ ସମୟରେ ରେଭେନ୍ସା ସାଂଧ୍ୟ କଲେଜର ଅଧ୍ୟାପକ। ପ୍ରତିଭା ସ୍ୱାମୀଙ୍କର ପ୍ରେରଣାରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରନ୍ତି।

ଏହାପରେ ଅଧ୍ୟାପନା ଜୀବନ ଆରମ୍ଭ ହୁଏ। ପୁରୀ ମହିଳା ମହାବିଦ୍ୟାଳୟ, ରମାଦେବୀ ମହିଳା ମହାବିଦ୍ୟାଳୟ ଓ ବିଜେବି କଲେଜରେ ଅଧ୍ୟାପନା କରିବା ପରେ ୨୦୦୨ ମସିହାରେ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡର ମେମ୍ବର ଭାବେ ଯୋଗଦାନ କରନ୍ତି। ୩୫ ବର୍ଷର ଅଧ୍ୟାପନା ଜୀବନ ପରେ ଶେଷରେ ୨୦୦୩ ମସିହା ଡିସେମ୍ବର ମାସରେ ସିଲେକ୍ସନ୍ ବୋର୍ଡରୁ ଅବସର ନିଅନ୍ତି।

କଲେଜରେ ପଢୁଥିବା ସମୟରେ କବିତା ଲେଖି ସମାଜରେ ଲେଖା ବାହାର କରିବାକୁ ତାଙ୍କର ଇଚ୍ଛାଥାଏ। ତାଙ୍କର ଅନ୍ତରଙ୍ଗ ବାନ୍ଧବୀ ବିଷ୍ଣୁପ୍ରିୟା ସେ ବି ଲେଖାଲେଖି କରନ୍ତି। ଦୁଇଜଣ ସାଂଗହୋଇ ସମାଜ ଅଫିସକୁ ଯାଆନ୍ତି ଏବଂ ସେଠାରେ ଲେଖାଦିଅନ୍ତି। ସେ ସମୟରେ ରବି ବାସରୀୟ ସାହିତ୍ୟ ସଂସଦ ଖୁବ୍ ଲୋକପ୍ରିୟ ହୋଇଥାଏ। କବି, ସାହିତ୍ୟକମାନେ ପ୍ରତି ରବିବାର ଦିନ ଦେଖା ସାକ୍ଷାତ୍ ହୁଅନ୍ତି। କବିତା ପଢ଼ା ସାଙ୍ଗକୁ ଆଲୋଚନା ଚକ୍ର। ପ୍ରାୟତଃ ସମସ୍ତେ ରେଭେନ୍ସା କଲେଜର ଛାତ୍ରୀ। ୧୦୭୧ ମସିହାରେ ସର୍ବଭାରତୀୟ କବି ସମ୍ମିଳନୀରେ କର୍ମୀମାନଙ୍କର ସେ ପ୍ରତିନିଧିତ୍ୱ କରନ୍ତି। ଆକାଶବାଣୀ ତରଫରୁ ଏଇ ସମ୍ମିଳନୀ ଦିଲ୍ଲୀରେ ଅନୁଷ୍ଠିତ ହୁଏ। ପ୍ରତ୍ୟେକ ଭାରତୀୟ ଭାଷାରେ କବିତା ଅନୁବାଦ ହୋଇ ପଢ଼ାଯାଏ। ୧୯୬୨ ମସିହାରେ କବି ପ୍ରତିଭା ପ୍ରଜାତନ୍ତ୍ର କବିତା ପୁରସ୍କାର ପାଆନ୍ତି।

୧୯୬୨ ମସିହାରେ କବିଙ୍କର କବିତା ସଂକଳନ 'ଆମ କବିତା' ପ୍ରକାଶ ପାଏ। ଏହାପରେ ୧୯୬୯ରେ 'ଅସ୍ତ ଜହ୍ନର ଏଲିଜି' ୧୯୭୪ରେ 'ଗ୍ରସ୍ତ ସମୟ'୧୯୭୮ରେ 'ସାହାଡା ସୁନ୍ଦରୀ',୧୯୮୦ରେ 'ମହାମେଘ',୧୯୯୧ରେ'ଶବରୀ', ୧୯୯୬ରେ 'ତନ୍ମୟ ଧୂଳୀ', ୨୦୦୧ରେ 'ଅଧା ଅଧା ନକ୍ଷତ୍ର', ୨୦୦୬ରେ 'କହିନହେଲେ' ୨୦୧୧ରେ 'ତୁମ ପାଇଁ ଥରେ', 'ସବୁଥର' ଇତ୍ୟାଦି ପ୍ରକାଶିତ କବିତା ବ୍ୟତୀତ ନିବଂଧ, ପ୍ରବନ୍ଧ ଓ ସମାଲୋଚନା ମଧ ସେ ଲେଖିଛନ୍ତି। ସେଗୁଡିକ ହେଉଛି 'କଳ୍ପନାର ଅଭିଷେକ୧୯୮୦, ସ୍ପନ୍ଦନର ଭୂମି ୧୯୯୩,ପ୍ରତିଫଳନ ୧୯୯୩, ଉତ୍ତର ଆଧୁନିକ ଓଡ଼ିଆ କବିତା ଓ ଅନ୍ୟାନ୍ୟ ପ୍ରବନ୍ଧ, ଭାରତ ମାତାର ଲୁହ ୨୦୦୨, ସ୍ୱର୍ଗତ ସରଳା ଦେବୀ ୨୦୦୮, 'ଶୈଶବରୁ ସଂସାର' (ଆତ୍ମକଥା), ନାରୀ ଅସ୍ତିତ୍ୱର ବାସ୍ତବତା, ବିବର୍ତ୍ତିତ ଓଡ଼ିଆ କବିତା ଆଦି ବହୁ ଗ୍ରନ୍ଥ ପ୍ରକାଶିତ। ଏହା ବ୍ୟତୀତ ପ୍ରତିଭାଙ୍କର ଅନୁବାଦ ସାହିତ୍ୟ ମଧ ରହିଛି। 'ଅରଣ୍ୟ ସ୍ୱପ୍ନର ରାତି କ୍ରୀତଦାସ' (ନୋବେଲ୍ ପ୍ରାପ୍ତ ପର୍ଲବକ୍‌ଙ୍କ ଉପନ୍ୟାସ), ସାହସର ଶିଖା, ନଗର ମନ୍ଥନ (ଡୋଗ୍ରୀ ଉପନ୍ୟାସ), କହ୍ଲଣ ଚରିତ, (କାଶ୍ମୀର ମନୋଗ୍ରାଫ୍), ଭିନ୍ନ ଦେଶର ମୁହଁ (ଲାଟ୍‌ଭିଆନ୍ କବିତାର ଅନୁବାଦ) ସୁବ୍ରମଣ୍ୟ ଭାରତୀ (ଏନ୍.ବି.ଟି.ଆନୁକୂଲ୍ୟରେ) ପ୍ରକାଶିତ। ଓଡ଼ିଆ କବିତା ପତ୍ରିକା 'ଉଦ୍‌ଭାସ'ର ସଂପାଦନା କରିଛନ୍ତି।

'ଅସ୍ତ ଜହ୍ନର ଏଲିଜି' କବିତା ସଂକଳନରେ ବିଷାଦବୋଧ ସୌନ୍ଦର୍ଯ୍ୟ, ସ୍ମୃତି, ସ୍ୱପ୍ନ, ଆଶା ସହିତ ବ୍ୟର୍ଥତା, ବିରହ, ଦହନ ଓ ଅନୁରାଗର ମିଶ୍ରିତ ରୂପ ପ୍ରକାଶିତ। 'ଶତାବ୍ଦୀର କନ୍ୟା','ଯୁଗନାରୀ', ଶିରୋନାମାରେ 'ସୀତା','ଅହଲ୍ୟା',ପ୍ରମୁଖ ଚରିତ୍ର ମାଧ୍ୟମରେ ନୀଳ ଶୈଳର ସରଦେଇ ଚରିତ୍ର ଯେମିତି ତାଙ୍କ ଆତ୍ମା ସହ ଏକାତ୍ମ ହୋଇଯାଇଛି। ହରିଶ୍ଚନ୍ଦ୍ର, ଶକୁନି, ଶ୍ରୀଖଣ୍ଡି, ଆଦି ମିଥ୍ ଭିତ୍ତିକ ଚରିତ୍ର,ଗ୍ରସ୍ତ ସମୟ ସଂକଳନ କବିତାରେ ଜୀବନର ଅସାରତା,ବିଭଂଗତା,ବିଡ଼ମ୍ବନା,ଦୈନନ୍ଦିନ ଜୀବନ ଚର୍ଯ୍ୟା,ମୃତ୍ୟୁ ଚେତନା,ସୌନ୍ଦର୍ଯ୍ୟ ତୃଷ୍ଣା ଇତ୍ୟାଦି ପ୍ରକାଶ ପାଇଛି। ସାହାଡ଼ା ସୁନ୍ଦରୀ ସଂକଳନ ୩୬ଟି କବିତାର ସମାହାର। ଲୋକକାହାଣୀର ସାହାଡା ସୁନ୍ଦରୀ ଏହାର ଚରିତ୍ର ଜୀବନର କଦର୍ଯ୍ୟପଣ ଭିତରେ ସୌନ୍ଦର୍ଯ୍ୟରୂପୀ ଦିବ୍ୟ ଚେତନାର ଅନୁଭବ ସଂକଳନସ୍ଥ କବିତାର ମୁଖ୍ୟ ଆଭିମୁଖ୍ୟ। ଏକ ଦିଗରେ କୁତ୍ସିତତା, ବିଡ଼ମ୍ବନା ପ୍ରତି ଆତ୍ମୀୟତା ଅପରପକ୍ଷରେ ପରମ ସତ୍ତାଙ୍କ ପ୍ରତି ସମର୍ପିତ ଭାବ ପ୍ରକାଶିତ। ପବନ, ନଦୀ, ସମୁଦ୍ର, ଚନ୍ଦ୍ର, ସୂର୍ଯ୍ୟଙ୍କ ସତ୍ତା ଭିତରେ ପରମ ପୁରୁଷଙ୍କର ବ୍ୟାପ୍ତିର ବର୍ଣ୍ଣନା କବିତା କୁଡିକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରିଛି। ଏହି ଚେତନାର ବ୍ୟାପକ ରୂପ ନିୟତ ବହୁଧାରେ ଦେଖିବାକୁ

ମିଳେ । ମାଟି ଓ ଆକାଶ ପ୍ରବଣତା ସହିତ ବସୁଧା ବା ପୃଥିବୀ ପରି ଯନ୍ତ୍ରଣାକୁ ଅଙ୍ଗୀକାର କରି ମଳିନ ସ୍ଥିତିକୁ ମହନୀୟ କରିବା, ଅପ୍ରାପ୍ତିବୋଧ ଓ ଯାବତୀୟ ବିରୋଧାଭାସ ମଧ୍ୟରେ ବିଶ୍ୱାସ ଓ ଆଶ୍ୱାସନାର ସୂତ୍ରକୁ ଯୋଡିବା ମୁଖ୍ୟତଃ ଦେଖିବାକୁ ମିଳେ । 'ନିମିଶେ ଅକ୍ଷରରେ' ପରମେଶ୍ୱରଙ୍କ ମିଳିତ ହେବାର ବାସନା ପ୍ରବଳ ହୋଇଉଠିଛି । ଗୋଟିଏ ମୁହୂର୍ତ୍ତରେ ପରିସୀମା ମଧ୍ୟରେ କବିସତ୍ତା କ୍ଷୁଦ୍ର ମିଳିତ ସ୍ଥିତି ଭିତରେ ଆକାଶ,ଗ୍ରହ-ନକ୍ଷତ୍ର ଓ ମହା ଅନ୍ତରୀକ୍ଷକୁ ଧରି ରଖିଛନ୍ତି । ପରମ ସତ୍ତାଙ୍କ ସହ ଯୋଡ଼ିହେବା ପାଇଁ ସତେଯେମିତି ଏସବୁ ଏକ ଏକ ମାଧ୍ୟମ ।

ପରବର୍ତ୍ତୀ କବିତା ଗ୍ରନ୍ଥ 'ମହାମେଘ',୩୬ଟି କବିତା ଏଥିରେ ସ୍ଥାନିତ । 'ନିମିଷେ ଅକ୍ଷର' ଓ 'ମହାମେଘ' ଦୁଇଟିଯାକ ସଂକଳନରେ ସ୍ଥାନିତ କବିତାର ଭାବ ପ୍ରାୟ ସମାନ । ମହତ୍ତର ସତ୍ତା ପ୍ରତି ପ୍ରବଣତା, ନିଜ ସ୍ଥିତିରୁ ବ୍ୟାପ୍ତ ଓ ବଚ୍ଛୁରିତ ହେବାର ଇଚ୍ଛା ସ୍ଥିତିକୁ ମହିମାନ୍ୱିତ କରିଦିଏ । ନିଜସ୍ୱ ପରିଧି ମଧ୍ୟରୁ ବାହାରିଲେ ହିଁ ପରମଙ୍କ ସାନିଧ ପ୍ରାପ୍ତ ହୋଇପାରିବ । ଜାଗତିକ ସୁଖ ମଧ୍ୟରେ କବି ବାନ୍ଧିହୋଇ ରହିବାକୁ ଚାହାନ୍ତି ନାହିଁ । ଜାଗତିକତା ହେଉଛି କବିଙ୍କର ଦାନ ସଦୃଶ । ଜାଗତିକ ପୃଥିବୀର ବାହାରକୁ ଚାଲିଯାଇ କବି ପରମ ପୁରୁଷଙ୍କ ସାନ୍ନିଧଲାଭ କରିବାର ଇଚ୍ଛା କରିଛନ୍ତି ।

'ନିୟତ ବସୁଧା','ନିମିଷେ ଅକ୍ଷର' ଓ 'ମହାମେଘ'ରେ ଯେଉଁ ବ୍ୟକ୍ତି ସତ୍ତାଟି ପରମପୁରୁଷଙ୍କ ସାନ୍ନିଧ ପାଇଁ ମନରେ ପିପାସା ରଖିଥିଲା 'ଶବରୀ'ରେ ତାର ଚମତ୍କାର ରୂପାୟନ ଘଟିଛି । ୧୯୯୧ ମସିହାରେ ପ୍ରକାଶିତ 'ଶବରୀ' ରେ ସମ୍ମୋହନ ଓ ମୁକ୍ତି ପିପାସା ପ୍ରବଳ ହୋଇଛି । ପରମ ପୁରଷଙ୍କୁ ବାରମ୍ବାର ନିଜର ନିର୍ଜନତା ଭିତରେ ଭେଟୁଥିବା କବି ଶବରୀ ରୂପରେ ସଶରୀର ରାମଚନ୍ଦ୍ରଙ୍କୁ ଭେଟିଛନ୍ତି । 'ଶବରୀ'ର ପୃଷ୍ଠଭୂମିରେ କବି 'ପ୍ରତିଭା' ନିଜକୁ ପ୍ରଶ୍ନ କରନ୍ତି:

"ମୋକ୍ଷ କ'ଣ ମାନବାତ୍ମାର ଏକମାତ୍ର ସଫଳତା, ତେବେ ମୋକ୍ଷର ଅର୍ଥ କ'ଣ ଜନ୍ମ-ବନ୍ଧନରୁ ମୁକ୍ତି ? ପୃଥିବୀକୁ, ଜୀବନକୁ ଅସ୍ୱୀକାର ? କୌଣସି ମହତ୍ ଅଭିପ୍ସାର ଅନୁସରଣ କରି ତାର ସମ୍ଭାବନାର ଆବିଷ୍କାର ମାତ୍ରକେ ଏହି ଜୀବନକୁ ପରିତ୍ୟାଗ କରିଯିବ ? ଏହାରି ମାଧ୍ୟମରେ କ'ଣ ଦୁଃଖରୁ ପରିତ୍ରାଣ ମିଳିଥାଏ ? ଏହାହିଁ ଯଦି ମୋକ୍ଷ ତେବେ ଏହା ମାନବାତ୍ମାର ସର୍ବଶ୍ରେଷ୍ଠ ଅଭୀପ୍ସା ବୋଲି ଚିହ୍ନିତ ହେବ କାହିଁକି ? ଶବରୀ ଓ ମନକୁ ଅତିକ୍ରମ କରି ନିଜ ଅସ୍ତିତ୍ୱର ପ୍ରତିଷ୍ଠା ମାଧ୍ୟମରେ ବ୍ୟକ୍ତି ମୋକ୍ଷଲାଭ କରିପାରିବ ନାହିଁ କାହିଁକି ? (ପୃଷ୍ଠଭୂମି-୧୦୦)

ଏହିପରି ବିବିଧ ଆଭିମୁଖ୍ୟ କବି ପ୍ରତିଭା ଶତପଥୀଙ୍କ କାବ୍ୟିକ ବଳୟକୁ ପ୍ରସାରିତ ଓ ପରିବ୍ୟାପ୍ତ କରିଛି ।

## ୪.୫ 'ଟାଣି ନଉଚ କୁଆଡ଼େ' କବିତାର ଆଲୋଚନା

କବିତାରେ କବି ପ୍ରତିଭାଙ୍କର ଅର୍ନ୍ତସତ୍ତାର ପରିପ୍ରକାଶ ଘଟିଛି । କବି ବଡ଼ ରୋମାଣ୍ଟିକ୍ । କବିତାଟି ଆତ୍ମ ଭାବନା ମୂଳକ । ଆନନ୍ଦ ବେଦନାର ବାହକ । ହୃଦୟ ମଧ୍ୟରେ ଯେଉଁ ଚେତନାକୁ ଉପଲବ୍ଧି କରିହୁଏ, ପ୍ରାଣର ଗଭୀରତା ଭିତରେ ଯାହାକୁ ଅନୁଭବ କରିହୁଏ ତାହାକୁ କବି ପ୍ରତିଭା ଗୀତିମୟ ଭାଷାରେ ରୂପାୟିତ କରିଛନ୍ତି ।

ଏକ ଭାବମୟ ଜଗତରେ ପାଠକକୁ ବିଚରଣ କରାଇଛନ୍ତି। ଯେଉଁ ଜଗତରେ ପ୍ରବେଶ କଲେ ପାଠକ ନିଜକୁ ଜଗତ ଓ ଜୀବନକୁ ନୂଆ ଭାବରେ ଆବିଷ୍କାର କରେ। 'ଟାଣି ନଉଛ କୁଆଡ଼େ' କବିତାରେ ଯେ ଅଯତ୍ନ, ଅସଜଡା, ହୋଇ ପଡ଼ିଥିବା ଘର ସଂସାର ଭାର ବେଭାରକୁ ପଛ କରିଦେଇଛନ୍ତି। କବି କହୁଛନ୍ତି।

"ଟାଣି ନଉଚ କୁଆଡେ
ଏଣେ ମୋର ଘର ସଂସାର, ବେଭାର
ଅଯତ୍ନ ପଡ଼ିରହିଲା
କୋଉ ସ୍ୱପ୍ନରେ ବିଭୋର
ଟାଣି ନଉଚ ଏମିତି
ହାତ ଛାଡ଼ -

ଘର ସଂସାର, ଭାବ ବେଭାର ଏସବୁ ବହିର୍ବିଶ୍ୱର କଥା। ଏହାର ସଂଘାତରେ କବିଙ୍କ ମନ ସଦା ବ୍ୟାକୁଳିତ। ଯେଉଁ ପରିଚିତ ପୃଥିବୀକୁ ପରିତ୍ୟାଗ କରି ସ୍ୱପ୍ନର ପୃଥିବୀରେ ସ୍ୱପ୍ନର ମଣିଷ ସହିତ ଏକାତ୍ମ ହେବାକୁ ଚାହିଁଛି; ମନେ ହୋଇଛି ସେଇ ସ୍ୱପ୍ନମୟ ପୁରୁଷଙ୍କ ଅଧୀନରେ ମୋର ରକ୍ତ ପ୍ରବାହିତ ହେଉଛି। କବି ଲେଖିଛନ୍ତି।:

"ତୁମ ସ୍ୱପ୍ନର ଧମନୀରେ
ବୋହୁଥିବା ରକ୍ତ
ହୋଇପାରେ ମୋର

ପ୍ରାତ୍ୟହିକ ଜୀବନରୁ କବିତାର ଉପାଦାନ ସଂଗ୍ରହ କରାଯାଏ। ବ୍ୟକ୍ତିଗତ ଆନନ୍ଦବୋଧ ହିଁ ପ୍ରେରଣା ଦିଏ। ବିଶେଷ ମୁହୂର୍ତ୍ତ ଏକାନ୍ତ ନିର୍ବିଶେଷ ପାଲଟିଯାଏ। ଏହାକୁ ଆମେ ବ୍ୟକ୍ତିଗତ ଅନୁଭବ ବା ଭାବାନୁଭୂତି କହିଥାଉ। ଏହି ଭାବାନୁଭୂତି ଯେତେବେଳେ ପ୍ରବଳ ହୁଏ ସେ ସମୟରେ କବି ପ୍ରଶ୍ନ କରେ -

"କୋଉ ଶୂନ୍ୟତାର ସିଂହାସନରେ
ମତେ ନେଇ ବସେଇବ ?
ଏଠାରେ ଯେ
ମୋ ହୃଦୟର
ଗଭୀରତମ ପ୍ରପାତରେ
ଅଜସ୍ର ଲୁହ
ଖସିପଡୁଚି ତୁମର।"

କବିଙ୍କର ପ୍ରେମାନୁଭୂତି ଭିତରେ ଯେମିତି ଏକ ନିବିଡ଼ ପଣ ସ୍ପଷ୍ଟ ବାରି ହୋଇପଡୁଛି। ଆବେଗ ବ୍ୟାକୁଳ ହୃଦୟରେ କବି ତାଙ୍କୁ ଭେଟିବା ପାଇଁ ଚାହିଁଛନ୍ତି। ସମୟର କେଉଁ ବିନ୍ଦୁରେ ମୁଁ ତୁମକୁ ଭେଟିବି ବୋଲି ପ୍ରଶ୍ନ କରୁଛନ୍ତି।

"କ୍ଷଣିକ ହାହାକାର ତୁମେ
ଚିତ୍ରମୟ ଧୂଳି
ସମୟର କେଉଁ ବିନ୍ଦୁରେ ମୁଁ
ତୁମକୁ ଭେଟିବି
ଭେଟିଲେ ହିଁ କଟିଯିବି
ତତ୍‌କ୍ଷଣାତ୍
ଦୁଇଖଣ୍ଡ କାଟି ହୋଇଯିବି ।

ସମୟର ଯେଉଁ ବିନ୍ଦୁରେ ମୁଁ ତୁମକୁ ଭେଟିବି ସେଇ ବିନ୍ଦୁ ହିଁ ହେବ ଜୀବନର ଶେଷ ବିନ୍ଦୁ । ଯେଉଁଠାରେ ପହଞ୍ଚିଲେ 'ମୁଁ ଆଉ ମୁଁ' ହୋଇ ନଥିବି । ଦୁଇଖଣ୍ଡ କରି କାଟି ହୋଇଯାଇଥିବି । ଏମିତି ଗୋଟିଏ ମସୟ ଆସେ ଜୀବନରେ, ଯେଉଁ ସମୟ ପାଖରେ ପହଞ୍ଚିବାର ବିଭ୍ରମ ଜଣେ ଜୀବନର ଅଧାରାସ୍ତାରେ... । କବି ଜଣେ ସଂସାରୀ ମଣିଷ । ଘରକରଣା, ସଣ୍ଣା ଭିତରେ ଆବଦ୍ଧ । ଏକଥା ଜାଣି ମଧ୍ୟ ତଥାପି ତାଙ୍କୁ ଦେଖାଯାଉଛି ସେ ମାୟାର ଭୂମି । ସେ ମାୟାଭୂମିରେ କଅଂଳ ଗଜା ମାଡିଛି ମୋର ଗୋଟିକ ପରେ ଗୋଟିଏ ସ୍ୱପ୍ନ । କବିଙ୍କ ଭାଷାରେ :

"ଦୂର ଉପତ୍ୟକାର ଛାତିରେ
ଶସ୍ୟର କଅଁଳ ଗଢ଼ା ପରି
ମୋର ସ୍ୱପ୍ନ ଗୋଟି ଗୋଟି
ଭୂଇଁରେ ଗାରକାଟି
ମୁଁ ସେମାନଙ୍କ ନାଆଁ ଲେଖେ
ତା'ପରେ ଆଉଁସି ଦିଏ
କେହି ନଥିବା ବେଳରେ,
ସତେକି ସେମାନେ
ବଞ୍ଚିଯିବେ / ମୋରି ଆଉଁସାରେ ।"

ପ୍ରେମ ହି ଜୀବନର ସର୍ବଶ୍ରେଷ୍ଠ ମହତ୍ତର ଉପଲବ୍ଧି । କବିଙ୍କ ପାଇଁ ପ୍ରେମ ହେଉଛି କାମ, ପ୍ରେମ, ପ୍ରଣୟ, ପ୍ରୀତି, ସ୍ନେହ, ଭକ୍ତି, ଅନୁରାଗ, ସମ୍ପର୍କ, ସବୁକିଛି । ଜୀବନର ମହତ୍ତମ ଆନନ୍ଦର ଉତ୍ସ । ପ୍ରେମ ଆଉ ବିରହ ମିଳନ ନିର୍ବିଶେଷରେ ଦୁହିଁଙ୍କର ହୃଦୟାବେଗ ପରମତୃପ୍ତି ପାଇଥାଏ । ସେଥିପାଇଁ କବି କହନ୍ତି :-

"ମୋ ଦେହର
ସବୁଠୁ ଭାବପ୍ରବଣ
ତାର କେତୋଟିରେ
ସ୍ୱର ଫୁଟେ

ତା' ଲହର ଝୁଲିରହେ
ବାୟୁ ମଣ୍ଡଳରେ
କେବେ କହ ସେ ଲହର
ଚମକିବ ଦିଗ୍ ବିଦିଗ
ତୁମକୁ ଛୁଇଁବ
କେତେ ପାଣି କେତେଲୁହ
କେତେକେତେ
ଶବ୍ଦ ବର୍ଷିଗଲେ।"

ଏହି ଦୃଷ୍ଟିରୁ ପ୍ରେମ ଅକ୍ଷୟ, ଅବ୍ୟୟ, ନିତ୍ୟ ପଦାର୍ଥ। ଏହି ପ୍ରେମ ଯେତେବେଳେ ଅବଚେତନ ସ୍ତରରେ ଥିଲା କବି ନିଜକୁ ସମର୍ପି ଦେଇଥିଲେ। ବ୍ୟକ୍ତିଗତ ପ୍ରେମର ସୀମାରେଖା ଯେତେବେଳେ ଅତିକ୍ରମିଲା କବି ସତେଯେମିତି ଆନ୍ତରିକତାକୁ ଆତ୍ମସ୍ଥ କରିଦେଲେ। କବିଙ୍କର ପ୍ରେମ ସାମାଜିକ ବିଧିଗତ କି ବିଧିବର୍ହିଭୂତ ବ୍ୟାପାର ନୁହେଁ। ଅନନ୍ତ କାଳର ସଞ୍ଚିତ ଫଳଶ୍ରୁତି। ଗୋଟିଏ ମୁହୂର୍ତ୍ତରେ ସବୁ ତୁଚ୍ଛ କରି ପ୍ରେମ ପାଇଁ ସର୍ବଶ୍ୱ ତ୍ୟାଗ କରିବା ପାଇଁ ଆଗଭର। ପୁଣି ଗୋଟିଏ ମୁହୂର୍ତ୍ତରେ ପ୍ରେମକୁ ପରିତ୍ୟାଗ କରିବାକୁ ଆଗ୍ରହୀ। କବିଙ୍କ ଭାଷାରେ

"କେତେଦିନ ଆଉ
ବର୍ଣ୍ଣମାଳା ନଥିବା ଭାଷାରେ
କବିତା ମୁଁ ଲେଖୁଥିବି
କାହିଁକି କହତ
ଯୁଗ ପରେ ଯୁଗ
ମୋ ମୂଳକୁ
ଗଛର ଚେର ସହିତ
ବାନ୍ଧି ଦେଇଥିବି
କ'ଣ ପାଇଁ
ସବୁ ତୁଚ୍ଛ କରି
ଗୋଡ଼କାଢ଼ି ଚାଲିଯିବି
ପୁଣି ଏକୁଟିଆ
ଲଙ୍ଗଳା କ୍ଷେତରେ
ଘାସଖିଏ ପରି ଥରୁଥିବି
ନିଜର ରକ୍ତକୁ
ନିଜେ ଚାଖୁଥିବି
ପୁଣି ତୁମେ
ତୁମ ସାଙ୍ଗେ
ହାତଧରି ଡ଼ାକି ନେଲେ
ପୃଥ୍ୱୀ ଡ଼େଇଁ
ଚାଲିଯାଉଥିବି।"

ପ୍ରେମରେ ଉତ୍ତୀର୍ଣ୍ଣତା ଓ ମିଳନର ଚରିତାର୍ଥତା କବିତାରେ ଉପଲବ୍ଧ। ସେଥିପାଇଁ କବି ଯେମିତି ସେ ପ୍ରେମକୁ ଝୁରି ହେଉଛନ୍ତି। ବିରହ ଦୁଃଖ କବିଙ୍କ ପାଇଁ ଶ୍ରେୟସ୍କର। କବିତାର ପ୍ରତିଟି ପଂକ୍ତି ଭିତରେ ଏହି ଚେତନା ଅତି ସୁନ୍ଦର ଭାବେ ରୂପ ପାଇଛି।

## ୪.୬ ଟାଣି ନଉଚ କୁଆଡ଼େ (ପାଠ)

ଟାଣି ନଉଚ କୁଆଡ଼େ
ଏଣେ ମୋର ଘର ସଂସାର, ବେଭାର
ଅଯତ୍ନ ପଡ଼ିରହିଲା
କୋଉ ସ୍ୱପ୍ନରେ ବିଭୋର
ଟାଣିନଉଚ ଏମିତି
ହାତଛାଡ଼ –
ତୁମ ସ୍ୱପ୍ନର ଧମନୀରେ
ବୋହୁଥିବା ରକ୍ତ
ହେଇପାରେ ମୋର
ସତକୁହ, ପୃଥ୍ୱୀ ଡେଇଁଗଲେ
କୋଉ ଶୂନ୍ୟତାର
ସିଂହାସନରେ
ମତେ ନେଇ ବସେଇବ ?
ଏଠାରେ ଯେ
ମୋ ହୃଦୟର
ଗଭୀରତମ ପ୍ରପାତରେ
ଅଜସ୍ର ଲୁହ
ଖସିପଡୁଚି ତୁମର
କ୍ଷଣିକ ହାହାକାର ତୁମେ
ଚିତ୍ରମୟ ଧୂଳି,
ସମୟର କେଉଁ ବିନ୍ଦୁରେ ମୁଁ
ତୁମକୁ ଭେଟିବି –
ଭେଟିଲେ ହିଁ କଟିଯିବି
ତତ୍କ୍ଷଣାତ୍
ଦୁଇଖଣ୍ଡ କାଟି ହେଇଯିବି ।
ପରିଚିତ ସମୟର
କୌଣସି ବିନ୍ଦୁରେ ତେଣୁ
ତୁମସହ ଭେଟହେବା
ଅସମ୍ଭବ

ଏ କଥା ଜାଣି ବି
ମୁଁ କେମିତି
ଘରକରଣା, ସଣ୍ଢଣା
ସବୁଛାଡ଼ି
ତୁମ ସାଙ୍ଗେ ବାହାରୁଚି !
ଦୂର ଉପତ୍ୟକାର ଛାତିରେ
ଶସ୍ୟର କଅଁଳଗଜା ପରି
ମୋର ସ୍ୱପ୍ନ ଗୋଟି ଗୋଟି
ଭୂଇଁରେ ଗାରକାଟି
ମୁଁ ସେମାନଙ୍କ ନାଆଁ ଲେଖେ
ତା'ପରେ ଆଉଁସି ଦିଏ
କେହି ନଥିବା ବେଳରେ,
ସତେକି ସେମାନେ
ବଞ୍ଚିଯିବେ
ମୋ'ରି ଆଉଁସାରେ ।
ମୋ ଦେହର
ସବୁଠୁଁ ଭାବପ୍ରବଣ
ତାର କେତୋଟିରେ
ସ୍ୱରଫୁଟେ
ତା' ଲହର ଝୁଲିରହେ
ବାୟୁମଣ୍ଡଳରେ
କେବେ କହ ସେ ଲହର
ଚମକିବ ଦିଗ୍‌ବିଦିଗ
ତୁମକୁ ଛୁଇଁବ
କେତେ ପାଣି କେତେଲୁହ
କେତେକେତେ
ଶବ୍ଦ ବର୍ଷିଗଲେ ?
କେତେଦିନ ଆଉ
ବର୍ଣ୍ଣମାଳା ନଥିବା ଭାଷାରେ

କବିତା ମୁଁ ଲେଖୁଥିବି
କାହିଁକି କହତ
ଯୁଗପରେ ଯୁଗ
ମୋ ମୂଳକୁ
ଗଛର ଚେର ସହିତ
ବାନ୍ଧିଦେଇଥିବି
କ'ଣ ପାଇଁ
ସବୁ ତୁଚ୍ଛକରି
ତୁମ ସାଙ୍ଗେ
ଗୋଡ଼କାଢ଼ି ଚାଲିଯିବି
ପୁଣି ଏକୁଟିଆ
ଲଙ୍ଗଳା କ୍ଷେତରେ
ଘାସଖିଏ ପରି ଥରୁଥିବି -
ନିଜର ରକ୍ତକୁ
ନିଜେ ଚାଖୁଥିବି
ପୁଣି ତୁମେ
ହାତଧରି ଡାକିନେଲେ
ପୃଥ୍ୱୀଡେଇଁ
ଚାଲିଯାଉଥିବି।

## ୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧) ସଂକ୍ଷିପ୍ତ ଉତ୍ତରମୂଳକ ଶବ୍ଦ।**

(କ) ତନ୍ମୟଧୂଳି ସଂକଳନର ଟାଣିନେଉଚ କୁଆଡ଼େ। କବି ପ୍ରତିଭାଙ୍କର ରୋମାଣ୍ଟିକ୍ ପ୍ରବଣତା। ସଂପର୍କରେ ଆଲୋଚନା କର।

(ଖ) ଟାଣିନେଉଚ କୁଆଡ଼େ କବିତାର ମୁଖ୍ୟ ବୈଶିଷ୍ଟ୍ୟ କ'ଣ।

(ଗ) କବି ପ୍ରତିଭା ଶତପଥୀଙ୍କର କାବ୍ୟିକ ଆଭିମୁଖ୍ୟ ସଂପର୍କରେ ବିଚାର କର।

(ଘ) ଚଳନ୍ତି ସମୟର ଜଣେ ପ୍ରତିଭାଶାଳୀ କବି ହେଉଛନ୍ତି କବି ପ୍ରତିଭା ଶତପଥୀ, ଉକ୍ତିଟିର ସତ୍ୟାସତ୍ୟ ନିରୂପଣ କର।

**୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ।**

କ) ପ୍ରତିଭା ଶତପଥୀଙ୍କର ସାରସ୍ୱତ କୃତିର ମୂଲ୍ୟାୟନ କର।

ଖ) ତନ୍ମୟ ଧୂଳି, କବିତା ସଂକଳନରେ 'ଟାଣିନେଉଚ କୁଆଡ଼େ' କବିତାର ଭାବବସ୍ତୁ ନିରୂପଣ କର।

## ୪.୮ ସହାୟକ ଗ୍ରନ୍ଥସୂଚୀ


- ଐତିହ୍ୟ ଓ ଆଧୁନିକତା - ଦାସରଥି ଦାସ
- ସବୁଜରୁ ସାଂପ୍ରତିକ - ନିତ୍ୟାନନ୍ଦ ଶତପଥୀ
- ସତୁରୀରୁ ସହସ୍ରାବ୍ଦୀ - ନିତ୍ୟାନନ୍ଦ ଶତପଥୀ

# ଚତୁର୍ଥ ଏକକ : (ଖ)
# 'ଆକାଶ ପରି ନିବିଡ଼' - ସୌରୀନ୍ଦ୍ର ବାରିକ

## ବିଷୟ ଗଠନ


୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପରିଚୟ

୪.୪ କବି ସୌରୀନ୍ଦ୍ର ବାରିକ

୪.୫ 'କବିତାଟିଏ ଲେଖାହୁଏ' କବିତାର ଆଲୋଚନା

୪.୬ କବିତାଟିଏ ଲେଖା ହୁଏ (ପାଠ)

୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୮ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନର ଉଦ୍ଦେଶ୍ୟ

୧୯୭୦ ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ ସୌରୀନ୍ଦ୍ର ବାରିକ୍ ଜଣେ ସୁନାମଧନ୍ୟ କବି । ସମସାମୟିକ ଅନ୍ୟାନ୍ୟ ସମମନୋଭାବାପନ୍ନ କବିମାନଙ୍କ ପରି ତାଙ୍କ କବିତାରେ ବାସ୍ତବତା ମାଧ୍ୟମରେ ବ୍ୟକ୍ତି ସତ୍ତାର ଅନୁସଂଧାନ ମନୋବୃତ୍ତି ସୁସ୍ପଷ୍ଟ । କବ୍ୟ ସଂଗଠନରେ ଆବେଗିକ ଘନିଷ୍ଠତା ପରିଲକ୍ଷିତ ହୁଏ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା କ୍ଷେତ୍ରରେ ସୌରୀନ୍ଦ୍ରୀୟ କାବ୍ୟ ମାନସ ଏକ ନୂତନ ଦିଗର ସନ୍ଧାନ ଦେଇପାରିଛି । ତଥାକଥିତ ବୌଦ୍ଧିକତାରୁ ନିଜକୁ ଯଥାସମ୍ଭବ ଦୂରେଇରଖି ଅତ୍ୟନ୍ତ ସହଜ ସରଳ ଭାବକୁ ନେଇ କାବ୍ୟ କବିତା ରଚନା କରିଛନ୍ତି । ଏହି ସବୁ ଦୃଷ୍ଟିକୋଣରୁ ସୌରୀନ୍ଦ୍ର କବିତା ପଠନଯୋଗ୍ୟ ବୋଲି ବିବେଚନା କରାଯାଏ ।

## ୪.୨ ଶିକ୍ଷଣୀୟ ବିଷୟ

ଉକ୍ତ ଏକକଟି ଅଧ୍ୟୟନ ଶେଷରେ

- କବି ସୌରୀନ୍ଦ୍ର ବାରିକ ଓ ତାଙ୍କ କବିତା ସଙ୍କଳନ ସହ ପରିଚିତ ହୋଇ ପାରିବା ।
- ଶବ୍ଦ କବିତା ଓ କବି ମଧ୍ୟରେ ଏକ ଅଦେଖା ଯୋଗସୂତ୍ରର ଉପଲବ୍ଧି ପାଇପାରିବା ।
- କବି ହୃଦୟରେ ଅହରହ ମଥା ପିଟୁଥିବା ଶବ୍ଦ ସବୁ ଯେତେବେଳେ ସଜାଡ଼ି ହୋଇଯାଆନ୍ତି ସେତେବେଳେ ଆପେ ଆପେ କବିତାଟିଏ ଲେଖି ହୋଇଯାଏ ବୋଲି ଶିକ୍ଷାଲାଭ ହୁଏ ।

## ୪.୩ ବିଷୟ ପରିଚୟ

ଆଧୁନିକ ଓଡ଼ିଆ କବିତା କ୍ଷେତ୍ରରେ ସପ୍ତମ ଦଶକ ପରବର୍ତ୍ତୀ ସମୟରେ ସୌରୀନ୍ଦ୍ରଙ୍କ ଅନୁପ୍ରବେଶ ଘଟେ। ଏହି ସମୟରେ ଓଡ଼ିଆ କବିତା ପାଶ୍ଚାତ୍ୟ କାବ୍ୟଧାରାର ବିବିଧ ପ୍ରୟୋଗବାଦୀ ଚିନ୍ତାଧାରା ଦ୍ୱାରା ଭାରାକ୍ରାନ୍ତ ହୋଇପଡ଼ିଥିଲା। ଏହାର ପ୍ରଭାବ ଊଣା ଅଧିକେ ସୌରୀନ୍ଦ୍ରଙ୍କ କାବ୍ୟ ଜଗତକୁ ପ୍ରଭାବିତ କରିଛି। ମାତ୍ର ଆଲୋଚ୍ୟ କବିତାରେ ଶବ୍ଦ ଓ କବିତାକୁ ନେଇ କବିଙ୍କର ଉପଲବ୍ଧିର କଥା କବିତାର ବିଷୟ ବସ୍ତୁ। ଶବ୍ଦର ଖେଳ ଖେଳି କବିତା ସର୍ଜନା - କରିଥିବା କବିଙ୍କ ହୃଦୟର କଥାକୁ ନେଇ କବିତାଟି ରଚିତ।

## ୪.୪ କବି ସୌରୀନ୍ଦ୍ର ବାରିକ

କବି ସୌରୀନ୍ଦ୍ର ବାରିକ୍ ୧୯୩୮ ମସିହା ଅକ୍ଟୋବର ମାସ ୩ ତାରିଖରେ ବାରିପଦା ସହରର 'ଅମର୍ଦ୍ଦା' ଗାଁରେ ଜନ୍ମ ଗ୍ରହଣ କରିଥିଲେ। ପିତା-ଦୈତାରୀ ବାରିକ୍ ଓ ମାତା - ଶଙ୍କରୀ ବାରିକ୍। ପିତା ଜଣେ ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ। ମାତା ସୁଗୃହିଣୀ। ପିତା ରାଇରଙ୍ଗପୁର ହାଇସ୍କୁଲ୍‌ର ଶିକ୍ଷକ ଥିଲେ। ଘରୋଇ ଶିକ୍ଷାଦାନ ପରେ ସୌରୀନ୍ଦ୍ରଙ୍କର ପାଠପଢ଼ା ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ଚତୁର୍ଥ ଶ୍ରେଣୀଯାଏ ରାଇରଙ୍ଗପୁରରେ ପଢ଼ିବା ପରେ ସୌରୀନ୍ଦ୍ରାଙ୍କ ବାପା ବାରିପଦା ବଦଳି ହୋଇ ଆସନ୍ତି। ବାରିପଦାରେ ପଞ୍ଚମ ଶ୍ରେଣୀରୁ ମାଟ୍ରିକୁଲେସନ୍ ଯାଏ ଅଧ୍ୟୟନ କରନ୍ତି। ଏହାପରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ଆଇ.ଏ.ସି. ବିଜ୍ଞାନ ଛାତ୍ରଭାବେ ଅଧ୍ୟୟନ କଲେ। ମାତ୍ର ପରବର୍ତ୍ତୀ ସମୟରେ ସ୍ନାତକ (ବି.ଏ) ଶ୍ରେଣୀରେ ବିଜ୍ଞାନ ଛାଡ଼ି କଳାପ୍ରତି ଆଗ୍ରହୀ ହୋଇଥିଲେ।

**ନିଜ ସଂପର୍କରେ କବି ନିଜେ କହନ୍ତି :**

"ଆମ ଘରକୁ ଲୋକେ ମାଷ୍ଟ୍ରିଆ ଘର ବୋଲି କହୁଥିଲେ। ବାପା ଚାହୁଁଥିଲେ ପୁଅ ମୋର ଡାକ୍ତର ହେଉ। ଲୋକଙ୍କ ସେବା କରୁ। ମାଷ୍ଟର ଚାକିରିର ବା କି ରୋଜଗାର ଅଛି। କିନ୍ତୁ ଗୋପନରେ ବିଜ୍ଞାନ ପ୍ରତି ମୋର ଆଦୌ ଇଚ୍ଛା ନଥିଲା। ମୁଁ ଚାହୁଁଥିଲି ବାପାଙ୍କ ପରି ଶିକ୍ଷକ ହୁଏ। ତେଣୁ ଆଇ.ଏ.ସି. ରେ ଭଲ ନମ୍ବର ରଖି ନଥିବାରୁ କଳା ପ୍ରତି ଆଗ୍ରହୀ ହେଲି।" (ସାକ୍ଷାତକାର, ପର୍ବ.୧୯ ଫେବୃ.୨୦୦୪) ସ୍ନାତକ (ବି.ଏ) ଶ୍ରେଣୀରେ ଇଂରାଜୀ ସମ୍ମାନ ସହ ରେଭେନ୍‌ସା ମହାବିଦ୍ୟାଳୟରେ ନାମ ଲେଖାଇଲେ। ଏହି ସମୟରେ ବହୁ ଇଂରାଜୀ ସାହିତ୍ୟିକଙ୍କ ସୃଷ୍ଟି ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଲେ। ସେ ସମୟରେ ବିଖ୍ୟାତ ସମାଲୋଚକ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତିଙ୍କ ପ୍ରଜ୍ଞା ପତ୍ରିକା କଟକରୁ ପ୍ରକାଶ ପାଉଥିଲା। 'ପ୍ରଜ୍ଞା' ପତ୍ରିକାରେ ପ୍ରଥମେ ସୌରୀନ୍ଦ୍ରଙ୍କର 'ଜହ୍ନରାତି' ଶୀର୍ଷକ କବିତା ପ୍ରକାଶ ପାଇଥିଲା। ଏହାପରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟରେ ପ୍ରଥମେ ଅଧ୍ୟାପକ ଭାବେ ଯୋଗ ଦେଲେ। ଦୀର୍ଘ ଛଅବର୍ଷ କାଳ ସେଠାରେ ଅଧ୍ୟାପନା କରିବା ପରେ ୧୯୬୫ ମସିହାରେ ସୁଶ୍ରୀ ରମା ବାରିକଙ୍କୁ ବିବାହ କଲେ। ସମୟକ୍ରମେ ସରକାରୀ ମହାବିଦ୍ୟାଳୟ ସୁନ୍ଦରଗଡ଼,ଗଙ୍ଗାଧର ମେହେର୍ ମହାବିଦ୍ୟାଳୟ, ସମ୍ବଲପୁର, ଭଦ୍ରକ, ଅନୁଗୁଳ, ବକ୍ସି ଜଗବନ୍ଧୁ, ରମାଦେବୀ ମହିଳା ମହାବିଦ୍ୟାଳୟରେ ଅଧ୍ୟପନା କରିଥିଲେ। ଏହାପରେ କଟକ ରେଭେନ୍‌ସା ମହାବିଦ୍ୟାଳୟରେ ପ୍ରାଧ୍ୟାପକ ପଦୋନ୍ନତି ନେଇଥିଲେ। ଏହାପରେ ୧୯୯୬ ମସିହାରେ ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଓଡ଼ିଶା ସରକାରଙ୍କ

ନିର୍ଦ୍ଦେଶକ ଭାବେ କାର୍ଯ୍ୟନିର୍ବାହ କରି କର୍ମମୟ ଜୀବନରୁ ଅବସର ଗ୍ରହଣ କରିଥିଲେ। ଏହି ସମୟରେ ସୌରୀନ୍ଦ୍ର ଏକାଧାରରେ ଜଣେ କବି, ସମୀକ୍ଷକ, ଅନୁବାଦକ ଭାବରେ ପରିଚିତ ହୋଇସାରିଥାନ୍ତି।

୧୯୭୫ ମସିହାରେ କବିଙ୍କର ପ୍ରଥମ କବିତା ବହି 'ସାମାନ୍ୟ କଥନ' ପ୍ରକାଶ ପାଏ। ଏହାପରେ ୧୯୮୧ ମସିହାରେ 'ଉପଭାରତ',୧୯୮୫ରେ 'ଆକାଶ ପରି ନିବିଡ଼',୧୯୯୬ରେ 'ଗୁଣୁଗୁଣୁ ଚିତ୍ରପଟ', ୧୯୮୯ରେ 'ଲୁହଠୁ ବି ଅନ୍ତରଙ୍ଗ',୧୯୯୦ରେ 'ଅନୁଭାରତ', ୧୯୯୧ରେ 'ଆମେଦୁହେଁ',୧୯୯୫ରେ 'ଚହଲା ଛାଇରେ ଘଡ଼ିଏ',୧୯୯୭ରେ 'ପଢ଼ ବା ନପଢ଼',୧୯୯୯ରେ'ହଳଦୀ ବସନ୍ତ',୨୦୦୧ରେ 'ଆମ ଦୁହିଁଙ୍କ କଥା' ଇତ୍ୟାଦି ପ୍ରକାଶ ପାଏ। ୧୯୮୦ ମସିହାରେ 'ସାମାନ୍ୟ କଥନ' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ୧୯୮୮ ମସିହାରେ 'ଆକାଶ ପରି ନିବିଡ଼' ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲେ।

## ୪.୫ 'କବିତାଟିଏ ଲେଖାହୁଏ' କବିତାର ଆଲୋଚନା

'କବିତାଟିଏ ଲେଖାହୁଏ' କବିତା 'ଆକାଶ ପରି ନିବିଡ଼' ସଂକଳନରେ ସ୍ଥାନିତ କବିତା। କବିତାଟିରେ କବିଙ୍କର ଭାବପ୍ରବଣତା ଶବ୍ଦ ଓ କବିତା ମଧ୍ୟରେ ଏକ ଯୋଗସୂତ୍ର ସ୍ଥାପନ କରାଯାଇଛି। କବିଙ୍କ ମତରେ କବିର ସର୍ଜନାର ଅନ୍ତହୁଏ ନାହିଁ। ଯେତେ ଖୋଜିଲେ ବି ଖୋଜିବା ସରେ ନାହିଁ। ପାଇବାର ତୃଷା ମେଣ୍ଟେନାହିଁ। ଭାବପ୍ରବଣତା ମଧ୍ୟ ମରେ ନାହିଁ। ଏସବୁ ଗୁଡ଼ିକ ଲହରୀ ଭଳି ବାରମ୍ବାର ମଥା ପିଟୁଥାନ୍ତି କବିର ହୃଦୟରୂପକ ଉପକୂଳ ମଧ୍ୟରେ। ତେଣୁ ପ୍ରଥମେ କବି ନିଜକୁ ଜଣେ ନିପଟ କବି ଭାବରେ ସ୍ୱୀକାର କରିଛନ୍ତି। ଭଲ ପାଇବାର ଦର୍ପଣରେ ସାରା ସଂସାରକୁ ଦେଖୁଛନ୍ତି। ଶବ୍ଦ ଓ କବିଙ୍କ ମଧ୍ୟରେ ସଂପର୍କ ଖୁବ୍ ନିବିଡ଼। ଏତେ ନିବିଡ଼ ଯେ ଯେଉଁଠାରେ କବିତା ପାଲଟିଯାଏ ଲୁହ ଆଉ ସ୍ୱପ୍ନମେଳା ଶବ୍ଦର ଦର୍ପଣ। ଯେଉଁ ଦର୍ପଣରେ ସାରା ସଂସାରର ମୁହଁ ଦିଶିଯାଏ। କବିଙ୍କ ଭାଷାରେ :-

"ବ୍ରହ୍ମା ବିଲ୍‌ବିଲେଇବାରୁ ସିନା ବେଦ
ନିପଟ କବିଟିଏ ମୁଁ ଖାଲି କବିତା ଲେଖେ।
ସାରା ସଂସାରକୁ ତ ଆବୋରି ନେଇଛି
ଭଲ ପାଇବାର ତାର ବାଡ଼ରେ ଶୋଇ ପଡୁଛି ଯେ
ସ୍ୱପ୍ନ ଦେଖି ବିଲ୍‌ବିଲେଇବି।
ତଥାପି ମୋ ଭିତରେ ଅଜଣା ବ୍ରହ୍ମାଟେ ଶୋଇଥାଏ
ସ୍ୱପ୍ନରେ ବିଲ୍‌ବିଲେଇ ସେ ଚମକି ଉଠିଲେ
ଆଉ ଶୋଇ ହୁଏନି କି ଚାହିଁ ହୁଏନି।" (ପୃ-୩୩)

ଶବ୍ଦ ଏଠି କବିପ୍ରାଣକୁ କଲ୍ଲୋଳିତ କରି ଦେଉଛି। ମେଘ ପରି, ଅଂଧାର ପରି ଘୋଟି ଯାଉଛି। ତାରା ଫୁଲ ପରି ଫୁଟି ଉଠିଛି। ଜୀବନର କ୍ଷୀରାବ୍ଧିରେ ବଞ୍ଚିବା ଶିଖାଉଛି। ଚୋରି କରିନେଇଛି କବି ଆତ୍ମାର ଯନ୍ତ୍ରଣା।

ଶବ୍ଦମାନେ ଅହରହ କବିଙ୍କ ହୃଦୟ ସହିତ ଲୁଚକାଳି ଖେଳନ୍ତି। ପାରାଙ୍କ ଭଳି ଲୋଟଣି ଭାଙ୍ଗନ୍ତି। କବିଙ୍କ ନୀରବତାକୁ ଭଙ୍ଗ କରନ୍ତି। କବି ମଧ୍ୟ ସେମାନଙ୍କ ଇସାରାକୁ ଠିକ୍ ବୁଝୁଛନ୍ତି। ଶବ୍ଦ ସହ ବିଭୋର ହେବାର ମୁହୂର୍ତ୍ତ କବି ସୌରୀନ୍ଦ୍ରଙ୍କ ପାଇଁ ଅନନ୍ୟ ପାଲଟି ଯାଏ ଶବ୍ଦ ମାଧ୍ୟମରେ ସେ ଜୀବନକୁ ବୁଝନ୍ତି ସଂସାରକୁ ବୁଝନ୍ତି। କବିଙ୍କ ଭାଷାରେ:

"ଶବ୍ଦ ସବୁ ଘୋଟି ଯା'ନ୍ତି
ମେଘ ପରି ଅଂଧାର ପରି
ଶବ୍ଦ ସବୁ ଫୁଟି ଉଠନ୍ତି
ତାରାପରି ଫୁଲ ପରି
ସେମାନେ ଲୁଚକାଲି ଖେଳନ୍ତି
ପାରାଙ୍କ ଭଳି ପୁଣି ଲୋଟଣି ଭାଙ୍ଗନ୍ତି
ନୀରବତାର କିଚିରି ମିଚିରିରେ
କାନ ବଧିର କରି ଦିଅନ୍ତି।" (ପୃ-୩୩)

ଶବ୍ଦ କବିଙ୍କୁ ଆଶ୍ୱାସନା ଦିଏ। ସେ ଆଶ୍ୱାସନା ଅଜଣା ପୁଲକ ଭରିଦିଏ। ଆନନ୍ଦରେ ବିଭୋର କରେ। ପ୍ରୀତିର କୁହୁରେ ଦକ୍ଷିଣା ପବନ ପରି ଆତ୍ମହରା ମଧ୍ୟ କରିଦିଏ। ସମୟେ ସମୟେ ଶବ୍ଦକୁ ବାଂଧି ନରଖିପାରିବାର ଦୁଃଖରେ କବି ବିଚଳିତ ହୋଇ ଉଠନ୍ତି। କବି କହନ୍ତି:

"ମୁଁ ଖାଲି ଜଡ଼ ପାଲଟେ ଅଜଣା ପୁଲକରେ
ଆନନ୍ଦରେ ଉଚ୍ଛୁଳି ଉଠେ
ଧରି ନ ପାରିବାର ଅଜବ ଦୁଃଖରେ।" (ପୃ-୩୪)

ପାଇବା - ସଂପର୍କ ଗଢ଼ିବା - ହରାଇବା ଭିତରେ କବି ହୃଦୟର ବିଶ୍ୱକର୍ମା ଜଡ଼ ଶବ୍ଦ ସବୁକୁ ଧରିନେଇ ଖଞ୍ଜିବାରେ ଲାଗିପଡ଼େ। ଅତି ସଯତ୍ନରେ ଖଞ୍ଜିଚାଲେ ଶବ୍ଦ ସବୁକୁ। ଖଂଜିବା ଭାଂଗିବା ଭିତରେ ଶବ୍ଦ ସବୁ ମଧୁକ୍ଷରା ପାଲଟିଯାଆନ୍ତି। ସର୍ଜନାର ଉନ୍ମତ୍ତ ତାଣ୍ଡବ ମଧ୍ୟରେ କବି ଭାଙ୍ଗିବା ଗଢ଼ିବା ମଧ୍ୟରେ ବାରମ୍ବାର ଝୁଣ୍ଟି ପଡ଼ନ୍ତି। ଏଇ ଝୁଣ୍ଟି ପଡ଼ିବା କବିଙ୍କୁ ଯନ୍ତ୍ରଣା ଦିଏନା ବରଂ ଆତ୍ମହରା କରିଦିଏ। ଶେଷରେ ଅଜଣା ସମ୍ଭାବନା ଶବ୍ଦକୁ ନେଇ ତିଆରି ହୋଇଯାଏ। ଶେଷରେ ଶବ୍ଦରୁ ସୃଷ୍ଟ କବିତା ପାଲଟିଯାଏ ସକାଳର ଆଦ୍ୟ ସିନ୍ଦୁରୀକା। ସତେଯେମିତି ସେ ଅମୃତ କଳସ ଧାରୀ। ବ୍ରହ୍ମା ବିଳିବିଳେଇଲେ ଯେମିତି ବେଦ ପାଲଟିଯାଏ ଠିକ୍ ସେମିତି କବି ହୃଦୟରେ ଅହରହ ମଥା ପିଟୁଥିବା ଶବ୍ଦ ସବୁ ଯେତେବେଳେ ସଜାଡ଼ି ହୋଇଯାଆନ୍ତି ସେତେବେଳେ ଆପେ ଆପେ କବିତାଟିଏ ଲେଖି ହୋଇଯାଏ। କବିତାର ଶେଷ ପଂକ୍ତିରେ ଏହି ଭାବ ପ୍ରକାଶିତ।

"ଠିକ୍ ସେତିକିବେଳେ
ମୋ ଭିତରେ ବିଶ୍ୱକର୍ମା କେଉଁଠି ଥାଏ କେଜାଣି
ତଡିତ୍ - ଜଡ ଶବ୍ଦ ସବୁକୁ ଧରିନେଇ

କେତେ ବାଗରେ ଗୋଟିକ ପରେ ଗୋଟେ ଖଂଜେ
ଖଂଜେ, ଭାଂଗେ ପୁଣି ଗଢ଼େ। ଏଇମିତି କରୁକରୁ
କ'ଣ ହୋଇଯାଏ ସେ ବିଶ୍ୱକର୍ମା ଜାଣିପାରେନି
ସେ ବ୍ରହ୍ମା ବି ବୁଝି ପାରେନି।
ବିଲ୍‌ବିଲେଇବା ବେଦ ପାଲଟେ
କବିତାଟିଏ ଲେଖା ହୋଇଯାଏ
ଅକସ୍ମାତ୍ ଧୀରେ ଧୀରେ।"

ଶବ୍ଦର ଇଙ୍ଗିତକୁ କବି ଭିନ୍ନ ଭିନ୍ନ ଢ଼ଙ୍ଗରେ ଅନୁଭବ କରିପାରିଛନ୍ତି। ଶବ୍ଦରେ ଭାଷାକୁ କବିତାରେ ପଂକ୍ତି ମଧ୍ୟରେ ବାଂଧି ରଖିଛନ୍ତି। ଶେଷରେ ଶବ୍ଦ କବିଙ୍କୁ 'ବିଶ୍ୱକର୍ମାରେ' ପରିଣତ କରିଦେଇଛି। ଯେଉଁ ବିଶ୍ୱକର୍ମାଙ୍କ ପାଖରେ ଖାଲି ଗଢ଼ିବାର ଇଛା। ଏହି ଇଛାହି କବିଙ୍କୁ ଶିଖାଇଛି ଜୀବନର ନବ୍ୟ ଅଂଗୀକାର। ଏହାହିଁ 'କବିତାଟିଏ ଲେଖାହୁଏ' କବିତାର ଭାବବସ୍ତୁ।

## ୪.୬ "କବିତାଟିଏ ଲେଖାହୁଏ" (ପାଠ)

ବ୍ରହ୍ମା ବିଲ୍‌ବିଲେଇବାରୁ ସିନା ବେଦ
ନିପଟ କବିଟିଏ ମୁଁ ଖାଲି କବିତା ଲେଖେ।
ସାରା ସଂସାରକୁ ତ ଆବୋରି ନେଇଛି
ଭଲ ପାଇବାର ତାର ବାଡ଼ରେ ଶୋଇ ପାରୁଛି ଯେ
ସ୍ୱପ୍ନ ଦେଖି ବିଲ୍ ବିଲେଇବି।
ତଥାପି ମୋ ଭିତରେ ଅଜଣା ବ୍ରହ୍ମାଟେ ଶୋଇଥାଏ
ସ୍ୱପ୍ନରେ ବିଲ୍‌ବିଲେଇ ସେ ଚମକି ଉଠିଲେ
ଆଉ ଶୋଇ ହୁଏନି କି ଚାହିଁ ବି ହୁଏନି।
ଶବ୍ଦ ସବୁ ଘୋଟି ଯା'ନ୍ତି
ମେଘ ପରି ଅଂଧାର ପରି
ଶବ୍ଦ ସବୁ ଫୁଟି ଉଠନ୍ତି
ତାରା ପରି ଫୁଲ ପରି
ସେମାନେ ଲୁଚକାଳି ଖେଳନ୍ତି
ପାରାଙ୍କ ଭଳି ପୁଣି ଲୋଟଣି ଭାଙ୍ଗନ୍ତି
ନୀରବତାର କିଚିରି ମିଚିରିରେ
କାନ ବଧିର କରି ଦିଅନ୍ତି।
ମୁଁ ଖାଲି ନିଡ଼ ପାଲଟେ ଅଜଣା ପୁଲକରେ
ଆନନ୍ଦରେ ଉଛୁଳି ଉଠେ
ଧରି ନପାରିବାର ଅଜବ ଦୁଃଖରେ।
ଠିକ୍ ସେତିକି ବେଳେ
ମୋ' ଭିତରେ ବିଶ୍ୱକର୍ମା କେଉଁଠି ଥାଏ କେଜାଣି
ତଡ଼ିତ୍ - ଜଡ଼ ଶବ୍ଦ ସବୁକୁ ଧରିନେଇ
କେତେ ବାଗରେ ଗୋଟିକ ପରେ ଗୋଟେ ଖଞ୍ଜେ
ଖଞ୍ଜେ, ଭାଙ୍ଗେ ପୁଣି ଗଢ଼େ। ଏଇମିତି କରୁ କରୁ
କ'ଣ ହୋଇଯାଏ ସେ ବିଶ୍ୱକର୍ମା ଜାଣିପାରେନି
ସେ ବ୍ରହ୍ମା ବି ବୁଝିପାରେନି।
ବିଲ୍‌ବିଲେଇବା ବେଦ ପାଲଟେ
କବିତାଟିଏ ଲେଖା ହୋଇଯାଏ
ଅକସ୍ମାତ୍ ଧୀରେ ଧୀରେ।

## ୪.୭ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

**୧) ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ ।**

(କ) ସୌରୀନ୍ଦ୍ର ବାରିକ୍‌ଙ୍କ କବିତା ସଂକଳନର ସଂପର୍କରେ ଉଲ୍ଲେଖ କର ।

(ଖ) କବିତାଟିଏ ଲେଖାହୁଏ, କବିତାର ବୈଶିଷ୍ଟ୍ୟ କ'ଣ

(ଗ)) କବି ସୈରୀନ୍ଦ୍ର ବାରିକ୍‌ଙ୍କ ଜନ୍ମ ଓ ଜୀବନୀ ସଂପର୍କରେ ସବିଶେଷ ଆଲୋଚନା କର ।

(ଘ) 'କବିତାଟିଏ ଲେଖାହୁଏ' କବିତାର ଭାବବସ୍ତୁ ଆଲୋଚନା କର ।

**୨) ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।**

(କ) 'କବିତାଟିଏ ଲେଖାହୁଏ, କବିତାର ନାମ କରଣର ସାର୍ଥକତା ବିଚାର କର ।

(ଖ) ଶବ୍ଦ କବିତା ଓ କବି ମଧ୍ୟରେ ଏକ ଅଦେଖା ଯୋଗସୂତ୍ର ନିହିତ । ଉକ୍ତିଟିର ଯଥାର୍ଥତା ବିଚାର କର ।

(ଗ) 'କବିତାଟିଏ ଲେଖାହୁଏ' କବିତାର ନିର୍ଯ୍ୟାସ କ'ଣ ସେ ସଂପର୍କରେ ଆଲୋଚନା କର ।

## ୪.୮ ସହାୟକ ଗ୍ରନ୍ଥସୂଚୀ


- 'ଆକାଶ ପରି ନିବିଡ଼' - କବି ସୌରୀନ୍ଦ୍ର ବାରିକ
- 'ସହସ୍ରାଂଶୁ' - ଯତୀନ୍ଦ୍ର ମୋହନ ମହାନ୍ତି ।
- ଅନ୍ୱେଷାର ସ୍ୱର - ସୌରୀନ୍ଦ୍ର ବାରିକ
- ସ୍ୱପ୍ନ, ସଂପର୍କ, ସ୍ୱୀକାରୋକ୍ତି - ପ୍ରମୋଦ କୁମାର ସର ।


❒❒❒